Daily Edition:
RNI No.ODIODI/2010/33791

ଗୁରୁବାର, ୧ ଫେବୃଆରୀ ୨୦୧୮
ଭାଗ ୮ ସଂଖ୍ୟା ୧୬୯

Thursday, 1 February 2018
Volume VIII, Issue No 169

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମକର ୧୯ ; ଫାଲଗୁନ , କୃଷ୍ଣପକ୍ଷ ପ୍ରତିପଦ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥ ଧାମହି
# ଶ୍ରୁତି
SRUTI


ପୂର୍ଣ୍ଣମୀରେ ଦୃଶ୍ୟମାନ ହେଲା ମହାଜାଗତିକ ରକ୍ତ ଜହ୍ନ

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

ପ୍ରସଙ୍ଗ
Email : srutimedia@gmail.com

ବଜେଟରେ ସାଧାରଣ ଲୋକଙ୍କ ଆଶା ଓ ଅପେକ୍ଷାକୁ ଗୁରୁତ୍ୱ ଦେବା ଉଚିତ କି ?

୩୧/୧୦ ଉତ୍ତର

ବିଜେପୁର ଉପନିର୍ବାଚନରେ ଅର୍ଥବଳ ରୋକିବା ସମ୍ଭବ କି ?

ନା ୬୭%
ହଁ ୩୩%

# ମୁଖ୍ୟମନ୍ତ୍ରୀଙ୍କ ମଞ୍ଚକୁ ଅଣ୍ଡାମାଡ ଅଭିଯୋଗରେ
# ମହିଳାଙ୍କୁ ରାସ୍ତାରେ ଘୋଷାଡି ଘୋଷାଡି ନିଷ୍ଠୁର ମାଡ

ବାଲେଶ୍ୱର, ୩୧/୧ (ଶ୍ରୁମି) : ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସଭାରେ ଭାଷଣ ଦେଉଥିବାବେଳେ ତାଙ୍କ ମଞ୍ଚ ଉପରକୁ ଅଣ୍ଡାମାଡ଼ କରାଯାଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଭୋଗରାଇରେ ତଳସାରୀ ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିବାବେଳେ ମଞ୍ଚ ଉପରକୁ ଜଣେ ମହିଳା ୨ଟି ଅଣ୍ଡା ଫିଙ୍ଗି ଥିଲେ । ଏହି ମହିଳା ହେଉଛନ୍ତି ବିଜେପି କର୍ମୀ ଦିଲ୍ଲୀପ କାମିଲାଙ୍କ ପତ୍ନୀ । ଗୋଟାକ ପରେ ଗୋଟାଏ ୨ଟି ଅଣ୍ଡା ସେ ଫିଙ୍ଗିଥିଲେ ମଧ୍ୟ ଏହା ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଉପର ଦେଇ ମଞ୍ଚ ଉପରେ ପଡିଥିଲା । ତେବେ ସଙ୍ଗେ ସଙ୍ଗେ ପୁଲିସ ଓ ସଭାରେ ଉପସ୍ଥିତ ଥିବା ଦଳୀୟ କର୍ମୀ ମହିଳାଙ୍କୁ ସଭାସ୍ଥଳରୁ କାବୁ କରି ପଦାକୁ ଆଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବୁଧବାର ସକାଳୁ ମହିଳାଙ୍କ ସ୍ୱାମୀ ତଥା ବିଜେପି କର୍ମୀ ଦିଲ୍ଲୀପଙ୍କୁ ପୁଲିସ ଅଟକ ରଖିଛି । ଏହାର ପ୍ରତିବାଦରେ ଦିଲ୍ଲୀପଙ୍କ ପତ୍ନୀ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବାକୁ ଏପରି କରିଥିବା ଜଣାପଡିଛି । ଏଥିଯୋଗୁଁ ମହିଳାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ , ପୁଲିସ ଓ ପ୍ରଶାସନିକ ପଦାଧିକାରୀଙ୍କ ଉପସ୍ଥିତିରେ ଅଣ୍ଡାମାଡ କରିଥିବା ଉକ୍ତ ମହିଳାଙ୍କୁ ଘୋଷାରି ଘୋଷାରି ନେବା ସହ ଗଳା ତଣ୍ଟିଆ ଦେଇ ବିଧା , ଗୋଇଠା ମରାଯାଉଥିବା ଦେଖିବାକୁ ମିଳିଛି । ରାସ୍ତାରେ ଉକ୍ତ ମହିଳାଙ୍କୁ କିଛି ପୁରୁଷ ପୁଲିସ କର୍ମୀ ଓ ବିଜେଡି କର୍ମୀମାନେ ମାଡ ମାରୁଥିବା ଅଭାବନୀୟ ଓ ଅମାନବିକ ଦୃଶ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳିଛି । ଏହି ଘଟଣାରେ ବିଜେପି ପକ୍ଷରୁ କୁହାଯାଇଛି ଯେ, ଦଳ ହିଂସାରେ ଓ ହିଂସାତ୍ମକ ପ୍ରଦର୍ଶନରେ ବିଶ୍ୱାସ କରେ ନାହିଁ । କିନ୍ତୁ ଉକ୍ତ ମହିଳା ଏପରି କି'ବଡ ଅପରାଧ କରିଦେଲେ ଯେ, ତାଙ୍କୁ ଦ୍ରୌପଦୀଙ୍କ ଭଳି ଘୋଷାଡି ଘୋଷାଡି ରାସ୍ତାରେ ନେବା ସହ ନିର୍ମମ ମାଡ ମରାଗଲା ? ଏହି ଘଟଣାକୁ ଦଳ ତୀବ୍ର ନିନ୍ଦା କରିଛି । ଏହି ପ୍ରସଙ୍ଗ ଅତି ଅମାନବୀୟ ହୋଇଥିବାରୁ ବିଜେଡି ଚାପଗ୍ରସ୍ତ ହୋଇ କହିଛି ଯେ, ଲୋକମାନେ ଉତ୍ତ୍ୟକ୍ତ ହୋଇ ଉକ୍ତ ମହିଳାଙ୍କୁ ମାଡ ମାରିଛନ୍ତି । ଏଥିରେ ଦଳର କିଛି ଭୂମିକା ନାହିଁ । ଉକ୍ତ ମହିଳାଙ୍କୁ ପୁରୁଷ ପୁଲିସ ଓ ବିଜେଡି କର୍ମୀମାନେ ମାଡ ଓ ଦୁର୍ବ୍ୟବହାର କରିବା ପ୍ରସଙ୍ଗରେ ବିଜେଡି କହିଛି ଘଟଣାର ପୁଲିସ ତଦନ୍ତ କରିବ । ପ୍ରକାଶ ଥାଉକି ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିରୋଧ ଓ କଳାପତାକା ପ୍ରଦର୍ଶନ କରାଯାଉଥିବାରୁ ବିଜେପି କର୍ମୀ ଦିଲ୍ଲୀପ କାଳେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବେ ସେହି ଆଶଙ୍କାରେ ପୁଲିସ ତାଙ୍କୁ ଆଗୁଆ ଉଠାଇ ନେଇଥିଲା । ନିଜ ସ୍ୱାମୀଙ୍କ ପାଇଁ ମହିଳା ଜଣକ ଏଭଳି ପ୍ରତିବାଦ କରିଥିବାରୁ ତାଙ୍କୁ ଶାସକ ବିଜେଡିର କର୍ମୀମାନେ ଯେଉଁଭଳି ଆକ୍ରମଣ କରିଛନ୍ତି ତାହାକୁ ସମଗ୍ର ରାଜ୍ୟର ବୁଦ୍ଧିଜୀବୀ ଓ ଜନସାଧାରଣ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଅପରପକ୍ଷରେ ପୁଲିସ ସଫେଇ ଦେଇ କହିଛି ଯେ, ଉକ୍ତ ମହିଳାଙ୍କୁ ପୁଲିସ ମାଡ ମାରି ନଥିଲା । ବରଂ ଉତ୍ତ୍ୟକ୍ତ ଜନତାଙ୍କ କବଳରୁ ରକ୍ଷା କରିବାକୁ ଉଦ୍ୟମ କରିଥିଲା ।



## ଖେଲୋ ଇଣ୍ଡିଆ ପ୍ରତିଯୋଗିତା' ଉଦଘାଟିତ



ନୂଆଦିଲ୍ଲୀ, ୨୯/୧ (ଏଜେନ୍ସି) :ପ୍ରଥମ ଖେଲୋ ଇଣ୍ଡିଆ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗୀତା ବୁଧବାର ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମଠାରେ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷର ଏହି ପ୍ରଥମ ଜାତୀୟ ସ୍କୁଲ କ୍ରୀଡାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୋଦି ▶୩ ପୃଷ୍ଠାରେ

## ଏକକାଳୀନ ନିର୍ବାଚନକୁ ଟିଆରଏସ୍ ଓ ଜେଡିୟୁର ସମର୍ଥନ

ହାଇଦ୍ରାବାଦ, ୩୧/୧ (ଏଜେନ୍ସି) : ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି (ଟିଆର୍‌ଏସ୍) ଜେଡିୟୁ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରସଙ୍ଗରେ ବିଜେପିକୁ ସମର୍ଥନ କରିଛନ୍ତି । ଟିଆର୍‌ଏସ୍ ସାଂସଦ ଏ.ପି.ଜିତେନ୍ଦ୍ର ରେଡ୍ଡୀ କହିଛନ୍ତି ଯେ, ବିଜେପିର ପ୍ରସ୍ତାବକୁ ଆମେ ସମର୍ଥନ କରୁଛୁ । ବାରମ୍ବାର ନିର୍ବାଚନ ଦ୍ୱାରା ଶାସନ ଓ ପ୍ରଶାସନ ବିକାଶମୂଳକ କାର୍ଯ୍ୟ ▶୩ ପୃଷ୍ଠାରେ

## ବୈଶ୍ୱିକ ଗଣତନ୍ତ୍ର ସୂଚକାଙ୍କରେ ଭାରତ ୪୨ତମ ସ୍ଥାନରେ

ନୂଆଦିଲ୍ଲୀ, ୩୧/୧ (ଏଜେନ୍ସି) : ବୈଶ୍ୱିକ ଗଣତନ୍ତ୍ର ସୂଚକାଙ୍କରେ ଭାରତ ୪୨ତମ ସ୍ଥାନକୁ ଖସିଆସିଛି । ଗତବର୍ଷ ଭାରତ ୩୨ତମସ୍ଥାନରେ ଥିଲା । ୧୬୫ଟି ଦେଶକୁ ନେଇ କରାଯାଇଥିବା ଏହି ସର୍ଭେରେ ନରୱେ ପ୍ରଥମ ସ୍ଥାନରେ ଅଛି । ନିର୍ବାଚନପ୍ରକ୍ରିୟା, ରାଷ୍ଟ୍ରର ବହୁଳତା, ନାଗରିକଙ୍କ ସ୍ୱାଧିନତା, ସରକାରଙ୍କ ଶାସନ, ରାଜନୈତିକ ଅନ୍ତର୍ଭୁକ୍ତି ଓ ସଂସ୍କୃତି ଭଳି ▶୩ ପୃଷ୍ଠାରେ

## ଆଜି କେନ୍ଦ୍ର ବଜେଟ୍-୨୦୧୮-୧୯

# ଆୟକର ସୀମା ଉପରେ ନଜର

ନୂଆଦିଲ୍ଲୀ, ୨୯/୧ (ଏଜେନ୍ସି) : ଫେବୃଆରୀ ୧ତାରିଖରେ କେନ୍ଦ୍ର ବଜେଟ୍ ୨୦୧୮-୧୯ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ । ବିମୁଦ୍ରାୟନ ଓ ଜିଏସଟି ପରିପ୍ରେକ୍ଷୀରେ ଚଳିତ ବଜେଟ୍ ପ୍ରତି ଲୋକଙ୍କ ଉତ୍ସୁକତା ରହିଛି । ଚଳିତ ବଜେଟ୍‌ରେ ବିଭିନ୍ନ କ୍ଷେତ୍ରରେ କର ଛାଡ଼ ହୋଇପାରେ ବୋଲି ଆଶା ପ୍ରକାଶ ପାଇଛି । ବିମୁଦ୍ରାୟନ ଯୋଗୁଁ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥା ପରିପ୍ରେକ୍ଷୀରେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କର୍ପୋରେଟ କର ହ୍ରାସ ନିଷ୍ପତ୍ତି ନେଇ ପାରନ୍ତି ବୋଲି ଅର୍ଥନୀତିଜ୍ଞମାନେ ଆଶା ପ୍ରକାଶ କରିଛନ୍ତି । ତେବେ ଜିଏସଟି (ଦ୍ରବ୍ୟ ଓ ସେବା କର) ଲାଗୁ ହେବା ପରେ କର୍ପୋରେଟ ସଂସ୍ଥା ଟିକସ ହାର ହ୍ରାସ ପାଇଁ ଦାବି କରୁଛି । ସାଧାରଣତଃ ଗୋଟିଏ ବର୍ଷର ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ କର ସଂଗ୍ରହରୁ ହେଉଥିବା ଆୟକୁ ନେଇ ସେହି ବର୍ଷର ବିଭିନ୍ନ ବିଭାଗ ପାଇଁ ବ୍ୟୟ ବରାଦ ହୋଇଥାଏ । ପ୍ରତ୍ୟକ୍ଷ (ବ୍ୟକ୍ତିଗତ ଏବଂ କମ୍ପାନୀ) କର ନେଇ କୌଣସି ଅସୁବିଧା ନ ଥିବାବେଳେ ଜିଏସଟିରେ କେନ୍ଦ୍ର ସରକାରଙ୍କ ଅଂଶ ସାମାନ୍ୟ ହ୍ରାସ ପାଇଥିବାରୁ କିଛିଟା ଦ୍ୱନ୍ଦ୍ୱ ରହିଛି ।

ସେହିପରି ଚଳିତ ବଜେଟ୍‌ରେ ଆୟକର ଛାଡ଼ ସୀମାକୁ କୋହଳ କରି ବାର୍ଷିକ ୨.୫ଲକ୍ଷରୁ ୩ଲକ୍ଷ ଟଙ୍କା କରାଯିବା ନେଇ ଲୋକେ ସର୍ବାପେକ୍ଷା ଅଧିକ ଆଶାବାଦୀ ରହିଛନ୍ତି । ଆୟକର ସୀମାକୁ ଅଧିକ କରାଯିବା ଏବଂ ଗୃହଋଣ ସମେତ ବିଭିନ୍ନ କ୍ଷେତ୍ରରେ ସୁଧ ହାର ହ୍ରାସ ପାଇଁ ବିଭିନ୍ନ ପରାମର୍ଶ



ଆସିଥିବା ଏବଂ ସରକାର ଏ ଦିଗରେ ଗୁରୁତର ସହ ଚିନ୍ତା କରୁଥିବା କୁହାଯାଉଛି । ବିମୁଦ୍ରାୟନ ଯୋଗୁଁ ମାନ୍ଦା ପଡିଥିବା ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏବଂ ବଜେଟ୍ ପରେ ପରେ ୪ଟି ରାଜ୍ୟର ବିଧାନସଭା ନିର୍ବାଚନ ଥିବାରୁ ସରକାର ଏହି ପଦକ୍ଷେପ ନେବେ ବୋଲି ଅର୍ଥନୀତିଜ୍ଞମାନେ ଆଶା ବାନ୍ଧିଛନ୍ତି । ସୂଚନା ଯୋଗ୍ୟ ଯେ ସଂପ୍ରତି ୨.୫ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ କୌଣସି କର ପଡୁନଥିବାବେଳେ ୨.୫ରୁ ୫ଲକ୍ଷ ୧୦%, ୧୦ଲକ୍ଷ ପର୍ଯ୍ୟନ୍ତ ୨୦%, ୧କୋଟି ପର୍ଯ୍ୟନ୍ତ ୩୦% ଆୟକର

# ସରକାରଙ୍କ ମୁଣ୍ଡକୁ ବିଛା କାମୁଡିଲା

## କୁନ୍ଦୁଲି ଘଟଣାର ତଦନ୍ତ କରିବ ରାଷ୍ଟ୍ରୀୟ ମାନବାଧିକାର କମିଶନ
## ବିଚାର ବିଭାଗୀୟ କମିଶନଙ୍କ ତଦନ୍ତ ପରିସର ବୃଦ୍ଧି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୧/୧ (ଶ୍ରୁମି) : ରାଷ୍ଟ୍ରୀୟ ମାନବାଧିକାର କମିଶନ କୁନ୍ଦୁଲି ଘଟଣାର ତଦନ୍ତ କରିବେ ବୋଲି ସୂଚନା ମିଳିଛି । ଗଣଦୁଷ୍କର୍ମ ଅଭିଯୋଗ ସହ କେଉଁ ପରିସ୍ଥିତିରେ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟା କଲେ ତାହାର ତଦନ୍ତ କରିବ ରାଷ୍ଟ୍ରୀୟ ମାନବାଧିକାର କମିଶନର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ । ଏହି ଟିମକୁ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି । ଅପରପକ୍ଷେ ରାଜ୍ୟ ମାନବାଧିକାର କମିଶନଙ୍କୁ ମଧ୍ୟ ଏନ୍‌ଏଚ୍‌ଆର୍‌ସି ରିପୋର୍ଟ ତଲବ କରିଛନ୍ତି । କୁନ୍ଦୁଲି ପୀଡ଼ିତାଙ୍କ ଆତ୍ମହତ୍ୟା ଘଟଣା ଏବେ ରାଜ୍ୟର ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଥିବାବେଳେ ତାଙ୍କ ଅନ୍ତଃବସ୍ତ୍ର ଓ ବଳାତ୍କାର ସମ୍ପର୍କିତ ତଥ୍ୟ ସହ ଖେଳ କରାଯାଉଥିବା ଅଭିଯୋଗ କରାଯାଉଥିବାରୁ କ୍ରାଇମ୍‌ବ୍ରାଞ୍ଚ ପୋଲିସ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ଫୋରେନସିକ୍ ଲ୍ୟାବ୍‌ର ଯାଞ୍ଚକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଅଭିଯୋଗ ପ୍ରକାଶ ପାଉଥିବାରୁ ନମୂନାର ସାନି ଯାଞ୍ଚ ପାଇଁ ପୁଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏହାକୁ କୋଲକାତା ସ୍ଥିତ ସେଣ୍ଟ୍ରାଲ ଲ୍ୟାବ୍‌କୁ ପଠାଯାଇଛି । ଅପରପକ୍ଷରେ କୁନ୍ଦୁଲି ଗଣ ଦୁଷ୍କର୍ମ ଘଟଣାରେ ରାଷ୍ଟ୍ରୀୟ ମାନବାଧିକାର କମିଶନ ହସ୍ତକ୍ଷେପ କରିବା ସହ ନିଜେ ତଦନ୍ତ କରିବାକୁ କହିବା ପରେ ରାଜ୍ୟ ସରକାରଙ୍କ ମୁଣ୍ଡକୁ ବିଛା କାମୁଡିଛି ।

ତେଣୁ ପୀଡିତାଙ୍କ ଆତ୍ମହତ୍ୟାର ଏତେ ଦିନ ପର୍ଯ୍ୟନ୍ତ ଚୁପ ହୋଇ ବସିଥିବା ରାଜ୍ୟ ସରକାର ବୁଧବାର ଅପରାହ୍ନରେ ତରବରିଆ ଭାବେ ତଦନ୍ତ କରୁଥିବା ବିଚାର ▶୩ ପୃଷ୍ଠାରେ

## ବିରୋଧୀ ଦଳ ପଦ ହରାଇବେ ନରସିଂହ !

ଭୁବନେଶ୍ୱର ,୩୧/୧(ଶ୍ରୁମି) : ବିରୋଧୀ ଦଳ ନେତା ନରସିଂହ ମିଶ୍ର ବିରୋଧୀ ଦଳ ପଦ ହରାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟ ବିଧାନସଭାରେ ମୋଟ ୧୪୭ଟି ଆସନ ରହିଛି । ଏଥିରେ ବିରୋଧୀ ଦଳ ନେତା ହେବାକୁ ହେଲେ ସମ୍ପୃକ୍ତ ବିରୋଧୀ ଦଳ ନିକଟରେ ଅତି କମରେ ୧୫ଟି ଆସନ ରହିବା ଦରକାର । ୨୦୧୪ ବିଧାନସଭା ନିର୍ବାଚନରେ ବିଜେଡିକୁ ୧୧୭ , କଂଗ୍ରେସକୁ ୧୬ ଓ ବିଜେପିକୁ ୧୦ଟି ଆସନ ମିଳିଥିଲା । ହେଲେ ପୂର୍ବରୁ ବିଜେପୁରର କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ସୁନ୍ଦରଗଡ କଂଗ୍ରେସ ବିଧାୟକ ଯୋଗେଶ ସିଂହଙ୍କ ସଭ୍ୟ ପଦକୁ ରଦ୍ଦ ଘୋଷଣା କରିଛନ୍ତି ଓଡିଶା ହାଇକୋର୍ଟ । ତେଣୁ କଂଗ୍ରେସର ସଭ୍ୟପଦ ୧୪କୁ ହ୍ରାସ ପାଇଛି । ଏଭଳି ସ୍ଥିତିରେ କଂଗ୍ରେସ ନିକଟରେ ବିରୋଧୀ ଦଳ ନେତା ପଦ ରହିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ସରକାର ଏହାର ତର୍ଜମା କରିବେ

## ଗୋଡାଇ ଗୋଡାଇ ହାଣିଲେ



ପୁରୀ, ୩୧/୧ (ଶ୍ରୁମି) : ଦିନ ଦ୍ୱିପହରରେ ବିଟ୍ ରାସ୍ତାରେ କିଛି ଦିନ ତଳେ ବାଲେଶ୍ୱରରେ ଜଣେ ଯୁବକଙ୍କୁ ୨ ଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ । ଠିକ୍ ଅନୁରୂପ ଘଟଣା ଏବେ ପୁରୀରେ ଘଟିଛି । ଏଭଳି ଲୋମଟାଙ୍କୁରା ଦୃଶ୍ୟ ପୁରୀର ବନମାଳୀପୁର ବ୍ରିଜ୍ ଛକ ନିକଟରେ ଲୋକଙ୍କୁ ଆତଙ୍କିତ କରିଦେଇଛି । ମୃତକ ଜଣକ ହେଉଛନ୍ତି ଚନ୍ଦନପୁର ଥାନା ବୀର ହରେକୃଷ୍ଣପୁର ଗୋଲାସାହିର ଅର୍ଜ୍ଜୁନ ବରାଳ (୩୮) । ▶୩ ପୃଷ୍ଠାରେ



## ପ୍ରଥମ ପୃଷ୍ଠାରୁ...

### ଖେଲୋ ଇଣ୍ଡିଆ ପ୍ରତିଯୋଗିତା ...

କହିଛନ୍ତି ଯେ, ଅଳ୍ପ ବୟସରୁ ପ୍ରତିଭା ଅନ୍ୱେଷଣ କରି ସେମାନଙ୍କୁ ବିଶ୍ୱସ୍ତରୀୟ ତାଲିମ୍ ସୁବିଧା ଦେଇ ସମର୍ଥ ଖେଳାଳି ଭାବେ ଗଢ଼ି ତୋଳିବାକୁ ଉଦ୍ୟମ ହେବା ଉଚିତ । ଆମ ଦେଶରେ ସ୍କୁଲ ଓ କଲେଜ ଶିକ୍ଷା ସହିତ କ୍ରୀଡାକୁ ସମାନ ଗୁରୁତ୍ୱ ଦିଆଯାଇନଥାଏ ।

ଏହି ପ୍ରତିଯୋଗିତା ୮ ଫେବୃୟାରୀ ୨୦୧୮ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ୧୭ ବର୍ଷରୁ କମ୍ ବୟସର ଯୁବ ଛାତ୍ର ପ୍ରତିଭାମାନେ ୧୬ଟି କ୍ରୀଡା ବିଭାଗରେ ଅଂଶଗ୍ରହଣ କରିବେ । ଏହି କ୍ରୀଡା ବିଭାଗଗୁଡିକ ହେଲା - ତୀରଚାଳନା, ଦୌଡକୁଦ, ବ୍ୟାଡମିଂଟନ, ବାସ୍କେଟବଲ, ବକ୍ସିଂ, ଫୁଟବଲ, ଜିମ୍ନାଷ୍ଟିକ୍ସ, ହକି, ଜୁଡୋ, କବାଡି, ଖୋଖୋ, ବନ୍ଧୁକଚାଳନା, ସନ୍ତରଣ, ଭଲିବଲ, ଭାରୋତ୍ତଳନ ଏବଂ କୁସ୍ତିଯୁଦ୍ଧ । ଏହି ପ୍ରତିଯୋଗୀତାରେ ଭାରତର ଯୁବ ପ୍ରତିଭାମାନଙ୍କର କ୍ରୀଡା ନୈପୁଣ୍ୟ ପ୍ରଦର୍ଶିତ ହେବ । ଖେଲୋ ଇଣ୍ଡିଆ ବିଦ୍ୟାଳୟ କ୍ରୀଡାରେ ବିଭିନ୍ନ ବିଭାଗ ପାଇଁ ୧୯୯ଟି ସ୍ୱର୍ଣ୍ଣ, ୧୯୯ଟି ରୌପ୍ୟ ଏବଂ ୨୭୫ଟି ବ୍ରୋ ପଦକ ଲାଗି ପ୍ରତିଯୋଗିତା ହେବ ।

ଦେଶରେ ତୃଣମୂଳ ସ୍ତରରୁ କ୍ରୀଡା ସଂସ୍କୃତିକୁ ଉଜ୍ଜିବିତ କରିବା ଲାଗି ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଭାରତ ଭଳି ବିଶାଳ ଦେଶକୁ ମହାନ କ୍ରୀଡା ପ୍ରତିଭାର ଏକ କେନ୍ଦ୍ର ଭାବେ ଗଢ଼ିବା ଏବଂ ଏଥିଲାଗି ସବୁ ପ୍ରକାର କ୍ରୀଡାର ଆବଶ୍ୟକ ଭିତ୍ତିଭୂମି ଢ଼ାଞ୍ଚା ପ୍ରସ୍ତୁତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଖେଲୋ ଇଣ୍ଡିଆ ଅଭିଯାନ ମାଧ୍ୟମରେ ବିଦ୍ୟାଳୟସ୍ତରରୁ ବାଳ ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଭବିଷ୍ୟତର ଚାମ୍ପିୟନ ରୂପେ ବିକଶିତ କରାଯିବ । ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ପ୍ରମୁଖ କ୍ରୀଡା କ୍ଷେତ୍ରଗୁଡିକ ପାଇଁ ଚିହ୍ନଟ / ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଓ ଯୁବ ପ୍ରତିଭାମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା କରି ୮ ବର୍ଷ ଯାଏଁ କ୍ରୀଡା ବୃତ୍ତି ପ୍ରଦାନ କରାଯିବ ।

### ଆଜି କେନ୍ଦ୍ର ବଜେଟ ....

ପ୍ରଦାନ ବ୍ୟବସ୍ଥା ରହିଛି । ସେହିପର ଆୟକର ଧାରା ୮୦ସି ଅନୁସାରେ ଆୟକର ଛାଡ଼ ସୀମାରେ ୧.୫ଲକ୍ଷରୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇ ପାରେ ବୋଲି ଆଶା କରାଯାଉଛି । ଏହା ଦ୍ୱାରା ଲୋକଙ୍କ ସଞ୍ଚୟ ବୃଦ୍ଧିକୁ ପ୍ରୋତ୍ସାହନ ମିଳିବ । ଆୟକର ସହିତ ଗୃହଋଣ ସମେତ କେତେକ କ୍ଷେତ୍ରରେ ସୁଧହାରକୁ ହ୍ରାସ କରାଯିବା ନେଇ ଲୋକେ ଆଶାବାଦୀ ରହିଛନ୍ତି । ଚଳିତ ବଜେଟରେ ସରକାରଙ୍କ ପାଇଁ ବଡ ସମସ୍ୟା ହୋଇଛି ବିତ୍ତୀୟ ନିଅଣ୍ଟକୁ କାବୁ କରିବା । ଗତବର୍ଷ ବଜେଟରେ ବିତ୍ତୀୟ ନିଅଣ୍ଟକୁ ସରକାର ମୋଟ ଜାତୀୟ ଉତ୍ପାଦ (ଜିଡିପି)ର ୩.୨%କୁ କମାଇ ଆଣିବା ପାଇଁ ପ୍ରସ୍ତାବ ରଖିଥିଲେ । ଏହାର ପୂର୍ବବର୍ଷ ବିତ୍ତୀୟ ନିଅଣ୍ଟ, ଜିଡିପିର ୩.୫% ଥିଲା । କିନ୍ତୁ ଏବେ ଦେଖାଦେଇଛି ଯେ, ଗତ ନଭେମ୍ବର ମାସ ଶେଷ ସୁଦ୍ଧା ସାରା ବର୍ଷରେ ଯେତିକି ଋଣ କରାଯିବା କଥା ତାହା କରାଯାଇସାରିଛି । ଆର୍ଥିକ ବର୍ଷ ଶେଷ ହେବାକୁ ଆହୁରି ୨ମାସ ବାକି ଥିବାରୁ ସରକାର ଆହୁରି ଟ୫୦,୦୦୦ କୋଟି ଋଣ କରିବେ ବୋଲି ଅର୍ଥ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି । ଏହା ହେଲେ ବିତ୍ତୀୟ ନିଅଣ୍ଟ୨୦ ବେସିସ୍ ପଏଣ୍ଟ ଅଧିକ ହେବ । ଗୋଟିଏ ବେସିସ୍ ପଏଣ୍ଟ୍ ହେଉଛି ୦.୦୧ ପ୍ରତିଶତ । ଅର୍ଥାତ୍, ୦.୨% ବିତ୍ତୀୟ ନିଅଣ୍ଟ ଗତବର୍ଷ ବଜେଟ୍‌ରେ ଆକଳନ କରାଯାଇଥିବା ୩.୨%ରୁ ଅଧିକ ହେବ । ଏହି ଯେଉଁ ନିଅଣ୍ଟ ବୃଦ୍ଧି ହେଉଛି ତାହାର କାରଣ ସରକାରଙ୍କର ବଦଖର୍ଚ୍ଚ ଅବା ଅତିରିକ୍ତ ଖର୍ଚ୍ଚ ନୁହେଁ । ଏହାର କାରଣ ହେଉଛି ଜିଏସଟି । ଗତ ଜୁଲାଇ ୧ରେ ଯେଉଁ ଜିଏସ୍‌ଟି ଲାଗୁ ହେଲା ତଦ୍ୱାରା ସରକାରଙ୍କ ରାଜସ୍ୱ ଆଦାୟ କମିଯାଇଛି । କେନ୍ଦ୍ର ସରକାର ପ୍ରାୟ ୨୦୦ଟି ପଦାର୍ଥ ଉପରୁ ଟିକସ ହାର କମାଇ ଥିବାରୁ ଟିକସ ଆଦାୟ କମିଯାଇଛି । ଏହାଛଡ଼ା ବିଶ୍ୱ ବଜାରରେ ପେଟ୍ରୋଲ, ଡିଜେଲ୍ ଆଦିର ମୂଲ୍ୟ ବୃଦ୍ଧି ହୋଇଥିବା ହେତୁ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି । ସରକାରଙ୍କ ରାଜସ୍ୱ ଆଦାୟ କମିଯାଇଥିବାରୁ ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରିତ କରି ରଖିବା ପାଇଁ ସରକାର ଖର୍ଚ୍ଚ କାଟ କରନ୍ତୁବୋଲି କେତେକ ଅର୍ଥ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । କିନ୍ତୁ ଅନ୍ୟ କେତେକ ଅର୍ଥ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ଆର୍ଥିକ ଅଭିବୃଦ୍ଧିକୁ ପୁଣି ତ୍ୱରାନ୍ୱିତ କରିବା ପାଇଁ ସରକାର ତାଙ୍କ ଖର୍ଚ୍ଚ କାଟ କରନ୍ତୁ ନାହିଁ । ବରଂ ଲୋକଙ୍କ ହାତକୁ ଅଧିକ ଟଙ୍କା ଦିଅନ୍ତୁ । ବିଶେଷ କରି ଭିତ୍ତିଭୂମି ନିର୍ମାଣ (ରାସ୍ତା, ବନ୍ଦର, ରେଳପଥ, ବିମାନ ବନ୍ଦର) ଇତ୍ୟାଦି କ୍ଷେତ୍ରରେ ଘରୋଇ ଉଦ୍ୟୋଗ ସେତେ ବେଶୀ ଅର୍ଥ ଲଗାଣ କରୁନଥିବାରୁ, ସରକାର ସେ କ୍ଷେତ୍ରରେ ତାଙ୍କର ଘୋଷିତ ଖର୍ଚ୍ଚ ଜାରି ରଖନ୍ତୁ ।

ଇତିମଧ୍ୟରେ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରିତ କରିବା ପାଇଁ ବର୍ତ୍ତମାନର ୧୫ଶ ଅର୍ଥ କମିଶନର ଅଧ୍ୟକ୍ଷ ଏମ୍.କେ. ସିଂହଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟିର ରିପୋର୍ଟରେ କୁହାଯାଇଥିଲା ଯେ,୨୦୨୨-୨୩ ସୁଦ୍ଧା ଦେଶର ବିତ୍ତୀୟ ନିଅଣ୍ଟକୁ ଧୀରେ ଧୀରେ କମାଇ ମୋଟ ଜାତୀୟ ଉତ୍ପାଦ (ଜିଡିପି)ର ୨.୫%ରେ ସୀମିତ ରଖାଯାଉ । ଏହା ଦେଶ ପାଇଁ ଆଶ୍ୱସ୍ତିର ବିଷୟ ହେବ । ତେବେ ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରିତ କରି ରଖିବା ଯେ ଆର୍ଥିକ ସ୍ଥିତିକୁ ଠିକ୍ ରଖିବାର ଏକ ମୁଖ୍ୟ ଉପାୟ ଏଥିରେ ସନ୍ଦେହ ନାହିଁ । ଅଭିବୃଦ୍ଧି ପାଇବାକୁ ହେଲେ ଦେଶର ଅର୍ଥନୀତିକୁ ଠିକ୍ ରଖିବାକୁ ପଡ଼ିବ । ବଦଖର୍ଚ୍ଚ କଲେ ଓ ବାଣ୍ଟିଲେ ହୁଏତ ସୁଫଳ ମିଳିବ ବୋଲି ଆଶା କରାଯାଇପାରେ । କିନ୍ତୁ ଏହାଦ୍ୱାରା ଦରଦାମ ବୃଦ୍ଧି ହେବ ଓ ନୂଆ ଚାକିରୀ ସୃଷ୍ଟି ହେବନାହିଁ । କାରଣ ପୁଞ୍ଜିଲଗାଣକାରୀମାନେ ଏକ ଋଣଗ୍ରସ୍ତ ଦେଶକୁ ଆସିବେ ନାହିଁ, ତେଣୁ ସରକାର ବଜେଟରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଗୁରୁବାର ସ୍ପଷ୍ଟ ହୋଇଯିବ ।

### ଏକକାଳୀନ ନିର୍ବାଚନକୁ ...

ଉପରେ ଧ୍ୟାନ କେନ୍ଦ୍ରିତ କରିପାରୁନାହାନ୍ତି । ଗତ ୨୯ ତାରିଖରେ ସଂସଦରେ ବଜେଟ୍ ଅଧିବେଶନର ପ୍ରାରମ୍ଭରେ ରାଷ୍ଟ୍ରପତି ରାମନାଥ କୋବିଦ ଏକକାଳୀନ ନିର୍ବାଚନ ସପକ୍ଷରେ ମତ ଦେଇଥିଲେ । ଏକକାଳୀନ ନିର୍ବାଚନ ହେଲେ ସମୟ ଓ ଅର୍ଥ ଉଭୟ ସଞ୍ଚୟ କରାଯାଇପାରିବ ବୋଲି ସେ କହିଥିଲେ । ସେହିପରି କେନ୍ଦ୍ର ସରକାରଙ୍କ ଏଭଳି ପ୍ରସ୍ତାବକୁ ଜେଡିୟୁ ମଧ୍ୟ ସମର୍ଥନ କରିଛି । ଏହାର ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି ଯେ, ନିର୍ବାଚିତ ସରକାରଙ୍କୁ କାମ କରିବାକୁ ଅଧିକ ସମୟ ମିଳିବ । ତେବେ ଏଥିପାଇଁ ସମସ୍ତଙ୍କ ସହମତି ଲୋଡ଼ା । ଏହାଦ୍ୱାରା ମାନବସମ୍ବଳ ଉପରେ ବୋଝ କମିବ ଓ ନିର୍ବାଚନ ଖର୍ଚ୍ଚ ହ୍ରାସ ଦ୍ୱାରା ଦେଶର ଆର୍ଥିକ ବୋଝ ମଧ୍ୟ ହ୍ରାସ ପାଇବ ।

### ବୈଶ୍ୱିକ ଗଣତନ୍ତ୍ର ...

ବିଭିନ୍ନ ପ୍ରସଙ୍ଗକୁ ନେଇ ଏହ ସର୍ଭେ କରାଯାଇଥାଏ । ଏହି ତାଲିକାରେ ଯୁକ୍ତରାଷ୍ଟ୍ର ଆମରିକା ୨୧ ତମ ସ୍ଥାନରେ ରହିଛି । ନରୱେ, ଆଇଲ୍ୟାଣ୍ଡ, ସ୍ୱିଡେନ୍, ନ୍ୟୁଜିଲାଣ୍ଡ, ଡେନମାର୍କ, ଆୟରଲ୍ୟାଣ୍ଡ, କାନାଡା, ଅଷ୍ଟ୍ରେଲିଆ, ଫିନ୍‌ଲ୍ୟାଣ୍ଡ ଓ ସୁଇଜରଲ୍ୟାଣ୍ଡ ଏହି ତାଲିକାରେ ଯଥାକ୍ରମେ ୧ରୁ ୧୦ମ ସ୍ଥାନରେ ଅଛନ୍ତି । ସିରିଆ ୧୬୬ ଓ ଉତ୍ତର କୋରିଆ ସବୁଠୁ ଶେଷରେ ୧୬୭ ସ୍ଥାନରେ ରହିଛି ।

### ଗୋଡାଇ ଗୋଡାଇ ...

ଘଟଣାସ୍ଥଳରେ ସଦରଥାନା ପୋଲିସ ଓ ଚନ୍ଦନପୁର ଥାନାଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଆଜି ସକାଳେ ଅର୍ଜ୍ଜୁନ ତାଙ୍କ ଝିଅକୁ ସ୍କୁଲ୍‌ରେ ଛାଡ଼ି ବାଇକ୍‌ରେ ଫେରୁଥିବାବେଳେ ତାଙ୍କ ଘର ଠାରୁ ମାତ୍ର ୧କି.ମି. ଦୂର ବନମାଳୀପୁର ବ୍ରିଜ୍ ଛକ ନିକଟରେ କେତେକ ଦୁର୍ବୃତ୍ତ ହଠାତ୍ ଖଣ୍ଡାରେ ତାଙ୍କୁ ହାଣିବାକୁ ଉଦ୍ୟମ କରିଥିଲେ । ଜୀବନ ବଞ୍ଚାଇବାକୁ ଯାଇ ଅର୍ଜ୍ଜୁନ ବାଇକ୍ ଫୋପାଡ଼ି ଦୌଡ଼ି ପଳାଇ ଯାଉଥିଲେ । କିନ୍ତୁ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଗୋଟିଏ ପରେ ଗୋଟିଏ ଚୋଟ ମାରିଚାଲିଥିଲେ । ଫଳରେ ଶେଷରେ ଖଣ୍ଡବିଖଣ୍ଡିତ ଶରୀରଟି ଛଟପଟ ହୋଇ ରାସ୍ତାରେ ନିସ୍ତେଜ ହୋଇଯାଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସିଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣ ଅର୍ଜ୍ଜୁନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ପୂର୍ବ ଶତ୍ରୁତା କାରଣରୁ ଏହି ନାରକୀୟ ହତ୍ୟାକାଣ୍ଡ ଘଟିଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି ।

### କୁନ୍ଦୁଲି ଘଟଣାର ତଦନ୍ତ କରିବ ରାଷ୍ଟ୍ରୀୟ

ବିଭାଗୀୟ କମିଶନଙ୍କୁ ତଦନ୍ତର ପରିସର ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତରେ କୁନ୍ଦୁଲି ପୀଡିତାଙ୍କ ଆତ୍ମହତ୍ୟା ପ୍ରସଙ୍ଗକୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

# ବେଆଇନ୍ ଖଣି ଉତ୍ତୋଳନକାରୀଙ୍କ ପ୍ରତି ସରକାରଙ୍କ ଅହେତୁକ ଅନୁକମ୍ପା : ବିଜେପି

ଭୁବନେଶ୍ୱର, ୩୧/୧ (ଶ୍ରୁମି) : ଖଣି ଲିଜଧାରୀଙ୍କ ଉପରେ ଜୋରିମାନା ଆଦାୟ ନେଇ ମାନ୍ୟବର ସୁପ୍ରିମ କୋର୍ଟଙ୍କ କଡା ଆଭିମୁଖ୍ୟ ରାଜ୍ୟ ସରକାରଙ୍କର ବେଆଇନ ଖଣି ଉତୋଳନକାରୀ ଲିଜଧାରୀଙ୍କ ପ୍ରତି ଅହେତୁକ ଅନୁକମ୍ପାକୁ ସ୍ପଷ୍ଟ କରୁଛି ବୋଲି ବିଜେପି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଗଣମାଧ୍ୟମକୁ କହିଛନ୍ତି ।

ଯେତେବେଳେ ମାନ୍ୟବର ସୁପ୍ରିମ କୋର୍ଟ ବେଆଇନ ଖଣି ଉତୋଳନକାରୀ ମାନଙ୍କୁ କଠୋରତାର ସହିତ ଜୋରିମାନା ପ୍ରଦାନ ପାଇଁ ତାଗିଦ କରିବା ସହ ଜୋରିମାନା ନ ଦେଲେ ସରକାର ସମ୍ପତି ଜବତ କରି ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ସେତେବେଳେ ରାଜ୍ୟର ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କେଉଁ ମୁହଁରେ ବନ୍ଦ ଖଣି ମାଲିକ ମାନେ ଜୋରିମାନା ଦେଇ ନାହାନ୍ତି କହିବା ଭଳି ଶବ୍ଦ ପାଟିରେ ଉଚ୍ଚାରଣ କରିଛନ୍ତି ବୋଲି ଶ୍ରୀମତୀ ସାମନ୍ତ ସିଂହାର ପ୍ରଶ୍ନ କରିଛନ୍ତି ।

ଶ୍ରୀମତୀ ସାମନ୍ତ ସିଂହାର କହିଛନ୍ତି ଯେ, ତୃତୀୟ ମହଲାର ଛତ୍ରଛାୟା ତଳେ ଥିବା ଅଣ ଓଡିଆ ଖଣି ମାଲିକ ଓ ଖଣି ଖୋଳା କମ୍ପାନୀ ୬୦ : ୪୦




ଭାଗରେ ଅର୍ଥ ଭାଗବଂଟା କରି ଓଡିଶା ରାଜକୋଷ ନୁହେଁ ତୃତୀୟ ମହଲାର ଅଣ ଓଡିଆ ଅଫିସର ଓ ବିଜେଡିର ପାଣ୍ଠିକୁ ମଜବୂତ କରିବା ପାଇଁ ଏପରି କରା ଯାଉଛି ।

ଖୋଦ ରାଜ୍ୟ ସରକାର ରାଜ୍ୟରେ ୬୧ ହଜାର କୋଟି ଟଙ୍କାର ବେଆଇନ ଖଣି ଦୁର୍ନୀତି ନେଇ ଶାହ କମିଶନରେ ସତ୍ୟପାଠ ଦେବା ସହ ସଂପୃକ୍ତ କମ୍ପାନୀ ମାନଙ୍କୁ ନୋଟିସ ଜାରି କରିଥିଲା । ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅପଭ୍ରଂଶ କରି ୬୧ ହଜାର କୋଟି ଟଙ୍କା ବଦଳରେ ୧୭ ହଜାର କୋଟି ଟଙ୍କାରେ ଜୋରିମାନାକୁ ସୀମିତ କରିବାକୁ ସରକାର ଷଡଯନ୍ତ୍ର କରିଛି । ଏହା ସହ ୧୭ କୋଟି ଟଙ୍କା ପରିସରରେ ଆସୁଥିବା କମ୍ପାନୀ ମାନଙ୍କ ମଧ୍ୟରୁ ଅନେକଙ୍କୁ ଅହେତୁକ ଅନୁକମ୍ପା ଓ ଖଣି ମନ୍ତ୍ରୀଙ୍କ ସହାନୁଭୁତିଶୀଳ ବୟାନ ପଛରେ ତୃତୀୟ ମହଲାର ପ୍ରଛନ୍ନ ହାତ ରହିଛି ବୋଲି ଶ୍ରୀମତୀ ସାମନ୍ତ ସିଂହାର ଅଭିଯୋଗ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ମଧ୍ୟ ଉପସ୍ଥିତ ଥିଲେ ।

## ୧୨ରୁ ଦଶମ ଶ୍ରେଣୀ ଧନ୍ଦାମୂଳକ ପ୍ରାକ୍ଟିକାଲ୍ ପରୀକ୍ଷା

କଟକ, ୩୧/୧ (ଶ୍ରୁମି) : ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଧନ୍ଦାମୂଳକ ପ୍ରାକ୍ଟିକାଲ ପରୀକ୍ଷା ଫେବୃଆରୀ ୧୨ରୁ ୧୭ ତାରିଖ ମଧ୍ୟରେ ସଂପୃକ୍ତ ବିଦ୍ୟାଳୟମାନଙ୍କରେ ଅନୁଷ୍ଠିତ ହେବ । ଏହି ପରୀକ୍ଷା ପାଇଁ ଏକ୍ସଟରନାଲ ପରୀକ୍ଷକ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ନିଯୁକ୍ତ ହେବେ । ଏହି ପରୀକ୍ଷକମାନଙ୍କର ନିଯୁକ୍ତି ପତ୍ର ମାଧ୍ୟମିକ ଶିକ୍ଷା ବୋର୍ଡର ଅଫିସିଆଲ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହେଉଅଛି । ଆସନ୍ତା ୭ ତାରିଖରୁ ଏହି ୱେବ ସାଇଟରେ ଆବଶ୍ୟକ ସୂଚନା, ମାର୍କ ଫଏଲ ଏବଂ ଉପସ୍ଥାନ ପୁସ୍ତିକା ଆଦି ଉପଲବ୍ଧ ହେବ । ଏହି ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ଉଭୟ ଅନଲାଇନ୍ ଏବଂ ଅଫ୍ ଲାଇନରେ ପ୍ରେରଣ କରାଯିବ । ଆସନ୍ତା ୧୨ରୁ ୧୭ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପରୋକ୍ତ ୱେବସାଇଟରେ ମାର୍କ ପୋଷ୍ଟିଂର ଅନଲାଇନ୍ ଲିଙ୍କ୍ ଉପଲବ୍ଧ ହେବ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଜଣାଇଛନ୍ତି ।

ସେହିପରି ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା (ପିଏମଏସଟି) ୨୦୧୭ ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷା ପାଇଁ ୪୨୪ଟି କେନ୍ଦ୍ର ହୋଇଥିବା ବେଳେ ଗତ ନଭେମ୍ବର ୭ ତାରିଖ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷା ପାଇଁ ୯୩ ହଜାର ୩୬୦ ଜଣ ପରୀକ୍ଷାର୍ଥୀ ପୀକରଣ କରିଥିବା ବେଳେ ଷ୍ଟେଜ-୧ରେ ୪୮ ହଜାର ୭୯୭ ଜଣ ଏବଂ ଷ୍ଟେଜ-୨ରେ ୪୪ ହଜାର ୫୬୩ ଜଣ ଥିଲେ । ଷ୍ଟେଜ-୧ରେ ୩ ହଜାର ୯୨୩ ଏବଂ ଷ୍ଟେଜ-୨ରେ ୨ ହଜାର ୩୫୧ ଜଣ ଅନୁପସ୍ଥିତ ଥିଲେ । ଏହି ପରୀକ୍ଷାରେ ମୋଟ ୩୦ ଶତାଂଶ ବା ତହିଁରୁ ଅଧିକ ନମ୍ବର ମୋଟ ୨୮ ହଜାର ୭୩୫ ଜଣ ପାଇଛନ୍ତି । ସେମାନଙ୍କ ମଧ୍ୟରେ ଷ୍ଟେଜ-୧ରେ ୧୬ ହଜାର ୮ ଜଣ ଏବଂ ଷ୍ଟେଜ-୨ରେ ୧୨ ହଜାର ୭୨୭ ଜଣ ବୋଲି ଜଣାପଡିଛି । ଏହି ପରୀକ୍ଷା ଫଳ ବୋର୍ଡର ଉପରୋକ୍ତ ୱେବସାଇଟରେ ଉପଲବ୍ଧ ହେଉଛି ବୋଲି ପରୀକ୍ଷା ନିୟନ୍ତ୍ରକ ଜଣାଇଛନ୍ତି ।

## ଦୃଶ୍ୟମାନ ହେଲା ରକ୍ତ ଜହ୍ନ



ଭୁବନେଶ୍ୱର ୩୧/୧ (ଶ୍ରୁମି) : ବୁଧବାର ମାଘ ପୂର୍ଣ୍ଣମୀ ଅବସରରେ ଚନ୍ଦ୍ରଗ୍ରହଣ ସହ ରକ୍ତ ଜହ୍ନ ଦୃଶ୍ୟମାନ ହୋଇଛି । । ଭାରତର ସବୁ ସ୍ଥାନରେ ରାହୁ ଗ୍ରାସ 'ଖ' ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଥିଲା । ଅପରାହ୍ଣ ୫ଟା ୧୮ରୁ ୮ଟା ୪୦ ପର୍ଯ୍ୟନ୍ତ ଚନ୍ଦ୍ର ଗ୍ରହଣ ଦେଖିବାକୁ ମିଳିଥିଲା । ଚନ୍ଦ୍ରଗ୍ରହଣ ପୂର୍ବରୁ ରକ୍ତ ଜହ୍ନ ଦେଖିବାକୁ ମିଳିଥିଲା । କ୍ରମଶଃ ଜହ୍ନ ରକ୍ତିମ ଆଭା ପ୍ରକଟ କରିଥିଲା ।

## କୁନ୍ଦୁଲି ପୀଡିତାଙ୍କ ନମୂନା ପରୀକ୍ଷା ପାଇଁ ସିଏଫଏସ୍‌ଏଲ୍ ପଠାଗଲା

କଟକ, ୩୧/୧ (ଶ୍ରୁମି) : କୁନ୍ଦୁଲି ଗଣ ଦୁଷ୍କର୍ମ ଘଟଣାର ପୀଡିତାଙ୍କର ନମୁନା ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରୀରେ ପରୀକ୍ଷା କରାଯାଇଥିବା ବେଳେ ଏହାର ରିପୋର୍ଟକୁ ନେଇ ଗତ କିଛି ଦିନ ହେଲା ନାହିଁନଥିବା ବିବାଦ ସୃଷ୍ଟି ହେବାରୁ ସେସବୁ ନମୁନାକୁ ପୁଣି ଥରେ ପରୀକ୍ଷା ପାଇଁ କୋଲକତା ସ୍ଥିତ କେନ୍ଦ୍ରୀୟ ଫରେନସିକ୍ ସାଇନ୍ସ ଲାବୋରେଟୋରୀ(ସିଏଫଏସଏଲ)କୁ ପଠାଯାଇଛି ବୋଲି କ୍ରାଇମବ୍ରାଂଚ ଏସପିଙ୍କ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ ଯେ, ଏହି ପୀଡିତାଙ୍କର ଗଣଦୁଷ୍କର୍ମ ସଂପର୍କିତ ଏତଲା ଆଧାରରେ କୋରାପୁଟ ଜିଲ୍ଲା ପଟାଙ୍ଗୀ ଥାନାରେ ଗତ ବର୍ଷ ଅକ୍ଟୋବର ୧୦ ତାରିଖରେ ୧୦୨/୨୦୧୭ ନମ୍ବର ମକଦ୍ଦମା ରୁଜୁ ହୋଇଥିଲା । ମାମଲାର ତଦନ୍ତ ଚାଲିଥିବା ବେଳେ ଏହାର ତଦନ୍ତ ଭାର କ୍ରାଇମବ୍ରାଂଚକୁ ଦିଆଯାଇଥିଲା । ଫଳରେ ଗତ ବର୍ଷ ନଭେମ୍ବର ୮ ତାରିଖରେ କ୍ରାଇମବ୍ରାଂଚ ଥାନାରେ ୨୦/୨୦୧୭ ନମ୍ବର ମକଦ୍ଦମା ରୁଜୁ ହୋଇଥିଲା । ତେବେ ଜିଲ୍ଲା ପୁଲିସର ତଦନ୍ତକାରୀ ଅଫିସର୍ ପୀଡିତାଙ୍କର ବସ୍ତ୍ର ଆଦି ବିଭିନ୍ନ ନମୁନା ସଂଗ୍ରହ କରି ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରେଟୋରୀ(ଏସଏଫଏସଏଲ)କୁ ପରୀକ୍ଷା ପାଇଁ ପଠାଇଥିଲେ । ସେସବୁ ନମୁନାକୁ ଉପଯୁକ୍ତ ଭାବେ ପରୀକ୍ଷା କରି ଏସଏଫଏସଏଲ ପକ୍ଷରୁ ଗତ ବର୍ଷ ଅକ୍ଟୋବର ୨୩ ତାରିଖରେ କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଏସଡିଜେଏମଙ୍କ କୋର୍ଟକୁ ପଠାଯାଇଥିଲା । ତେବେ ସେହି ପରୀକ୍ଷା ରିପୋର୍ଟର ସତ୍ୟତା ଉପରେ ପ୍ରଶ୍ନ କରି କିଛି ଗଣମାଧ୍ୟମରେ ବିଭିନ୍ନ ବାଦ ବିବାଦ ପ୍ରସାରିତ ହୋଇଥିଲା । ତା ପରେ ଏସଏଫଏସଏଲ ନିର୍ଦ୍ଦେଶକ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଅଦାଲତଙ୍କୁ ପଠାଯାଇଥିବା ଫାଇନାଲ ରିପୋର୍ଟ ସଠିକ୍ ବୋଲି ଦର୍ଶାଇଥିଲେ । ତେବେ ଏସଏଫଏସଏଲ ରିପୋର୍ଟର ସତ୍ୟତାକୁ ନେଇ ପ୍ରଶ୍ନ ଚିହ୍ନ ଉଠିବା ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ରାଜ୍ୟ ପୁଲିସ ଡିଜି ଡା. ଆର ପି ଶର୍ମା ଗତ ୨୭ ତାରିଖରେ ପୀଡିତାଙ୍କର ସଂଗୃହୀତ ନମୁନା ସବୁକୁ ପୁନଃ ପରୀକ୍ଷା ପାଇଁ କୋଲକାତାସ୍ଥିତ ସିଏଫଏସଏଲକୁ ପଠାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ କ୍ରାଇମବ୍ରାଂଚରେ ରୁଜୁ ହୋଇଥିବା ମାମଲାର ତଦ'କାରୀ ଅଫିସର ମାନ୍ୟବର ଅଦାଲତଙ୍କ ଅନୁମତି କ୍ରମେ ସେସବୁ ନମୁନାକୁ ଗତ ୩୦ ତାରିଖରେ କୋଲକାତାସ୍ଥିତ ସିଏଫଏସଲକୁ ପୁନଃ ପରୀକ୍ଷା ପାଇଁ ପଠାଇଛନ୍ତି । ସେଠାରୁ ରିପୋର୍ଟ ଆସିବା ପରେ ସୃଷ୍ଟି ହୋଇଥିବା ବିବାଦ ଓ ଆଶଙ୍କା ଦୂର ହେବ ବୋଲି ଆଶା କରାଯାଉଛି ।

## ଏଆଇଜି ସନ୍ତୋଷ ମହାନ୍ତିଙ୍କ ଅବସର

କଟକ, ୩୧/୧ (ଶ୍ରୁମି) : ) ଦୀର୍ଘ ୩୬ ବର୍ଷରୁ ଅଧିକ କାଳ ଓଡିଶା ପୁଲିସ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ କରିଥିବା ୧୯୮୧ ବ୍ୟାଚ୍‌ର ସନ୍ତୋଷ କୁମାର ମହାନ୍ତି ଆଜି ସହକାରୀ ଆରକ୍ଷୀ ମହାନିରୀକ୍ଷକ(ତଟ ସୁରକ୍ଷା) ପଦରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କ ସହିତ ବରିଷ୍ଠ ସହାୟକ ଅନ୍ନଦା ଶଙ୍କର ମହାନ୍ତି ମଧ୍ୟ ଆଜି ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପୁଲିସ ମୁଖ୍ୟାଳୟର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀଙ୍କ ଗହଣରେ ରାଜ୍ୟ ଡିଜିପି ଡା. ଆର ପି ଶର୍ମା ଉଭୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

ସେହିପରି ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଡିଏସପି ଭରତ ଚନ୍ଦ୍ର ସେଠୀ ମଧ୍ୟ ଆଜି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଭିଜିଲାନ୍ସ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଫିସର ଓ କର୍ମଚାରୀଙ୍କ ଉପସ୍ଥିତିରେ ବିଭାଗୀୟ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଶ୍ରୀ ସେଠୀଙ୍କୁ ମାନପତ୍ର ଆଦି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ତାଙ୍କ କର୍ମମୟ ଜୀବନ ସଂପର୍କରେ ସମ୍ୟକ୍ ସୂଚନା ଦେଇଥିଲେ ।

## ରେଭେନ୍ସା ଗଣ୍ଡଗୋଳ ଘଟଣା: ଆହତଙ୍କ ଡାକ୍ତରୀ ପରୀକ୍ଷା

କଟକ, ୩୧/୧ (ଶ୍ରୁମି) : ଗତ ୨୯ ତାରିଖ ରାତିରେ ରେଭେନ୍ସା ପରିସରରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଆହତ ଏତଲାକାରୀ ସିଦ୍ଧାର୍ଥ କୁମାର ଅଗ୍ରୱାଲଙ୍କର ଆଜି ମାଲଗୋଦାମ ଥାନା ପୁଲିସ ସ୍ଥାନୀୟ ସିଟି ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରାଇଥିବା ବେଳେ ତାଙ୍କ ଶରୀରରେ ଆଘାତ ଜନିତ କୌଣସି ଚିହ୍ନ ନାହିଁ ବୋଲି ସଂପୃକ୍ତ ଡାକ୍ତର ସ୍ପଷ୍ଟ କରିଦେଇଥିବାର ପୁଲିସ ସୂତ୍ରରୁ ପ୍ରକାଶ । ଏତଲାକାରୀ ଶ୍ରୀ ଅଗ୍ରୱାଲ ଗତ ୩୦ ତାରିଖରେ ମାଲଗୋଦାମ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଥିଲେ ଯେ, ୨୯ ତାରିଖ ରାତି ପ୍ରାୟ ୮ଟା ୨୫ ମିନିଟରେ ସେ ସ୍ଥାନୀୟ ମାର୍କେଟରୁ ରେଭେନ୍ସା ପରିସରକୁ ଫେରୁଥିବା ବେଳେ ସୟିଦ୍ ଆବ୍ରାର ଅଲ୍ଲୀ ନାମକ ବି.କମ୍ ତୃତୀୟ ବର୍ଷର ଜଣେ ସିନିଅର ଛାତ୍ର ତାଙ୍କୁ ସାଇକୋଲୋଜି ବିଭାଗ ଆଗରେ ଘଂଟାଏରୁ ଉର୍ଦ୍ଧ୍ୱ କାଳ ଅଟକାଇ ନିର୍ଯାତନା ଦେଇଥିଲେ । ସୟିଦ ଅଲ୍ଲୀ ତାଙ୍କ ଅଂଟାରେ ବାଡିରେ ପିଟିବା ସହିତ ଗାଲକୁ ଗୋଟିଏ ଚାପୁଡା ଦେଇଥିଲେ । ଏପରିକି ତାଙ୍କୁ ଆଣ୍ଠେଇବାକୁ ମଧ୍ୟ କୁହାଯାଇଥିଲା । ଅମରେଶ ସାମଲ, ବିନୟ ଗୁପ୍ତା, ପ୍ରତୀକ ଦୀକ୍ଷିତ ଆଦି ପୁରାତନ ଛାତ୍ରମାନଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଥିଲା । ଏହିସବୁ ପୁରାତନ ଛାତ୍ରମାନେ ନିୟମିତ ଭାବେ ରେଭେନ୍ସା ପରିସରକୁ ଅଶାନ୍ତ କରୁଥିବାର ସେ ତାଙ୍କ ଏତଲାରେ ଉଲ୍ଲେଖ କରି ବିହିତ ପଦକ୍ଷେପ ଗ୍ରହଣ ପୂର୍ବକ ତାଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଶ୍ରୀ ଅଗ୍ରୱାଲ ଦେଇଥିବା ଏତଲା ଆଧାରରେ ମାଲଗୋଦାମ ଥାନା ପୁଲିସ ଆଇପିସିର ୩୪୧, ୩୨୩, ୫୦୬ ଓ ୩୪ ଦଫାରେ ୨୩/୨୦୧୮ ନମ୍ବର ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ଫେରାର ରହିଥିବା ଜଣାପଡିଛି । ଅନ୍ୟପକ୍ଷରେ ଏହା ଏକ ପୂର୍ବ ଶତ୍ରୁତା ଏବଂ ପାରସ୍ପରିକ ବିବାଦ ଆଧାରିତ ଗଣ୍ଡଗୋଳ ହୋଇଥିବାରୁ ଏହା ଆଦୌ ର୍‍ୟାଗିଂ ନୁହେଁ ବୋଲି ମାଲଗୋଦାମ ଥାନା ଆଇଆଇସି ଡିପି ପାତ୍ର ସ୍ପଷ୍ଟ କରିଦେଇଛନ୍ତି ।

## ଲାଞ୍ଚ ନେଇ ରାଜସ୍ୱ ନିରୀକ୍ଷକ ଗିରଫ

କଟକ, ୩୧/୧ (ଶ୍ରୁମି) : ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅନ୍ତର୍ଗତ ଶରଣା ସର୍କଲ୍‌ର ରାଜସ୍ୱ ନିରୀକ୍ଷକ ପ୍ରହ୍ଲାଦ ସାମନ୍ତ ୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଘଟଣାରୁ ପ୍ରକାଶ ଯେ, ମ୍ୟୁଟେସନ କେସ ନମ୍ବର ୧୧୯୦ ଓ ୧୧୯୨/୨୦୧୭ର ଏନକ୍ୱାରୀ ରିପୋର୍ଟ ଚାନ୍ଦବାଲି ତହସିଲଦାରଙ୍କୁ ପ୍ରଦାନ ନିମନ୍ତେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ କଣ୍ଡାଗରଡି ଗ୍ରାମର ବିଶ୍ୱନାଥ ପରିଡାଙ୍କଠାରୁ ୨ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଚାନ୍ଦବାଲି ତହସିଲ ଅନ୍ତର୍ଗତ ଶରଣା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ(ଆରଆଇ) ପ୍ରହଲ୍ଲାଦ ସାମନ୍ତ ଆଜି ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ଅଫିସର୍ ଓ କର୍ମଚାରୀମାନଙ୍କ ହାତରେ ଧରାପଡିଛନ୍ତି । ଶ୍ରୀ ସାମନ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ହେପାଜତରୁ ଏହି ଲାଞ୍ଚ ଟଙ୍କା ଜବତ କରାଯାଇଛି । ତା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଅଫିସ୍ ରୁମ୍, ଚାନ୍ଦବାଲି ଟାଉନରେ ଥିବା ଭଡା ଘର ଏବଂ ଯାଜପୁର ଟାଉନ ଥାନା ଅନ୍ତର୍ଗତ ପଣସାରେ ଥିବା ପୈତୃକ ଘର ଆଦିରେ ଚଢଉ କରାଯାଇ ତଲାସୀ ନିଆଯାଇଥିଲା । ଏସଂପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ରୁଜୁ ହୋଇଥିବା ୫/୨୦୧୮ ନମ୍ବର ମକଦ୍ଦମାର ତଦନ୍ତ ଜାରି ରହିଛି ।

# ତୃତୀୟ ସ୍କର୍ପେନ ବୁଡାଯାହାଜ 'କରଞ୍ଜ'ର ଜଳାବତରଣ

ମୁମ୍ବଇ, ୩୧/୧(ଏଜେନ୍ସି) ବୁଧବାର ମାଜଗାଁଓ ଡକ ସିପ ବିଲ୍ଡର୍ସ ଲିମିଟେଡରୁ ଭାରତୀୟ ନୌସେନା ପାଇଁ ତୃତୀୟ ସ୍କର୍ପେନ ଶ୍ରେଣୀ ବୁଡାଯାହାଜର ଜଳାବତଣର ହୋଇଛି । ଏହି ବୁଡାଯାହାଜର ନାମ 'କରଞ୍ଜ' ରଖାଯାଇଛି ।

ସ୍କର୍ପେନ ଶ୍ରେଣୀର ବୁଡାଯାହାଜ ସ୍ୱଦେଶ ଜ୍ଞାନକୌଶଳରେ ନିର୍ମିତ କରାଯାଇଛି ଏବଂ ଏଥିରେ ଅତ୍ୟାଧୁନିକ ଗୁପ୍ତ ବ୍ୟବସ୍ଥା ସଂଯୁକ୍ତ ରହିଛି । ଏଗୁଡ଼ିକ ହେଉଛି ଅତ୍ୟାଧୁନିକ ଅକୋଷ୍ଟିକ ସାଇଲେନ୍ସିଂ କୌଶଳ ଏବଂ ଶତୃ ଉପରେ ଆକ୍ରମଣ କରିବା ପାଇଁ ଅସ୍ତ୍ରଶସ୍ତ୍ର ଉପଯୋଗ କଳାଭଳି ସୂକ୍ଷ୍ମ ସୁବିଧା । ଟର୍ପେଡୋଜ ଏବଂ ଆଣ୍ଟି-ସିପ ମିଶାଇଲ ମାଧ୍ୟମରେ ପାଣି ତଳୁ ଏଥିରୁ ଶତୃ ଉପରେ ଆକ୍ରମଣ କରାଯାଇ ପାରିବ । ଗୁପ୍ତ ଭାବେ ଏହି ଆକ୍ରମଣର ସୁବିଧା ଯାହାଜକୁ ଅପରାଜେୟ କ୍ଷମତା ପ୍ରଦାନ କରିଥାଏ ଏବଂ ଅନେକ ବୁଡାଯାହାଜ ମାନଙ୍କଠାରୁ ଏହାକୁ ସ୍ୱତନ୍ତ୍ର କରିଥାଏ । ସ୍କର୍ପେନ ବୁଡାଯାହାଜ ଗୁଡ଼ିକୁ ଅନେକ କାର୍ଯ୍ୟରେ ବ୍ୟବହାର କରାଯାଇ ପାରେ । ଏଗୁଡ଼ିକ ମଧ୍ୟରେ ରହିଛି ଆଣ୍ଟି-ସରଫେସ ଯୁଦ୍ଧ, ଆଣ୍ଟି-ସବମେରାଇନ ଯୁଦ୍ଧ, ଗୁପ୍ତ ତଥ୍ୟ ସଂଗ୍ରହ, ମାଇନଲେଇଙ୍ଗ, ଅଞ୍ଚଳ ସର୍ଭେକ୍ଷଣ ଇତ୍ୟାଦି । ନୌସେନା ଷ୍ଟାଫ ମୁଖ୍ୟ ଆଡମିରାଲ ସୁନୀଲ ଲାମ୍ବା ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ



ଥିଲେ । ଭି ଆଡମିନ ଗିରିଶ ଲୁଥ୍ରା, ଏଓସିଅଇନ-ସି, ପଶ୍ଚିମ ନୌସେନା କମାଣ୍ଡ ଆଣ୍ଡ ଭିଆଡମିନ ଡିଏମ ଦେଶପାଣ୍ଡେ, କଣ୍ଟ୍ରୋଲର ଓ୍ୱାରସିପ ପ୍ରଡକ୍ସନ ଆଣ୍ଡ ଆକ୍ୟୁଜିସନ (ସିଡ଼ବ୍ଲୁବି ଆଣ୍ଡ ଏ), ରିଅର ଆଡମିରାଲ ଗୁଇଲାମେ ଡି ଗାରିଡେଲ, ଏସିଆ ପେସିଫିକ ମୁଖ୍ୟ, ଡିଜିଏ ଫ୍ରାନ୍ସ ଏବଂ ଏମଓଡି ଓ ଏମଡିଏଲ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା ଉଚ୍ଚପଦସ୍ଥ ଅଧିକାରୀ ମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ମାଜାଗନ ଡକ ସିପବିଲ୍ଡର୍ସ ଲିମିଟେଡ (ଏମଡିଏଲ) ଦ୍ୱାରା ଗ୍ରହଣ କରାଯାଇଥିବା ଏହି ବୃହତ୍ ଐତିହାସିକ ପଦକ୍ଷେପ ଭାରତ ସରକାରଙ୍କ ବର୍ତମାନର ପ୍ରଚଳିତ କାର୍ଯ୍ୟକ୍ରମ ମେକ ଇନ ଇଣ୍ଡିଆକୁ ଦୃଢ଼ୀଭୁତ କରୁଛି । ଏହି କାର୍ଯ୍ୟକ୍ରମକୁ ପ୍ରତିରକ୍ଷା ଉତ୍ପାଦନ ବିଭାଗ (ଏମଓଡି) ସକାରାତ୍ମକତାର ସହ କାର୍ଯ୍ୟକାରୀ କରୁଛି । 'କରଞ୍ଜ' ନୌସେନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏବେ ଉଭୟ ବନ୍ଦର ଏବଂ ସମୁଦ୍ର ମଧ୍ୟରେ ଏହାର କଡା ପରୀକ୍ଷଣ କରାଯିବ । ୬ଟି ସ୍କୋର୍ପେନ ବୁଡାଯାହାଜର ନିର୍ମାଣ ଏବଂ ବୈଷୟିକ ଜ୍ଞାନକୌଶଳ ସ୍ଥାନାନ୍ତରଣ ପାଇଁ ଏମଡିଏଲ ଚୁକ୍ତିବଦ୍ଧ ରହିଛି ଏବଂ ଏଥିପାଇଁ ଫ୍ରାନ୍ସର ଏକ ନୌସେନା ଗ୍ରୁପ ସହିତ ମିଶି କାର୍ଯ୍ୟ କରୁଛି । ତାଙ୍କ ସମ୍ବୋଧନରେ ଆଡମିରାଲ ଲାମ୍ବା ପ୍ରକାଶ କରିଥିଲେ ଯେ ପ୍ରଥମ ଦୁଇଟି ବୁଡାଯାହାଜ ନିମିତ କର୍ମଚାରୀଙ୍କ ପ୍ରଶିକ୍ଷଣ କ୍ଷେତ୍ରରେ ଯେଉଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା ତାହା ତୃତୀୟ ବୁଡା ଯାହାଜ କ୍ଷେତ୍ରରେ ପରିବର୍ତିତ ହେବ । ସେ ମଧ୍ୟ କହିଥିଲେ ଯେ ତୃତୀୟ ବୁଡାଯାହାଜ ଫଳରେ ନୌସେନା ପ୍ରଶିକ୍ଷଣ ଏବଂ ପ୍ରମାଣ ପତ୍ର ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଆତ୍ମନିର୍ଭରଶୀଳ ହୋଇପାରିବ । ସେ ମଧ୍ୟ କହିଥିଲେ ଯେ ପୁରୁଣା କର ଦେଶକୁ ୧୯୬୯ରୁ ୨୦୦୩ ପର୍ଯ୍ୟନ୍ତ ୩୪ ବର୍ଷ ପାଇଁ ସେବା ପ୍ରଦାନ କରିଛି ଏବଂ ୧୯୭୧ରେ ମଧ୍ୟ ଏହାର ବ୍ୟବହାର କରାଯାଇଛି ।

## ନୀତିଶ୍ଳୋକ

**ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।**
**ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ॥**

**ଆଉ କେତେକ ମନୁଷ୍ୟ ଏସବୁ(ଧ୍ୟାନଯୋଗ, ସାଂଖ୍ୟଯୋଗ, କର୍ମଯୋଗ ଆଦି ସାଧନା) ଜାଣନ୍ତି ନାହିଁ, କେବଳ ଅନ୍ୟମାନଙ୍କ ଠାରୁ (ଜୀବନ୍ମୁକ୍ତ ମହାପୁରୁଷଙ୍କ ଠାରୁ) ଶୁଣିକରି ଉପାସନା କରନ୍ତି । ଏତାଦୃଶ ଶ୍ରବଣପରାୟଣ ମନୁଷ୍ୟ ମଧ୍ୟ ମୃତ୍ୟୁକୁ ଅତିକ୍ରମ କରିଯାଆନ୍ତି ।**

# ଆଶା ଓ ଅପେକ୍ଷା

ଗୁରୁବାର ଅର୍ଥମନ୍ତ୍ରୀ ଅରୁଣ ଜେଟଲି ଚଳିତ ସରକାରର ଅନ୍ତିମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । ବଜେଟ କି ପ୍ରକାର ରୂପ ନେବ ପ୍ରାୟ ସମସ୍ତେ ଅନୁମାନ କରିପାରୁଛନ୍ତି । ଦ୍ରୁତ ଅର୍ଥନୈତିକ ସଂସ୍କାରମୂଳକ ପଦକ୍ଷେପରେ ବ୍ରେକ ଲାଗିବା ନେଇ ଆଶଙ୍କା କରାଯାଉଛି । ବିପକ୍ଷନେତାମାନେ ବିଜେପିକୁ ସୁଟ୍‌ବୁଟ୍‌ର ସରକାର ପୁଞ୍ଜିପତିଙ୍କ ନିର୍ଦ୍ଦେଶରେ ଚାଲୁଛି ବୋଲି ପ୍ରଚାର ଚଳାଇଛନ୍ତି । କିନ୍ତୁ ଏସବୁ ଭିତରେ ୨୦୧୯ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଲୋକପ୍ରିୟ ବଜେଟ ଆଗତ କରିବେ ନାହିଁ ବୋଲି ପୂର୍ବରୁ ସଂକେତ ଦେଇଛନ୍ତି । ଏ ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ସଂସ୍କାରମୁଖି ବଜେଟ ପେସ କରିବେ ବୋଲି ଆଶା କରାଯାଉଛି । ବିଶ୍ୱର ବଡ଼ବଡ଼ ଅର୍ଥନୀତିଜ୍ଞମାନେ କହନ୍ତି ଭାରତରେ ଯଦି ଅର୍ଥନୈତିକ ସଂସ୍କାର ଜାରି ନରୁହେ ତେବେ ଭାରତ ଗରିବ ରେଖା ଉପରକୁ ଯାଇପାରିବନାହିଁ । ବିଗତ ଦଶବର୍ଷର ଆର୍ଥିକ ଗତିବିଧି ଦେଖିଲେ ମନେହୁଏ ଅର୍ଥନୈତିକ ସଂସ୍କାରର ପରିଭାଷା ବଦଳିବା ନିହାତି ଦରକାର ।

ବିଗତ ଦଶ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧିହାର ୭ ପ୍ରତିଶତରୁ ଅଧିକ ଥିଲା । ଭାରତ ଏବେ ୨.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହୋଇଛି । ପ୍ରଶ୍ନଉଠେ ଏତେ ସମ୍ପଦର ଅଧିକାରୀ ହୋଇ ମଧ୍ୟ ଭାରତ ମାନବ ବିକାଶ ସୂଚକାଙ୍କରେ ବିଶ୍ୱର ନିମ୍ନତମ ଗରିବ ରାଷ୍ଟ୍ରଙ୍କ ମଧ୍ୟରେ ଅଛି । ବିଶ୍ୱର ସବୁଠାରୁ ଅଧିକ ନିରକ୍ଷର ଶିଶୁ ଭାରତରେ ଅଛନ୍ତି । ଚାରିଜଣରୁ ଜଣେ ଭାରତୀୟ ମହିଳା ରକ୍ତହୀନତାରେ ପୀଡ଼ିତ । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ପଚାଶ ପ୍ରତିଶତ ଲୋକ ଭୋକିଲା ଅବସ୍ଥାରେ ଶୁଅନ୍ତି । ବିଗତ ପାଞ୍ଚବର୍ଷରେ ଭାରତରେ କୃଷିକ୍ଷେତ୍ରରେ ପ୍ରାୟ ଶୂନ୍ୟ ପ୍ରତିଶତ ରୋଜଗାର ବୃଦ୍ଧି ହୋଇଛି । ୨୦୦୮ ପରେ ଯେତେବେଳେ ଆମେରିକା ଏବଂ ଇଉରୋପର ଅର୍ଥନୀତି କୋମା ଅବସ୍ଥାରେ ଥିଲା, ଭାରତର 'ଜିଡିପି ଗ୍ରୋଥ' ୭%ରୁ ଅଧିକ ଥିଲା । ଏବେ 'ଜିଡିପି ଗ୍ରୋଥ' ୬.୭୫ରେ ପହଞ୍ଚିଛି । ତେଣୁ ମୋଦି 'ଜିଡିପି ଗ୍ରୋଥ'କୁ ଗୁରୁତ୍ୱ ଦେବେ ବୋଲି କିଛି ଆର୍ଥିକ ବିଶେଷଜ୍ଞ ମତ ପ୍ରକାଶ କରୁଛନ୍ତି ।

ଏକ ସୁପରିକଳ୍ପିତ ବଜେଟ ଏବଂ ଏହାର ସଦୁପଯୋଗ ଦେଶର ସାମୂହିକ ବିକାଶରେ ସହାୟକ ହୋଇଥାଏ । ଯେଉଁଦେଶରେ ପ୍ରତ୍ୟେକ ନାଗରିକ ନିଜ ଚେଷ୍ଟା, ସାଧନ ଏବଂ ଆତ୍ମସମ୍ମାନ ସହିତ ରୋଜଗାରକ୍ଷମ ହୋଇପାରେ ସେ ଦେଶର ଅର୍ଥନୀତି ସମୃଦ୍ଧ ହୋଇଥାଏ । ଅଧିକରୁ ଅଧିକ ଲୋକଙ୍କୁ କର୍ମକ୍ଷମ କରିବା ଅର୍ଥନୀତିର ଲକ୍ଷ୍ୟ ହେବା ଦରକାର । କର୍ମକ୍ଷମର ଅର୍ଥନୁହେଁ ଲୋକଙ୍କୁ ଏକ ନିମ୍ନ ରୋଜଗାର କରୁଥିବା ଶ୍ରମିକ ଗୋଷ୍ଠୀରେ ପରିଣତ କରିବା । ଭାରତୀୟଙ୍କୁ ବିଦେଶୀ ପୁଞ୍ଜିପତିଙ୍କ ଶ୍ରମିକ କରିବା ପରିବର୍ତ୍ତେ ଜ୍ଞାନପୁଞ୍ଜିରେ ପରିଣତ କରିବା ଭାରତ ପାଇଁ ଅତି ଆବଶ୍ୟକ । ଏଥିପାଇଁ ୨୦୧୮-୧୯ର ସାଧାରଣ ବଜେଟ ଗବେଷଣା ଓ ଉନ୍ନୟନରେ ଅଧିକ ଧ୍ୟାନ ଦେବା ଦରକାର । ଭାରତ ବିଶ୍ୱ ଜ୍ଞାନପୁଞ୍ଜିକୁ ମାତ୍ର ୨% ଦେଇଥାଏ । ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ସ୍ୱପ୍ନ ସାକାର ହେବ ଯଦି ଭାରତରେ ଗବେଷଣା ଓ ଉନ୍ନୟନର ବିକାଶ ହେବ । ଏହା ଭାରତର ଯୁବ ପିଢି ବୈଶ୍ୱିକ ଶ୍ରମିକ ଗୋଷ୍ଠୀରେ ପରିଣତ ହେବେ । ଆର୍ଥିକ ବିକାଶ କେବଳ ଶିଳ୍ପ ଏବଂ ସେବାକ୍ଷେତ୍ରର ବିକାଶକୁ ବୁଝାଏ ନାହିଁ । ଦେଶର ୧୨୫କୋଟି ଲୋକ ବିଭିନ୍ନ ଅର୍ଥନୈତିକ କ୍ଷେତ୍ରରୁ ନିଜର ଜୀବିକା ନିର୍ବାହ କରିଥାନ୍ତି । ତେଣୁ ସେମାନଙ୍କ ପାଇଁ ସରକାର ଶସ୍ତାରେ ଋଣ ବ୍ୟବସ୍ଥା କରିବା ସହ ସେମାନଙ୍କ ଦ୍ୱାରା ରୋଜଗାର ବୃଦ୍ଧି ପାଇଁ ବ୍ୟବସ୍ଥା କରିବା ଉଚିତ ।

୨୦୧୮-୧୯ ବଜେଟ ସ୍କୁଲ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଦରକାର । ଶିକ୍ଷାର ଲକ୍ଷ୍ୟ ହେବା ଦରକାର କିଭଳି ପିଲାଙ୍କୁ ସେମାନଙ୍କର ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନିବା । ନିଜନିଜର ପ୍ରତିଭା ଅନୁସାରେ ନିଜର ପେସାକୁ ଆବୋରି ନେଲେ ପିଲାଙ୍କୁ ଅନେକ ସମୟ ମିଳେ ନିଜକୁ ପ୍ରତିଷ୍ଠା କରିବାପାଇଁ । ଶିକ୍ଷାର ଲକ୍ଷ୍ୟ ଇଞ୍ଜିନିୟର, ଡକ୍ଟର ଏବଂ ମ୍ୟାନେଜମେଣ୍ଟ ଗୁରୁ ତିଆରି କରିବା ନୁହେଁ । ଶିକ୍ଷାର ଉଦ୍ଦେଶ୍ୟ ଭାରତର ଭବିଷ୍ୟତ ନାଗରିକ କିପରି ଜ୍ଞାନ ସାଥୀରେ ଶାରୀରିକ ଏବଂ ମାନସିକ ଶକ୍ତିପ୍ରାପ୍ତ କରିପାରିବ । ଏକ ଶୃଙ୍ଖଳିତ, ଶିକ୍ଷିତ, ଦୟାଳୁ, ସାହସୀ, ଶାରୀରିକ ଏବଂ ମାନସିକ ଶକ୍ତିରେ ଭରପୂର ଯୁବକ ହିଁ ଦେଶକୁ ଗଠନ କରିପାରିବ । ସ୍ୱଚ୍ଛତା ଆପେଆପେ ଆସିବ । ଝିଅବୋହୂ ରାତିରେ ମଧ୍ୟ ନିଃସଂକୋଚରେ ବୁଲିପାରିବେ । ଦେଶର ଉତ୍ପାଦନ କ୍ଷମତା ବଢ଼ିବ ।

୨୦୧୮-୧୯ ବଜେଟରେ ବିତ୍ତୀୟ ନିଅଣ୍ଟ କାବୁରେ ରହିବା ଉଚିତ । ବିତ୍ତୀୟ ନିଅଣ୍ଟ ଅବସ୍ଥାକୁ ନେଇ କେନ୍ଦ୍ର ସରକାର ଏବେ ଅଡୁଆରେ ପଡ଼ିଛନ୍ତି । ବିତ୍ତୀୟ ନିଅଣ୍ଟ ହେଲା ସରକାର କରୁଥିବା ଋଣ ଉପରେ ଦିଆଯାଉଥିବା ସୁଧକୁ ମିଶାଇ ସରକାର କେତେ ଖର୍ଚ୍ଚ କରୁଛନ୍ତି ତା'ଠାରୁ ତାଙ୍କର ରାଜସ୍ୱ ଆଦାୟ ଯେତେ କମ୍ । ସରକାର ଯଦି ଖର୍ଚ୍ଚ ବେଶି କରିବେ ଓ ଆୟ କମ୍ କରିବେ ତେବେ ଏହି ଅଧିକ ଖର୍ଚ୍ଚ ପାଇଁ ତାଙ୍କୁ ଋଣ କରିବାକୁ ପଡ଼ିବ ଅଥବା ନୂଆ ନୋଟ୍ ଛାପିବାକୁ ପଡ଼ିବ । ନୂଆ ନୋଟ୍ ଛାପିଲେ ବଜାରରେ ଯେତେ ନଗଦ ଟଙ୍କା ଖେଳିବୁଲିବା ଦରକାର ତାକ୍ଷଠାରୁ ଅଧିକ ଟଙ୍କା ଖେଳି ବୁଲିବ । ଏହା ହେଲେ ମୁଦ୍ରାସ୍ଫୀତି ଘଟିବ । ଅର୍ଥାତ୍ ଦରଦାମ ବୃଦ୍ଧି ହେବ । ସରକାର ଯଦି ସେହି ପନ୍ଥା ଗ୍ରହଣ ନକରି ଋଣ କରନ୍ତି ତେବେ ତା' ଉପରେ ଆହୁରି ଅଧିକ ସୁଧ ଦେବାକୁ ପଡ଼ିବ । ସରକାର ଋଣ ଉପରେ ଯେତେ ଅଧିକ ସୁଧ ଦେବେ ସେତେ ବିକାଶ ମୂଳକ କାମ ପାଇଁ ତାଙ୍କ ନିକଟରେ ଅର୍ଥ ରହିବ ନାହିଁ । ବିକାଶ ପାଇଁ ଦରକାର ବିଦେଶୀ ପୁଞ୍ଜି । ବିଦେଶୀ ପୁଞ୍ଜି ଅଧିକ ଆସିବ ଯଦି ପୃଥିବୀର ଆର୍ଥିକ ମାନ ନିର୍ଦ୍ଧାରଣକାରୀ ସଂସ୍ଥା ଯଥା ମୁଡିଜ୍, ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର୍ସ ଓ ଫିଞ୍ଚ୍ ଇତ୍ୟାଦି ଭାରତର ଆର୍ଥିକ ସ୍ଥିତି ଭଲ ଅଛି ବୋଲି ରିପୋର୍ଟ ଦେବେ । ଦେଶର ଋଣ ଭାର ଓ ସୁଧହାର ଅଧିକ ମିଳୁଛି ବୋଲି ସେମାନେ ରିପୋର୍ଟ ଦେଲେ ବିଦେଶୀ ପୁଞ୍ଜିଲଗାଣକାରୀମାନେ ଭାରତରେ ମୂଳଧନ ଲଗାଣ ପାଇଁ ଅର୍ଥାତ୍ ଶିଳ୍ପ ବ୍ୟବସାୟ ପ୍ରତିଷ୍ଠା ପାଇଁ ପଇସା ଖଟାଇବେ ନାହିଁ । ଏହାଛଡ଼ା ଭାରତର ଋଣ ଭାର ଅଧିକ ହେଲେ ଓ ଆର୍ଥିକ ମାନ ନିର୍ଦ୍ଧାରଣକାରୀ ସଂସ୍ଥାମାନେ ଭାରତରେ ପୁଞ୍ଜିଲଗାଣ ପାଇଁ ବାତାବରଣ ସେତେ ଅନୁକୂଳ ନୁହେଁ ବୋଲି ରିପୋର୍ଟ ଦେଲେ, ଭାରତକୁ ଓ ଭାରତରେ ଥିବା କମ୍ପାନୀମାନଙ୍କୁ ବିଦେଶରୁ କମ୍ ସୁଧରେ ଋଣ ମିଳିବ ନାହିଁ । ଋଣ ଉପରେ ଅଧିକ ସୁଧ ଲାଗୁ ହେଲେ ଭାରତରେ ବେପାର କରିବା ପାଇଁ ବିଦେଶୀ ଓ ଏପରିକି ଦେଶୀ କମ୍ପାନୀମାନେ ସେତେ ବେଶୀ ଆଗ୍ରହ ପ୍ରକାଶ କରିବେ ନାହିଁ । ବିଦେଶୀ କମ୍ପାନୀମାନେ ଭାରତରେ ପୁଞ୍ଜିଲଗାଣ ପାଇଁ ଆଗ୍ରହ ପ୍ରକାଶ ନକଲେ ଭାରତର ଆର୍ଥିକ ଅଭିବୃଦ୍ଧି ହେବନାହିଁ ତଥା ଅଧିକ କାମଧନ୍ଦା ସୃଷ୍ଟି ହେବନାହିଁ । ନୂଆ ଚାକିରୀ ସୃଷ୍ଟି ନହେଲେ ବେକାରୀ ଦୂର ହେବନାହିଁ । ବର୍ତ୍ତମାନ ଭାରତବର୍ଷରେ ଯୁବପିଢ଼ି ଯେ କୌଣସି ଚାକିରି ଖୋଜୁନାହାନ୍ତି । ସେମାନେ ଏପରି ଚାକିରୀ ଖୋଜୁଛନ୍ତି ଯେଉଁଥିରେ ଭଲ ଦରମା ମିଳୁଥିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ନିର୍ବାଚନରେ ଲୋକମାନଙ୍କୁ ଆଶ୍ୱାସନା ଦେଇ ଆସିଥିଲେ ଯେ, ଦେଶରେ ନୂଆ କାମଧନ୍ଦା ସୃଷ୍ଟି କରିବେ ଯେମିତି ବେକାରୀ ହଟିବ ଓ ଲୋକମାନଙ୍କ ରୋଜଗାର ବଢ଼ିବ । ଏହି ଲକ୍ଷ୍ୟ କିଛି ପରିମାଣରେ ସଫଳ ହୋଇଛି ସତ କିନ୍ତୁ ସେତେ ବେଶି ହୋଇନାହିଁ ଯାହା ସରକାର ଆଶା କରୁଥିଲେ । ପୃଥିବୀର ଆର୍ଥିକ ମାନ ନିର୍ଦ୍ଧାରଣକାରୀ ସଂସ୍ଥାମାନେ ଭାରତର ସ୍ଥିତି 'ମୋଟାମୋଟି ଭଲ' ବୋଲି କହୁଥିଲେ ମଧ୍ୟ କେହି 'ବେଶ୍ ଭଲ' ବୋଲି କହୁନାହାନ୍ତି । ତେଣୁ ଋଣ କରିବାକୁ କମ୍ କରିବା ମୋଦି ସରକାରଙ୍କ ଲକ୍ଷ୍ୟ ହୋଇଛି । ଋଣ କରିବା କମ୍ କରିବାକୁ ହେଲେ ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବାକୁ ହେବ । ଅତୀତରେ ବାଜପେୟୀଙ୍କ ସରକାର ବେଳେ ବିତ୍ତୀୟ ନିଅଣ୍ଟକୁ ରୋକିବା ପାଇଁ ସରକାର ଗୋଟିଏ ଆଇନ୍ ପ୍ରଣୟନ କରିଥିଲେ ଯାହାକୁ କୁହାଯାଇଥିଲା 'ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ୍ ପରିଚାଳନା ଆଇନ୍'(ଏଫ୍‌ଆରବିଏମ୍) । ଏହି ଆଇନ୍ ଅନୁସାରେ ଖର୍ଚ୍ଚ କରିବାକୁ ନେଇ ସରକାର ନିଜ ହାତକୁ ନିଜେ ବାନ୍ଧିବା ପାଇଁ ଚେଷ୍ଟା କରିଥିଲେ । ପୃଥିବୀର ଅନେକ ଦେଶ ଆଇନ୍‌ମାନ ପ୍ରଣୟନ କରିଛନ୍ତି । ଯେତେବେଳେ ଏହି ଆଇନ୍ ପ୍ରଣୟନ ହେଲା ସେତେବେଳେ ବିତ୍ତୀୟ ନିଅଣ୍ଟ 'ମୋଟ ଜାତୀୟ ଉତ୍ପାଦ' (ଜିଡିପି)ର ୫%ରୁ ଅଧିକ ଥିଲା ଯାହା ଅନେକ ବେଶି ଅଟେ । ଏଫ୍‌ଆରବିଏମ୍ ଆଇନ୍ ଅନୁସାରେ ସରକାର ପ୍ରତିବର୍ଷ ୦.୫% ବିତ୍ତୀୟ ନିଅଣ୍ଟ କମାଇବା ପାଇଁ ନୀତି ଧାର୍ଯ୍ୟ କରିଥିଲେ । ଏମିତି ପ୍ରତିବର୍ଷ କମାଇ କମାଇ ପାଞ୍ଚ ବର୍ଷ ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ୩%କୁ ଖସାଇବା ସରକାରଙ୍କର ଲକ୍ଷ୍ୟ ଥିଲା । ଅର୍ଥାତ୍, ଅନାବଶ୍ୟକ ଖର୍ଚ୍ଚ ଓ ଅତିରିକ୍ତ ଖର୍ଚ୍ଚକୁ ରୋକିବା ସରକାରଙ୍କର ଲକ୍ଷ୍ୟ ଥିଲା । କିନ୍ତୁ ଯେତେବେଳେ ୧୦ ବର୍ଷ ପାଇଁ ଡଃ ମନମୋହନ ସିଂହଙ୍କ ନେତୃତ୍ୱରେ ୟୁପିଏ ସରକାର ଆସିକା, ସେତେବେଳେ ଏହି ଆଇନ୍‌କୁ ସେତେଟା ଗୁରୁତ୍ୱ ଦିଆଗଲା ନାହିଁ । ଇନ୍ଦିରା ଗାନ୍ଧୀଙ୍କ ଅମଳରୁ ବିଭିନ୍ନ ପ୍ରକାର ଜିନିଷ ବାଣ୍ଟି ଓ ବଦଖର୍ଚ୍ଚ କରି ନିର୍ବାଚନ ଜିତିବା କଂଗ୍ରେସ ଦଳର ସଦାବେଳେ ଲକ୍ଷ୍ୟ ରଖି ଆସିଛି । କୃଷି ଋଣ ଛାଡ଼କରିବା, ଶସ୍ତାରେ ବା ମାଗଣାରେ ବିଜୁଳି ଦେବା, ଘରୋଇ ଶିଳ୍ପମାନଙ୍କୁ ବ୍ୟାଙ୍କ ଋଣ ଛାଡ଼ିବା, ସାରା ଦେଶର ଲୋକମାନଙ୍କୁ ଶସ୍ତାରେ ଚାଉଳ, ଗହମ ଆଦି ବାଣ୍ଟିବା ଆଦି ଅନେକ ଅନାବଶ୍ୟକ ଖର୍ଚ୍ଚ ଏହି ସରକାର କରିବା ଫଳରେ ବିତ୍ତୀୟ ନିଅଣ୍ଟ ପୁଣି ବଢ଼ିଲା । କିନ୍ତୁ ନିଅଣ୍ଟକୁ କମାଇବା ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନ୍‌ଡିଏ ସରକାର ଏବେ ଗତ ଚାରିବର୍ଷ ହେଲା ଉଦ୍ୟମ ଜାରି ରଖିଛନ୍ତି । ପୂର୍ବପରି କେନ୍ଦ୍ର ସରକାର ଏବେ ଶସ୍ତା, ମାଗଣାରେ ବାଣ୍ଟିବା ଅବା ବଦଖର୍ଚ୍ଚ କରିବାର ପ୍ରବୃତ୍ତି ପରିହାର କରିଛନ୍ତି । ଏଥର ମଧ୍ୟ ମୋଦି ସରକାର ଶସ୍ତା ଲୋକପ୍ରିୟତା ସାଉଁଟିବାକୁ ଉଦ୍ୟମ ନକରି ଅର୍ଥନୀତିକୁ ମଜବୁତ କରିବା ସହ ଆୟକରଦାତାଙ୍କୁ କିଛି ଟା ରିହାତି ଦେବେ ବୋଲି ଆଶା କରାଯାଉଛି ।

ଭାରତ ଏକ ବିଶାଳ ଦେଶ । ଭାରତୀୟମାନେ ଅନେକ ପ୍ରତିଭାର ଅଧିକାରୀ । ଭାରତର ଅର୍ଥନୈତିକ ସଂସ୍କାର ସମସ୍ତ ପ୍ରତିଭାକୁ ଆଖି ଆଗରେ ରଖି ହେବା ଉଚିତ । ଦେଶର ବିକାଶ କେବଳ ଶାନ୍ତ ବାତାବରଣରେ ହିଁ ସମ୍ଭବ । ସନ୍ତ୍ରାସବାଦ ଏବଂ ଆତଙ୍କବାଦ ଭାରତର ବିକାଶ ରାସ୍ତାରେ ଅନେକ ବାଧାସୃଷ୍ଟି କରିଛି । ଏହାର ଅନ୍ତ ପାଇଁ କଡ଼ା ପଦକ୍ଷେପ ନେବା ସଙ୍ଗେସଙ୍ଗେ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକୀକରଣ ଏବଂ ସମସ୍ତ ଭାରତୀୟ ସ୍କୁଲର ଶିକ୍ଷା ପଦ୍ଧତିକୁ ନିରୀକ୍ଷଣ କରିବା ଉଚିତ । ଏଥରର ବଜେଟ ଖେଳକୁଦ ପାଇଁ ବିଶେଷ ଦୃଷ୍ଟି ଦେବା ଉଚିତ । କାରଣ ୨୦୨୦ରେ ଟୋକିଓ ଅଲିମ୍ପିକସ ଅନୁଷ୍ଠିତ ହେବ । ଏଥି ପାଇଁ ଆମ ହାତରେ ଆଉ ମାତ୍ର ଗୋଟିଏ ବର୍ଷ ରହିଛି । ବିଗତ ଦଶବର୍ଷରେ ଅନେକ ଖେଳପଡ଼ିଆ ବିଲ୍ଡର ଏବଂ କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ମଲ୍, ମଲ୍ଟିପ୍ଲେକ୍ସ, ହାଉସିଂକଲୋନୀ ଏବଂ ସପିଂ କମ୍ପ୍ଲେକ୍ସରେ ପରିଣତ ହୋଇଛି । ହାଇଦରାବାଦ ସହରରେ ଏକଦା ୩୦୦୦ହ୍ରଦ ଥିଲା । ଆଜି ମାତ୍ର ଦଶଟି ହ୍ରଦ ମୁମୂର୍ଷୁ ଅବସ୍ଥାରେ ଅଛି । ହାଇଦରାବାଦର ଗର୍ବ ହୁସେନ ସାଗର ଏକ ନର୍ଦ୍ଦମାରେ ପରିଣତ ହୋଇଛି । ପ୍ରାୟ ୬୦% ପାଣି ଜାଗା ବିଲ୍ଡିଂ ରୋଡ଼ ଏବଂ ପାର୍କରେ ପରିଣତ ହୋଇଯାଇଛି । ୨୦୧୮-୧୯ ବଜେଟରେ ପ୍ରତି ୫୦୦୦ ଜନସଂଖ୍ୟା ପାଇଁ ଗୋଟିଏ ଖେଳ ପଡ଼ିଆ ଉପଲବ୍ଧ କରାଇବା ନେଇ ପଦକ୍ଷେପ ଦରକାର । କାରଣ ଆର୍ଥିକ ପ୍ରଗତି ସଙ୍ଗେସଙ୍ଗେ ଶାରୀରିକ ଏବଂ ମାନସିକ ବିକାଶହିଁ ଦେଶକୁ ସମୃଦ୍ଧ କରିଥାଏ ।

# ପ୍ରତିଭା ଉନ୍ମେଷଣରେ ପ୍ରାରମ୍ଭିକ ଶିକ୍ଷାର ଭୂମିକା

ଅମିନୀଲୁ ରାୟ

ପ୍ରାଥମିକ ଶିକ୍ଷା ହେଉଛି ଯେକୌଣସି ସଭ୍ୟରାଷ୍ଟ୍ରର ଶିକ୍ଷା ସୌଧର ଭିତିଭୂମି । ତେଣୁ ଉକ୍ତ ଶିକ୍ଷା ଅବହେଳିତର ରୂପ ନେଲେ ଦେଶ ନିରକ୍ଷରତାର ଅନ୍ଧକାରରେ ବୁଡିଯିବ ଏବଂ ଜ୍ଞାନ ବିଜ୍ଞାନର ଯେଉଁଭଳି ବିସ୍ଫୋରଣ ଘଟୁଛି ତା ସହିତ ତାଳ ଦେଇ ଅଗ୍ରସର ହୋଇପାରିବ ନାହିଁ । ପ୍ରାୟ ଖ୍ରୀଷ୍ଟପୂର୍ବ ଚତୁର୍ଥ ସତାବ୍ଦୀରେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ସେ ସମୟରେ ଶିଶୁ ଶିକ୍ଷାର ମହତ୍ୱକୁ ଉପଲବ୍ଧି କରି ତାଙ୍କ ପ୍ରଣୀତ 'ରିପବ୍ଲିକ୍' ପୁସ୍ତକରେ କେତେକ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ପୁନଶ୍ଚ ନୋବେଲ୍ ପୁରସ୍କାର ବିଜେତା ଅମର୍ତ୍ୟ ସେନ୍‌ଙ୍କ ମତାନୁଯାୟୀ ମାନବ ସମ୍ବଳର ବିକାଶ ଓ ସୁସ୍ଥ ସ୍ୱାବଲମ୍ବନଶୀଳ ସମାଜ ଗଠନ କ୍ଷେତ୍ରରେ ପ୍ରାଥମିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୂର୍ବେ ରାଜତନ୍ତ୍ର କାଳରେ ଶିକ୍ଷାକୁ ଏକ ରାଷ୍ଟ୍ରୀୟ କର୍ତବ୍ୟ ଭାବେ ବିବେଚନା କରାଯାଉଥିବାବେଳେ ବ୍ରିଟିଶ୍ ଶାସନ କାଳରେ ହିଁ ଶିକ୍ଷା ନିମନ୍ତେ ସରକାର ଯତ୍ପରୋନାସ୍ତି ଚେଷ୍ଟାରମ୍ଭ କରିଥିଲେ । ଏଥିପାଇଁ ବିଭିନ୍ନ ସମୟରେ କମିଟି ଓ କମିଶନ୍‌ମାନ ଗଠନ କରାଯାଇ ପରାମର୍ଶ ନିଆଯାଉଥିଲା । ୧୮୮୨ରେ ଉଇଲିୟମ୍ ହଂଟର୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଶିକ୍ଷା କମିଶନ୍, ଶିକ୍ଷା ସମ୍ପର୍କରେ ସରକାରଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ । ତଦନୁସାରେ କିଛି କାର୍ଯ୍ୟ ହାସଲ କରାଯାଇ ପାରିଥିଲା । ତଥାପି ଶିକ୍ଷାର ପ୍ରସାର ସେତେବେଳେ ପର୍ଯ୍ୟାପ୍ତ ନଥିଲା । ୧୯୧୧ ମାର୍ଚ୍ଚରେ ଭାରତର ଗୋଖେଲ୍ ଚନ୍ଦ୍ର କେନ୍ଦ୍ର ବିଧାୟକ ପରିଷଦରେ ଏକ ବିଲ୍ ଆଗତ କରି ସମଗ୍ର ଦେଶରେ ପ୍ରାଥମିକ ଶିକ୍ଷାକୁ ଅବୈତନିକ ଓ ବାଧ୍ୟତାମୂଳକ କରିବାକୁ ଦାବି କରିଥିଲେ । ଦୀର୍ଘ ୧୦ ଦିନ ଧରି ଆଲୋଚନା ଓ ବାଦାନୁବାଦ ଶେଷରେ ଉକ୍ତ ବିଲ୍ ପ୍ରତ୍ୟାଖ୍ୟାତ ହୋଇଯାଇଥିଲା । ୧୯୩୭ ମସିହାରେ ଗଠିତ ଓାର୍ଦ୍ଧା ସମ୍ମିଳନୀରେ ଗାନ୍ଧିଜୀ ପ୍ରସ୍ତାବ ଦେଇ କହିଲେ ଯେ- ଜାତୀୟ ସ୍ତରରେ ୭ ବର୍ଷ ବୟସ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷା ଦେବା ଉଚିତ । କିନ୍ତୁ ଦେଶ ସ୍ୱାଧୀନତା ଲାଭ ପରେ ରାଷ୍ଟ୍ରନାୟକମାନଙ୍କ ସମ୍ମୁଖରେ ଦୁଇଟି ପ୍ରଧାନ ସମସ୍ୟା ଦେଖାଦେଇଥିଲା, ତାହା ହେଉଛି ନିରକ୍ଷରତା ଓ ଦାରିଦ୍ର୍ୟ । ପ୍ରଥମେ ନିରକ୍ଷରତା ଦୂରୀକରଣ ଉଦ୍ଦେଶ୍ୟରେ ସମ୍ବିଧାନର ଧାରା - ୪୫ରେ ଉଲ୍ଲେଖ କରାଗଲା ଯେ- ସମ୍ବିଧାନ ପ୍ରଣୀତ ହେବାର ୧୦ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୬୦ ମସିହା ବେଳକୁ ୧୪ ବର୍ଷ ପର୍ଯ୍ୟନ୍ତ ଦେଶର ସମସ୍ତ ଶିଶୁଙ୍କୁ ବାଧ୍ୟତାମୂଳକଭାବେ ଅବୈତନିକ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବ, ମାତ୍ର ବାସ୍ତବ କ୍ଷେତ୍ରରେ ଏହା ସହଜ ଓ ସମ୍ଭବ ହେଲା ନାହିଁ । ତେଣୁ ବୟସ ସୀମାକୁ ୧୪ ରୁ ୧୧ କୁ ହ୍ରାସ କରି ସମୟ ସୀମା ୨୦୦୦ ମସିହା ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ତାହା ମଧ୍ୟ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇ ନପାରିବାରୁ ଏବେ ୨୦୦୭ ମସିହା ବେଳକୁ ୫ ବର୍ଷିଆ ପ୍ରାଥମିକ ଶିକ୍ଷା ଏବଂ ୨୦୧୦ ମସିହା ସୁଦ୍ଧା ୮ ବର୍ଷର ମୌଳିକ ଶିକ୍ଷା ସମାପ୍ତ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସଂପ୍ରତି ଓଡିଶାରେ ନିରକ୍ଷରତାର ହାରକୁ ଦୃଷ୍ଟିରେ ରଖି ୨୦୦୨ ମସିହାରେ ସମ୍ବିଧାନର ୮୬ତମ ସଂଶୋଧନରେ୬-୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଶିକ୍ଷାକୁ ଅବୈତନିକ ତଥା ବାଧ୍ୟତାମୂଳକ କରାଯିବା ସହିତ ଏହାକୁ ମୌଳିକ ଅଧିକାର ପର୍ଯ୍ୟାୟଭୂକ୍ତ କରାଯାଇଛି ।

ଦେଶରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ହେଉଛି ସମଗ୍ର ବିଶ୍ୱରେ ଦ୍ୱିତୀୟ ବୃହତମ ଶିକ୍ଷା ବ୍ୟବସ୍ଥା । ୨୦୦୫ ମସିହା ସୁଦ୍ଧା ଦେଶରେ ୯ ଲକ୍ଷ ୫୦ ହଜାର ସ୍କୁଲରେ ପ୍ରାୟ ୧୨ କୋଟିରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ଏହାକୁ ଉଚିତ୍ ମାର୍ଗରେ କାର୍ଯ୍ୟକାରୀ କରିବା ହେଉଛି ଏକ ଦୁରୂହ ବ୍ୟାପାର । ସାର୍ବଜନୀନ ପ୍ରାଥମିକ ଶିକ୍ଷା ଭଳି ଏକ ବ୍ୟାପକ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସରକାର ଗୋଟିଏ ପରେ ଗୋଟିଏ ଯୋଜନା ହାତକୁ ନେଇଛନ୍ତି । ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ଶିଶୁଙ୍କୁ ସ୍କୁଲକୁ ଆଣିବା, ଅଧାରୁ ପାଠ ଛାଡିଥିବା ପିଲାଙ୍କର ସଂଖ୍ୟା ହ୍ରାସ କରିବା, ଝିଅପିଲା ତଥା ଆଦିବାସୀ, ହରିଜନ ଓ ଦୁର୍ବଳ ଶ୍ରେଣୀର ଶିଶୁଙ୍କ ପ୍ରତି ଅଧିକ ଧ୍ୟାନ ଦେବା, ସମାଜରୁ ପୁଅ-ଝିଅ ଭେଦଭାବ ଦୂର କରି ଝିଅମାନଙ୍କ ମନରେ ଅଧିକ ଆତ୍ମବିଶ୍ୱାସ ସୃଷ୍ଟି କରିବା, ସର୍ବୋପରି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ କରିବା ହେଉଛି ଉକ୍ତ ଯୋଜନାର ଲକ୍ଷ୍ୟ । ଓଡିଶାରେ ଡି.ପି.ଇ.ପି ବା ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଅଧୀନରେ ୧ମ ପର୍ଯ୍ୟାୟରେ ପଛୁଆ ଅଂଚଳର ୮ଟି ଜିଲ୍ଲା ଏବଂ ପରେ ଆଉ ୮ଟି ଜିଲ୍ଲା ଏଇଭଳି ମୋଟ ୧୬ଟି ଜିଲ୍ଲାରେ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଅବଶିଷ୍ଟ ୧୪ଟି ଅଣ ଡି.ପି.ଇ.ପି ଜିଲ୍ଲାରେ ସର୍ବଶିକ୍ଷା ଅଭିଜାନ କାର୍ଯ୍ୟକ୍ରମ ଚାଲୁରହିଛି । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ସରକାରଙ୍କ ତରଫରୁ ଶିକ୍ଷକ ନିଯୁକ୍ତି, ସ୍କୁଲ ଗୃହ ନିର୍ମାଣ, ମ୍ୟାପ୍, ଗ୍ଲୋବ୍, ଟେବୁଲ, ଚୌକି ଇତ୍ୟାଦି ଉପକରଣ ଯୋଗାଣ, ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ପାଠ୍ୟ ପୁସ୍ତକ ବଂଟନ, ପାଠାଗାର ଉପଯାଗୀ ବହି ଏବଂ ଶିକ୍ଷକ ସହାୟକ ପୁସ୍ତକ ଯୋଗାଣ ଇତ୍ୟାଦି କାର୍ଯ୍ୟ କରାଯାଉଛି । ବାଳିକା ଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ନିମନ୍ତେ ମାଗଣାରେ ସ୍କୁଲ ପୋଷାକ ବିତରଣ ସହିତ ଶ୍ରେଣୀରେ ଉପସ୍ଥାନ ବୃଦ୍ଧି ନିମନ୍ତେ ୧୯୯୫ ମସିହାଠାରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅଦ୍ୟାବଧି ଚାଲୁରହିଛି । ଜନ ସହଯାଗ ବୃଦ୍ଧି ପାଇଁ ମଧ୍ୟ ଗ୍ରାମ୍ୟ କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ ଭାବରେ ସଂପୃକ୍ତ କରାଯାଇଛି । ଶିକ୍ଷାକୁ ସାର୍ବଜନୀନ କରିବା ସହିତ ତା'ର ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ଶିକ୍ଷା ଦାନ ପଦ୍ଧତି ଅବଲମ୍ବନ, ଉନ୍ନତମାନର ପାଠ୍ୟ ପୁସ୍ତକ ପ୍ରଣୟନ, ଆଧୁନିକ ତଥା ସୃଜନଶୀଳ ପାଠୋପକରଣ ପ୍ରସ୍ତୁତି, ସର୍ବୋପରି ଶିକ୍ଷକମାନଙ୍କ ପାଇଁ ଧାରାବାହିକ ତାଲିମ୍ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଉପଯୁକ୍ତ ଯୋଗ୍ୟତାସଂପନ୍ନ, ନିଷ୍ପାପର, କର୍ତବ୍ୟପରାୟଣ ତଥା ଆଗ୍ରହୀ ଶିକ୍ଷକଙ୍କର ଅଭାବ ହେଉଛି ପ୍ରଧାନ ଅନ୍ତରାୟ । ଉପଯୁକ୍ତ ସର୍ତ, ଉଚିତ୍ ପାରିଶ୍ରମିକ ଓ ପ୍ରୋତ୍ସାହନ ଅଭାବରୁ ଏ ଶ୍ରେଣୀୟ ଶିକ୍ଷକମାନଙ୍କର ବୃତି ପ୍ରତି ନିଷ୍ଠା ବା ଆଗ୍ରହ ରହୁନାହିଁ । ସେଥି ସକାଶେ ସେମାନେ ଧର୍ମଘଟ, ଧାରଣା ଓ ଆତ୍ମାହୁତି ଭଳି ଧମକ ଦେଇ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନେଉଛନ୍ତି । ଯାହା ଫଳରେ ଶିକ୍ଷା କ୍ଷେତ୍ରରେ ଏହା ଏକ ଅଶାନ୍ତ, ଅରୁଚିକର ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି ।

ଶିଶୁମାନେ ହେଉଛନ୍ତି ସରଳ, ନିରୀହ ଓ ନିଷ୍ପାପ । ସେମାନେ ଦେଶ ଓ ଜାତିର ଭବିଷ୍ୟତ । ତେଣୁ ସେମାନଙ୍କୁ ଜଣେ ଜଣେ ପରିପୂର୍ଣ୍ଣ ଆଦର୍ଶ ମଣିଷ ଭାବରେ ଗଢି ତୋଳିବା ହେଉଛି ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ । ବିଭିନ୍ନ ସାମାଜିକ ଓ ଆର୍ଥିକ କାରଣରୁ ସରକାରଙ୍କ ବିପୁଳ ଅର୍ଥ ବ୍ୟୟ ସତ୍ୱେ ଅଗଣିତ ଶିଶୁ ସ୍କୁଲ ପରିସରକୁ ଆସିପାରୁ ନାହାନ୍ତି । ପୁନଶ୍ଚ ଲକ୍ଷ ଲକ୍ଷ ଶିଶୁ ଅଧାରୁ ପାଠ ଛାଡି ସ୍କୁଲ ପରିତ୍ୟାଗ କରି ଚାଲିଯାଉଛନ୍ତି । ପ୍ରାଥମିକ ଶିକ୍ଷାକୁ ଆଇନ୍‌ଗତ ଭାବେ ବାଧ୍ୟତାମୂଳକ କରାଗଲେ ମଧ୍ୟ ଆଦିବାସୀ, ହରିଜନ ଏବଂ ଆର୍ଥିକ ଅନଗ୍ରସର ପରିବାରର ଅବିଭାବକମାନଙ୍କଠାରେ ଏହା କୌଣସି ପ୍ରତିକ୍ରିୟା ସୃଷ୍ଟି କରିପାରୁ ନାହିଁ । ଅଧିକନ୍ତୁ ଅଧ୍ୟୟନ ଶେଷରେ ସରକାରୀ କର୍ମ ନିଯୁକ୍ତିର ସମ୍ଭାବନା ଅତ୍ୟନ୍ତ କ୍ଷୀଣ ଥିବାରୁ ଏ ଶ୍ରେଣୀୟ ପରିବାରର ଶିଶୁମାନଙ୍କ ପାଇଁ ଶିକ୍ଷା ଏକ ଆକର୍ଷଣୀୟ ବ୍ୟାପାର ହୋଇପାରୁ ନାହିଁ । ସୁତରାଂ ଶିଶୁମାନଙ୍କ ପ୍ରତିଭାର ବିକଶିତ ପାଇଁ ଅନୁଷ୍ଠାନର ମୁଖପାତ୍ର ହେଉଛି ଅନୁଷ୍ଠାନର ଦର୍ପଣ ସ୍ୱରୂପ । କାରଣ ସେମାନଙ୍କର ପ୍ରତିଭାକୁ ପ୍ରକାଶିତ କରିବାରେ ମଧ୍ୟ ଏହା ବିଶେଷ ଭାବେ ସହାୟକ ହୋଇଥାଏ ।

ଶିଶୁମାନେ ହେଲେ ଦେଶ ପାଇଁ ଭବିଷ୍ୟତର ଗୋଟିଏ ଗୋଟିଏ ଫୁଲ । ସେମାନଙ୍କୁ ଫୁଟିବା ପାଇଁ ସୁଯୋଗ ଦେବା ବଡମାନଙ୍କର କର୍ତବ୍ୟ । ଏହାକୁ ଲକ୍ଷ୍ୟ କରି ନାରୀ କବି କୁନ୍ତଳା କୁମାରୀ ସାବତ ଲେଖିଛନ୍ତି -

'ଫୁଟିଲା ଫୁଲକି ଫୁଟେ ଆଉ ଥରେ, ଫୁଟେ ସିନା ଫୁଲ କଢି' ।

ଅର୍ଥାତ ଛୋଟ ଚାରାଟିଏ ବଢି ବଢି ଶେଷରେ ମହାଦ୍ରୁମରେ ପରିଣତ ହୁଏ । ତେଣୁ ଛୋଟଠାରେ ମହାନ୍ ହେବାର ସମ୍ଭାବନା ଅଧିକ । ଶିକ୍ଷାନୁଷ୍ଠାନରେ ଯଦି ପ୍ରତିଭା ବିକଶିତ ନ ହୁଏ, ତେବେ କେଉଁଠି ହେବ ? ଦୁଃଖଦ ବିଷୟ, ସବୁ ଶିକ୍ଷାନୁଷ୍ଠାନ ପତ୍ରିକା ପ୍ରକାଶ କରିବାକୁ ଆର୍ଥିକ ଦୃଷ୍ଟିରୁ ଅକ୍ଷମ । ସରକାର ଏଥିପାଇଁ ନିତାନ୍ତ ସାହାଯ୍ୟ ଦେବା ଉଚିତ । ଏତଦ୍ ବ୍ୟତୀତ ପିତାମାତା, ଗ୍ରାମ୍ୟ ଗୁରୁଜନବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ପୂର୍ଣ୍ଣ ସହଯୋଗରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ଓ କଳାତ୍ମକ ସୃଜନଶୀଳତାର ଅଭିବୃଦ୍ଧି ଘଟିବା ନିଶ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଘାଗଡା, ରାହାମା, ଜଗତ୍‌ସିଂହପୁର
ମୋ- ୯୯୩୭୪୧୨୫୧୫

# ମା'ଗୁଣେ ଝିଅ

ଡାକ୍ତର ମଧୁସ୍ମିତା ପ୍ରଧାନ

କୁହାଯାଏ - ଝିଅମାନେ ବାପାଙ୍କର ବେଶି ପ୍ରିୟ ଆଉ ପୁଅମାନେ ମା'ଙ୍କର ବେଶି ପ୍ରିୟ । ଏହା ତ ନିଶ୍ଚିତ ଭାବରେ ଠିକ୍ କଥା । କିନ୍ତୁ ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖିବା ଉଚିତ ଯେ, ଝିଅମାନେ ମା'ଙ୍କ ଠାରୁ ଅନେକ କଥା ଶିକ୍ଷା କରିଥାନ୍ତି । ଏହା ସେମାନଙ୍କର ଜନ୍ମଗତ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଶିଖାଇବା ପୂର୍ବରୁ ଝିଅମାନେ ମା'ମାନଙ୍କର ଅନେକ କଥାକୁ ନିଜ ଭିତରେ ଗ୍ରହଣ କରିନେଇଥାନ୍ତି । ବିଶେଷକରି, ନାରୀସୁଲଭ ଗୁଣଗୁଡ଼ିକୁ ସେମାନେ ସମସ୍ତଙ୍କ ଅଜାଣତରେ ତଥା ବିନା ଶିକ୍ଷାରେ ଗ୍ରହଣ କରିନେଇଥାନ୍ତି । ସେହିଭଳି ସନ୍ତାନର ଲାଳନପାଳନ ଗୁଣଟିକୁ ସେମାନେ କେବ ବି ମା'ଙ୍କ ପାଖରେ ସୀମିତ ହୋଇ ରହିବାକୁ ଦିଅନ୍ତି ନାହିଁ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଝିଅଟିଏ ଯେତେବେ ବୟସ ପ୍ରାପ୍ତ ହୋଇଯାଏ ସେତେବେଳେ ସେ ତା ମନକୁମନ ମା'ଙ୍କ ଠାରୁ ସବୁକଥା ଶିଖିବାକୁ ଆରମ୍ଭ କରେ । ସେହିଭଳି ଅନେକ କିଛି ଗୁଣ ତା ନିଜ ଭିତରେ ଥାଏ । ଯାହା ବୟସର କ୍ରମାନ୍ୱୟରେ ସେସବୁ ତା ନିକଟରେ ଆତ୍ମପ୍ରକାଶ କରେ । ଏହି କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ହେଉଛି ମାନବୀୟ ବ୍ୟବହାର (ବିଶେଷକରି ନାରୀଙ୍କ କ୍ଷେତ୍ରରେ)ର ଏକ ସିକ୍ରେଟ୍ ।

ଅଧ୍ୟୟନର ଫଳାଫଳ : ନାରୀମାନଙ୍କୁ ସାଧାରଣତଃ ରହସ୍ୟମୟୀ ବୋଲି କୁହାଯାଇଥାଏ । କିନ୍ତୁ ବାସ୍ତବରେ ଠିକ୍ କି ଭୁଲ ତାହା ଗବେଷଣା ସାପେକ୍ଷ । ତେବେ ସେମାନଙ୍କ ଗୁଣାବଳୀରେ ଅନେକ ରହସ୍ୟ ଖୁନ୍ଦିରୁନ୍ଧି ହୋଇ ରହିଛି ବୋଲି ବହୁ ପ୍ରମାଣିତ । ଏହି ତଥ୍ୟକୁ ଆଧାର କରି ଆମେରିକାର ଓହାୟୋ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା । ଷ୍ଟେଟ୍ ୟୁନିଭରର୍ସିଟିର ଏକ୍ସପର୍ଟମାନେ ଏହି ଗବେଷଣାକୁ ଫଳପ୍ରଦ କରିବା ପାଇଁ ଦୁଇ ଜେନେରେସନର ମହିଳାଙ୍କୁ ସାମିଲ କରିଥିଲେ । ଏହାବ୍ୟତୀତ, ସେହି ମହିଳାମାନଙ୍କର ବିଭିନ୍ନ ବୟସର ପିଲା, ବିଶେଷକରି ଝିଅମାନଙ୍କୁ ସାମିଲ୍ କରିଥିଲେ । ଏକାଧିକ ବର୍ଷଧରି ଗବେଷଣା କରାଯାଇଥିଲା । ଦେଖାଯାଇଥିଲା ଯେ, ଝିଅମାନେ ସିଧାସଳଖ ମା'ଙ୍କର ଗୁଣାବଳୀକୁ ଗ୍ରହଣ କରି ନେଉଛନ୍ତି, ଯାହା ପୁଅମାନଙ୍କ କ୍ଷେତ୍ରରେ ହେଉନାହିଁ । ସେହିଭଳି ଗବେଷକମାନେ ମା'ମାନଙ୍କୁ ଅନେକ କାମ କରାଇଥିଲେ ଆଉ ଝିଅମାନଙ୍କ କ୍ଷେତ୍ରରେ ତାହାର କିଭଳି ପ୍ରଭାବ ପଡୁଛି ସେକଥା ଦେଖିବାର ପ୍ରୟାସ କରିଥିଲେ । ଶେଷରେ ସେମାନଙ୍କର ଧାରଣା ସତ୍ୟ ପ୍ରତିପାଦିତ ହୋଇଥିଲା ।

ସବୁରି ମୂଳରେ ଜିନ୍ : ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିପାଇଁ ଜିନ୍‌କୁ ହିଁ ଦାୟୀ କରାଯାଇପାରିବ । କାରଣ ଜିନ୍‌ର ପ୍ରଭାବ ସମଲିଙ୍ଗୀଙ୍କ ଉପରେ ସର୍ବାଧିକ ପଡ଼ିଥାଏ । ବାୟୋଲୋଜିକାଲ ବିଶ୍ଳେଷଣରୁ ଜଣାପଡ଼େ ଯେ, ମହିଳାଙ୍କ ନିକଟରେ ସମଗୁଣର ଦୁଇଟି ଜିନ୍ ଥାଏ ଯାହାକୁ ପ୍ରାଣୀବିଜ୍ଞାନୀମାନେ ଇଂରାଜୀର 'ଏକ୍ସ' ଅକ୍ଷର ବୋଲି ନାମିତ କରିଥାନ୍ତି । ଅର୍ଥାତ୍ ଏକ୍ସ ଏକ୍ସ । ସେହି ଅନୁଯାୟୀ ଦୁଇ ମହିଳାଙ୍କ ମଧ୍ୟରେ ଅନେକ ମାନସିକ ସାମଞ୍ଜସ୍ୟ ମିଳି ପାରିଥାଏ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମା' ଠାରୁ ଜିନ୍ ବାଟଦେଇ ଝିଅ ନିକଟକୁ ଅନେକ ଗୁଣ ଆସିବା ସ୍ୱାଭାବିକ । ଏହାକୁ ଆମେ ସାଧାରଣତଃ 'ସହଜାତ ଗୁଣ' ବୋଲି କହିଥାଉ । ଏହି ସହଜାତ ଗୁଣଗୁଡ଼ିକ ବୟସର କ୍ରମାନୁସାରେ ଆପଣାଛାଏଁ ଜଣକ ନିକଟରେ ଆତ୍ମ ପ୍ରକାଶ ହୋଇଥାଏ । ସେଥିପାଇଁ ଗ୍ରାମାଞ୍ଚଳରେ ବେଳେବେଳେ କୁହାଯାଏ - ମା' ଗୁଣେ ଝିଅ, ବାପ ଗୁଣେ ପୁଅ । ଅବଶ୍ୟ ଅନେକ କ୍ଷେତ୍ରରେ ଏହାର ବିରୋଧାଭାସ ଦେଖାଯାଏ । ଅର୍ଥାତ୍ ଝିଅଟିଏ ନିକଟରେ ମା'ର ସବୁ ଗୁଣ ପ୍ରକଟିତ ହୋଇନପାରେ । କିନ୍ତୁ ଭଲ ଭାବରେ ଧ୍ୟାନ ଦେଲେ ଅନେକ କ୍ଷେତ୍ରରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ ।

ପିଢ଼ି କ୍ରମରେ ପୁନରାବୃତ୍ତି : ମା'ଙ୍କଠୁ ଝିଅ ଶିଖିବାର ଗୁଣଟି ପିଢ଼ି କ୍ରମରେ ପୁନରାବୃତ୍ତି ହୋଇଥାଏ । ଏହା ପୁନରାବୃତ୍ତି ହୋଇଥାଏ - ଅର୍ଥାତ୍ ମା'ଠୁ ଝିଅ ପାଖକୁ ଯେଉଁଗୁଣ ଆସିଥାଏ ସେହି ଗୁଣଟିକୁ ମା' ତାଙ୍କର ମା'ଠାରୁ ହିଁ ଶିଖିଥାନ୍ତି । ଠିକ୍ ସେହିଭଳି ଝିଅଟିଏ ତା ମା ଠାରୁ ଯେଉଁଗୁଣ ଶିଖିଥାଏ ବା ହାସଲ କରିଥାଏ ସେହିଗୁଣକୁ ତାର ଝିଅ ତା'ଠାରୁ ଗ୍ରହଣ କରି ନେଇଥାଏ । ଏହା ଏକ ଜୈବିକ ବାଧାପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ । ଜିନ୍‌ର ଏହି ପ୍ରକ୍ରିୟା କେବେ ବି ବାଧାପ୍ରାପ୍ତ ହୋଇନଥାଏ । ଏକାଧିକ ଝିଅ ଥିଲେ ହୁଏତ ସମସ୍ତଙ୍କ ନିକଟକୁ ମା'ର ଗୁଣଟି ସଞ୍ଚରିତ ହୋଇଯାଏ । ମା' ଏବଂ ଝିଅଙ୍କ ମଧ୍ୟରେ ଏଭଳି ଜିନ୍‌ଗତ ବୁଝାମଣା ରହିଥିବା ବେଳେ ବାପ ଏବଂ ପୁଅଙ୍କ ମଧ୍ୟରେ ବି କିଛି ପରିମାଣରେ ଜିନଗତ ବୁଝାମଣା ରହିଥିବା ଅନୁମାନ କରାଯାଏ । ତେବେ ଏହାକୁ ନେଇ ଅଧ୍ୟୟନ କିମ୍ବା ଗବେଷଣା ହୋଇନାହିଁ । କିନ୍ତୁ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେ, ବାପାର ଅନେକ ଗୁଣ ପୁଅ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ । ତେବେ ପୁଅଟିଏ ପ୍ରାପ୍ତ ବୟସ୍କ ହେବା ପରେ ହିଁ ପୁଅଟି ନିକଟରେ ବାପାଙ୍କର କିଛି ଗୁଣ ଠାବ କରାଯାଇପାରେ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ଦୈବପ୍ରୀତି, ପାପଭୀତି, ସଂଘନୀତି

ଇଂ.ସଚ୍ଚିଦାନନ୍ଦ ନନ୍ଦ

ଦେହ ହେଉଛି ପୋଷାକ, ଯାହାକୁ ମନ ନିଜର କାର୍ଯ୍ୟ ଓ ବୃଦ୍ଧି ପାଇଁ ଧାରଣ କରିଛି । ଅନେକ ପୂର୍ବଜନ୍ମର ଚିନ୍ତା ଓ ଅନୁଭୂତି ମନ ଉପରେ ଅଙ୍କିତ ହୋଇରହିଛି । ମନ ସତ୍‌ଭାବନାରେ ପରିପୂର୍ଣ୍ଣ ହୋଇଗଲେ କିଛି ହେଲେ ଏହାର ଆୟତ୍ତର ବହିର୍ଭୁତ ହୁଏନାହିଁ । ଭାବନା କର୍ମକୁ ଉଦ୍ରେକ କରାଏ । କର୍ମ ଅଭ୍ୟାସ ସୃଷ୍ଟି କରେ । ଅଭ୍ୟାସ ଚରିତ୍ର ଗଠନ କରେ । ଚରିତ୍ର ଭାଗ୍ୟ, ଭଲ ବା ମନ୍ଦ, ନିର୍ଦ୍ଧାରଣ କରେ । ସୁତରାଂ ଭାବନା ହିଁ ଦୁର୍ଭାଗ୍ୟ ବା ସୌଭାଗ୍ୟର ଭିତ୍ତିଭୂମି । ସତ୍‌ଭାବାନା ଠାରୁ ବଳି ମହାନ୍ ଆଶୀର୍ବାଦ ଆଉ କିଛି ନାହିଁ । ସତ୍‌ସଙ୍ଗତି ସତ୍‌ଭାବାନର ଅଭିବୃଦ୍ଧି କରେ । ଭାବନା ଇଚ୍ଛାଶକ୍ତିକୁ ଦୃଢ଼ କରିବାରେ ସହାୟକ ହୁଏ । ଏହା ବିବେକ, ବୁଦ୍ଧି, ଦୃଢ଼ସଂକଳ୍ପ, ବାଗ୍ମିତା ଓ ଅନ୍ୱେଷଣ ଆଦି ଅନ୍ୟାନ୍ୟ ଗୁଣ ଆହରଣର ଭିତ୍ତିଭୂମି ଅଟେ । ଅବଶ୍ୟ ପ୍ରତ୍ୟେକଙ୍କ ଭିତରେ ଥିବା ଏହି ଇଚ୍ଛାଶକ୍ତି କାମନାର ଅସୀମ ବୃଦ୍ଧି ଯୋଗୁଁ ଦୁର୍ବଳ ହୋଇପଡ଼େ । ଦୁର୍ବଳ ଇଚ୍ଛାଶକ୍ତି ଦେଇ ମଣିଷ ଶାନ୍ତି ବା ଆନନ୍ଦର ଉପଭୋଗ କରିପାରିବ ନାହିଁ । ଏହା ଏସ ସାଧାରଣ ଅନୁଭୂତି ଯେ ଯେଉଁ ଲୋକମାନେ ମଦ୍ୟପାନ ବା ଧୂମପାନ କରନ୍ତି ସେମାନେ ସିଗାରେଟ ପିଇବା ଆଦି କମାଇ ଦେଲେ ସେମାନଙ୍କର ଇଚ୍ଛଶକ୍ତିର ବୃଦ୍ଧି ଘଟେ ।

ଅତି ଦୁଃଖର କଥା ଯେ ଲୋକମାନେ ତୁଚ୍ଛ ଓ କ୍ଷଣିକ ସୁଖ ପାଇଁ ଜୀବନର ଅତି ମହାର୍ଘ ବସ୍ତୁମାନଙ୍କୁ ବଳି ଦେଉଛନ୍ତି । ନଗଣ୍ୟ ବସ୍ତୁର ଅନ୍ୱେଷଣରେ ଲୋକମାନେ ନିଜକୁ ପାପ କାମରେ ଲିପ୍ତ କରୁଛନ୍ତି । ସେମାନେ ଦିବ୍ୟତ୍ୱକୁ ଭୁଲି ଯାଉଛନ୍ତି । ପାପକର୍ମର ପରିଣାମରୁ ଖସିଯିବାର ଉପାୟ ନାହିଁ । ତେଣୁ ପ୍ରତ୍ୟେକ ବ୍ୟକ୍ତି ପାପକୁ ଭୟ କରିବା ଉଚିତ । ସମଭାବରେ ଦୈବପ୍ରୀତି ମଧ୍ୟ ରହିବା ଆବଶ୍ୟକ । ଏହି ଦୁଇଟି ରହିଲେ ମଣିଷ ସମାଜରେ ପ୍ରକୃତ ନୈତିକ ବ୍ୟକ୍ତି ହୋଇ ରହିପାରିବ । ସେଥିପାଇଁ ତୁମେମାନେ ଏହି ତିନୋଟି କଥା ମନେ ରଖିବା ଉଚିତ । ଦୈବପ୍ରୀତି, ପାପଭୀତି ଓ ସଂଘନୀତି । ଯେ ଏହି ତିନୋଟିକୁ ପାଳନ କରେ ସେ ଅନ୍ୟ ସମସ୍ତ ମାନବୀୟ ମୂଲ୍ୟବୋଧ ପାଳନ କରିଥାଏ । ପାପଭୀତି, ଅହିଂସା ଓ ଶାନ୍ତିରେ ପରିଣତ ହୁଏ । ଦୈବପ୍ରୀତି ସତ୍ୟାନୁଶୀଳନ ଓ ସବୁ ପ୍ରାଣୀ ମାନଙ୍କ ପ୍ରତି ପ୍ରେମ ଭାବରେ ଅଭିବୃଦ୍ଧି କରେ । ସଂଘନୀତି ଧର୍ମରେ ପରିଣତ ହୁଏ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଶବ୍ଦ ଗୁଡ଼ିକ ଶୁକବତ୍ ଆବୃତ୍ତି କରିବାରେ କିଛି ଅର୍ଥ ନାହିଁ । ପ୍ରତ୍ୟେକ ଲୋକ ଦିବ୍ୟତ୍ୱର ଅନୁଭୂତି ପାଇଁ ପ୍ରୟାସ କରିବା ଉଚିତ । ଆଜି ପୃଥିବୀରେ ଯେଉଁସବୁ ବିଶୃଙ୍ଖଳା ଓ ଦ୍ୱନ୍ଦ୍ୱ ଦେଖାଦେଉଛି ସେଗୁଡ଼ିକର କାରଣ ହେଉଛି ପାପଭୀତି ଓ ଦୈବପ୍ରୀତିର ଅଭାବ । ତୁମେମାନେ ଅନ୍ୟମାନଙ୍କର ନିନ୍ଦା ବା ଗୁଲିଖଟି ଗପରେ ଲିପ୍ତ ରହିବା ଉଚିତ ନୁହେଁ । ଅନ୍ୟର ନିନ୍ଦା କରିବା ବେଳେ ତୁମେ ନିଜକୁ ତଳକୁ ଖସାଇ ଦେଉଛ ବୋଲି ଭାବିବା ଉଚିତ । ସେବା ଠାରୁ ବଳି ମହାନ କାର୍ଯ୍ୟ ଆଉ କିଛି ନାହିଁ । ସର୍ବୋତ୍ତମ ମୂଲ୍ୟବୋଧ ରୂପେ ଦୈବପ୍ରୀତି, ପାପଭୀତି ଓ ସଂଘନୀତିର ଅଭିବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ । ପ୍ରକୃତରେ ଦୈବପ୍ରୀତି ରହିଲେ ପାପଭୀତି ଆପେ ଆପେ ଦେଖାଦେବ ଏବଂ ଏହି ଦୁଇଟିଯାକ ରହିଲେ ଏହାର ସ୍ୱାଭାବିକ ପରିମାଣ ରୂପେ ନୈତିକତାର ଉଦ୍ରେକ ହେବ । ସଂଘନୀତି ମାନବଜାତି ପାଇଁ ଏକ ଦୀପଶିଖା ସଦୃଶ । ପ୍ରତ୍ୟେକେ ଦୈବପ୍ରୀତିର ବିକାଶ କରି ସେବା କାର୍ଯ୍ୟ କରିବା ଉଚିତ । ପ୍ରେମ ଓ ସେବା ମଣିଷର ଦୁଇଟି ଆଖି ବା ଚଢ଼େଇର ଦୁଇଟି ଡେଣାପରି । ଯାହାର ନିଜ ପଡ଼ୋଶୀ ପ୍ରତି ପ୍ରେମ ନାହିଁ ସେ ଅନ୍ଧପରି । ପ୍ରେମର ଅଭିବ୍ୟକ୍ତିରେ କୌଣସି ଛଳନା ରହିବା ଉଚିତ ନୁହେଁ । ଦିବତ୍ୱ ଯେ ପ୍ରତ୍ୟେକଙ୍କ ଠାରେ ବିଦ୍ୟମାନ, ଏହି ସଂକଳ୍ପ ଉପରେ ଏହା ଆଧାରିତ ହେବା ଉଚିତ । ପ୍ରେମ ଆନ୍ତରିକ ହେଲେ ପ୍ରକୃତ ଶାନ୍ତି ଓ ଆନନ୍ଦର ଅନୁଭୂତି ଲାଭ କରିହେବ ।

ମୋତେ ଏହି ସତ୍ୟର ଆଦର୍ଶ ରୂପେ ଦେଖ । ମୁଁ ସମସ୍ତଙ୍କୁ ପ୍ରେମ କରେ, ଖରାପ ଲୋକଙ୍କୁ ମଧ୍ୟ । ଯେଉଁମାନେ ମୋତେ ବିଦ୍ରୂପ କରନ୍ତି ମୁଁ ସେମାନଙ୍କୁ ବେଶୀ ଭଲ ପାଏ ଏବଂ ସେମାନଙ୍କୁ ମୋ ନିକଟକୁ ଟାଣି ଆଣେ । ମୁଁ ଏଥିରୁ ମହାନ ଆନନ୍ଦ ଲାଭ କରେ । ତେଣୁ ମୋ ଜୀବନ ହିଁ ମୋ ବାର୍ତ୍ତା, ମୋ ପାଖରେ ସବୁବେଳେ ତ୍ୟାଗ ରହିଛି, ଭୋଗ ନୁହେଁ । ତ୍ୟାଗ ହିଁ ମୋ ପାଇଁ ଭୋଗ । ତୁମେମାନେ ତ୍ୟାଗ ଓ ଉତ୍ସର୍ଗ ଭାବରେ ଉତ୍କର୍ଷ ହାସଲ କରିବା ଉଚିତ । ତୁମ୍ଭେମାନେ ଉତ୍ସର୍ଗୀକୃତ ଭାବରେ ସମାଜରେ ପ୍ରବେଶ କରିବା ଉଚିତ ଏବଂ ନିଜର ସାମର୍ଥ୍ୟ ଓ ଦକ୍ଷତା ଅନୁସାରେ ସେବା କାର୍ଯ୍ୟ ଗ୍ରହଣ କରିବା ଉଚିତ । ସେବା ଉପରେ ଏକାଗ୍ରଚିତ୍ତ ହୁଅ । ତୁମ୍ଭେ କାହାରି ଧନ, ପଦ, ନାମ ବା ମର୍ଯ୍ୟାଦା ସହିତ ଜଡ଼ିତ ହେବା ଉଚିତ ନୁହେଁ । ନିଷ୍ପାପର ସେବା ହିଁ ଏକମାତ୍ର ଲକ୍ଷ୍ୟ ହେଉ । ଯେଉଁମାନେ ବିନମ୍ରତାର ସହିତ ନିଜକୁ ଦାସାନୁଦାସ ବୋଲି ମନେ କରନ୍ତି ସେମାନେ ହିଁ ପ୍ରକୃତରେ ଈଶ୍ୱରଙ୍କର ସେବକ । ଈଶ୍ୱର ସର୍ବବ୍ୟାପୀ । ସେ ଗୋଟିଏ ଛୋଟ ମନ୍ଦିରରେ ଛବି ବା ମୂର୍ତ୍ତି ମଧ୍ୟରେ ସୀମିତ ନୁହଁନ୍ତି । ତୁମେ ଈଶ୍ୱରଙ୍କୁ ପ୍ରେମାବତାର ମଣି ପ୍ରେମର ସହିତ ସବୁ କାର୍ଯ୍ୟ କରିଯିବା ଉଚିତ ।

*ଅଲିଶା ବଜାର, କଟକ*

MARKETS TODAY — ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 35,965.02 – 68.71 (– 0.19%) |
| NIFTY | 11,027.70 –21.95 (– 0.20%) |
| ସୁନା 24K (MCX) (Rs/10g.) 30,124 | |

ଟଙ୍କାର ବିନିମୟ ମୂଲ୍ୟ

1 Dollar = Rs. 63.58

# ସୋପିଆନ୍ ଜିଲ୍ଲାରେ ସେନା ଓ ପୋଲିସର ଭିନ୍ନ ଭିନ୍ନ ଏତଲା



ଶ୍ରୀନଗର, ୩୧/୧ (ଏଜେନ୍ସି) : ସୋପିଆନ୍ ଜିଲ୍ଲାର ଗାନୋଭୋପୁରା ଅଞ୍ଚଳରେ ଗତ ୨୭ ତାରିଖରେ ସେନା ଉପରକୁ ପଥର ଫିଙ୍ଗୁଥିବା ଲୋକମାନଙ୍କ ଉପରେ ଗୁଳି କରାଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ରାଜ୍ୟ ପୋଲିସ ଭାରତୀୟ ସେନା ବିରୁଦ୍ଧରେ ଏକ ଏତଲା ଦାୟର କରିଛି । ୧୦ ଗଡ଼ୱାଲ୍ ୟୁନିଟ୍ ଓ ଏହାର ମେଜରଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଉକ୍ତ ଘଟଣାରେ ସେନାଗୁଳିରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି । ଘଟଣାଦିନ ସେନାର ଏକ ଟିମ୍ ରାସ୍ତାରେ ଯାଉଥିବାବେଳେ ପ୍ରାୟ ୧୦୦ ଜଣ ପଥରଫିଙ୍ଗାଳୀ ସେନାକୁ ଟାହିଟାପରା କରିବା ସହ ପଥର ମାରିଥିଲେ । ଦେଖୁଦେଖୁ ୫ ମିନିଟ୍ ମଧ୍ୟରେ ସେଠାରେ ପ୍ରାୟ ୨୫୦ରୁ ଅଧିକ ଯୁବକ ଏକାଠି ହୋଇ ସେନା ଉପରକୁ ପଥର ମାରିଥିଲେ । ସେନା ସେମାନଙ୍କୁ ପ୍ରତିରୋଧ କରିବା ପାଇଁ ଅନେକ ଉଦ୍ୟମ କରିଥିଲା । ସେନା ନିକଟରେ ରବର ବୁଲେଟ୍ ନଥିଲା । ଅଥଚ ମାତ୍ର ୪୦ ଜଣ ଜବାନଙ୍କ ଉପରେ ୨୫୦ରୁ ଅଧିକ ଯୁବକ ବଡ଼ବଡ଼ ପଥର ମାରୁଥିବାରୁ ସେନା ପ୍ରତି ବିପଦ ସୃଷ୍ଟି ହୋଇଥିଲା । ସେନା ନଚାହିଁଲେ ମଧ୍ୟ ସେମାନଙ୍କୁ ଘଉଡ଼ାଇବା ପାଇଁ ବ୍ଲାଙ୍କ୍ ଫାୟାରିଂ କରିଥିଲା । ତେବେ ଏହି ଯୁବକମାନେ ଅଣାୟତ୍ତ ହେବା ସହ ସେନା ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ କ'ଣ ହେଲା କେଜାଣି ଆକ୍ରମଣକାରୀଙ୍କ ମଧ୍ୟରୁ ୨ ଜଣ ଯୁବକ ଟଳିପଡ଼ିଥିଲେ । ପରେ ସେମାନେ ଅଭିଯୋଗ କରିଥିଲେ ଯେ, ତାଙ୍କର ଆଉ ଜଣେ ସାଥୀ ମୃତ୍ୟୁବରଣ କରିଛି । ସେନା ଗୁଳିରେ ୩ ଜଣ ମରିଥିବା ସ୍ଥାନୀୟ ଜନତା ଅଭିଯୋଗ କରିଥିଲା । ପୋଲିସ ମଧ୍ୟ ସେମାନଙ୍କୁ ସମର୍ଥନ କରିଛି । ଏହି ଘଟଣାରେ ମାଜିଷ୍ଟ୍ରେଟ୍ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୋଲିସ ଫାୟାରିଂ ପାଇଁ ସେନାକୁ ଦାୟୀ କରିଥିବାବେଳେ ସେନା ନିଜର ଡ୍ୟୁଟିରେ ଯାଉଥିବାବେଳେ ଏହା ଉପରେ ମରଣାନ୍ତକ ଆକ୍ରମଣ ଯୋଗୁଁ ନିରୁପାୟ ହୋଇ ସେନା ହୁଏତ କାର୍ଯ୍ୟାନୁଷ୍ଠାନ କରିଥିବ ବୋଲି କୁହାଯାଉଛି ।

ବୁଧବାର ସେନା ପକ୍ଷରୁ ପାଲଟା ଏତଲା ଦିଆଯାଇଛି । ଯେଉଁଥିରେ ସେନାକୁ ଏହାର ଡ୍ୟୁଟି ପାଳନରେ ଗତିରୋଧ ସୃଷ୍ଟି କରିବା ହେତୁ ବିଚ୍ଛିନ୍ନତାବାଦୀ ଯୁବକମାନେ ମରଣାନ୍ତକ ଆକ୍ରମଣ କରିଥିବା ଦର୍ଶାଯାଇଛି । ଏହି ଘଟଣାକୁ ନେଇ ବିଜେପି ଓ ପିଡିପି ମେଣ୍ଟ ଭାଙ୍ଗିବା ସ୍ଥିତିରେ ପହଞ୍ଚିଯାଇଛି । ରାଜ୍ୟ ପୋଲିସ ସେନା ବିରୁଦ୍ଧରେ ଆଇପିସିର ଧାରା ୩୦୨ (ହତ୍ୟା) ଓ ୩୦୭ (ହତ୍ୟା ଉଦ୍ୟମ) ରେ ମାମଲା ରୁଜୁ କରିଛି । ମାମଲା ପ୍ରତ୍ୟାହାର ନକରାଗଲେ ବିଜେପି ମେଣ୍ଟରୁ ଓହରିଯିବ ବୋଲି ଧମକ ଦେଇଛି । ଏପଟେ ସେନାର ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ, ଆମେ ଜବାନଙ୍କ ସହିତ ଅଛୁ । ଆଗରୁ ଆମେ କହିଆସିଛୁ ଯେ, ସେନାକୁ ଉସ୍କାଇବା ଭଳି ଅବା ଲଜ୍ଜିତ କରିବା ଭଳି କାମ କଲେ ଏହାର ପରିଣାମ ଭୋଗିବାକୁ ପଡ଼ିବ । ପଥରଫିଙ୍ଗାରୁ ଆତ୍ମରକ୍ଷା ପାଇଁ ସେନା ଆବଶ୍ୟକ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେବନାହିଁ । ଗତବର୍ଷ ମେଜର ଗୋଗେଇ ମଧ୍ୟ ଅନୁରୂପ ଘଟଣାର ଶୀକାର ହୋଇଥିଲେ। ଏହି ପ୍ରସଙ୍ଗରେ ସେନା ଗୋଗଇଙ୍କ ସମର୍ଥନ କରିଥିଲା । ତେବେ ଏଠାରେ କ୍ଷମତାସୀନ ପିଡିପି ସ୍ଥାନୀୟ ଲୋକ ଓ ବିଚ୍ଛିନ୍ନତାବାଦୀଙ୍କ ସମର୍ଥନରେ ସେନା ବିରୁଦ୍ଧରେ ଏତଲା ଦେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି । କାରଣ ପୂର୍ବରୁ ପୋଲିସ ଓ ସେନା ଅନେକ ଥର ମିଳିତ ଭାବେ ଅପରେସନ୍ କରିଛନ୍ତି ଓ ପୋଲିସ ମଧ୍ୟ ସେନାକୁ ସମର୍ଥନ କରିଆସିଛି ।

## ରାହୁଲଙ୍କ ୭୦ ହଜାର ଟଙ୍କିଆ ଜ୍ୟାକେଟ୍କୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ, ୩୧/୧ (ଏଜେନ୍ସି) : ରାହୁଲ ଗାନ୍ଧି କେନ୍ଦ୍ରର ମୋଦି ସରକାରଙ୍କୁ 'ସୁଟ୍ବୁଟ୍ର ସରକାର' ବୋଲି ଦର୍ଶାଉଥିବାବେଳେ ସେ ନିଜେ ୭୦ ହଜାର ଟଙ୍କାର ଏକ ଜ୍ୟାକେଟ୍ ପିନ୍ଧିଥିବା ମେଘାଳୟ ବିଜେପି ପକ୍ଷରୁ ଏକ ଫଟୋ ଜାରି କରାଯାଇଛି । ଗତ ମଙ୍ଗଳବାର ସିଲଂରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବା ରାହୁଲ ଏହି ଜ୍ୟାକେଟ୍ ପରିଧାନ କରିଥିବା ଦେଖିବାକୁ ମିଳିଛି । ତେବେ ଏହାକୁ କଂଗ୍ରେସ ପ୍ରବକ୍ତା ରେଣୁକା ଚୌଧୁରୀ ଅଗ୍ରାହ୍ୟ କରିବା ସହିତ କହିଛନ୍ତି ଯେ, ଏଭଳି ଜ୍ୟାକେଟ୍ ବଜାରରେ ୭୦୦ ଟଙ୍କାରେ ମିଳୁଛି । ପ୍ରକାଶଯୋଗ୍ୟ ଯେ, ବ୍ଲୁମିଂଡେଲ୍ ୱେବ୍ସାଇଟରେ ବ୍ରିଟେନ୍ର ବର୍ବେରୀ ବ୍ରାଣ୍ଡର ଏହି ଜ୍ୟାକେଟର୍ ମୂଲ୍ୟ ୬୮୧୪୫ ଟଙ୍କା ବୋଲି ଦର୍ଶାଯାଇଛି । ତେବେ ପ୍ରକୃତରେ ସତ କିଏ କହୁଛି ତାହା ଉକ୍ତ ଜ୍ୟାକେଟ୍ ବିକ୍ରୀ କରୁଥିବା କମ୍ପାନୀର ୱେବ୍ସାଇଟରୁ ଜଣାପଡ଼ୁଥିବା ନାଗାଲାଣ୍ଡ ବିଜେପି ଦର୍ଶାଇଛି । ପ୍ରକାଶଥାଉ କି, ଏଠାରେ ଆସନ୍ତା ୨୭ତାରିଖରେ ମେଘାଳୟ ଓ ନାଗାଲାଣ୍ଡରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ଏବଂ ମାର୍ଚ୍ଚ ୩ରେ ଫଳ ପ୍ରକାଶ ପାଇବ । ନିର୍ବାଚନ ପ୍ରଚାର ପାଇଁ ରାହୁଲ ସିଲଂ ଯାଇଥିବାବେଳେ ଏହି ଜ୍ୟାକେଟ୍ ପରିଧାନ କରିଥିବା ଦେଖିବାକୁ ମିଳିଥିଲା ।

## ନାଗାଲାଣ୍ଡ ନିର୍ବାଚନକୁ ବର୍ଜନ ପାଇଁ ଆହ୍ୱାନ

ଗୌହାଟୀ, ୩୧/୧ (ଏଜେନ୍ସି) : ନାଗାଲାଣ୍ଡ ଆଞ୍ଚଳିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଛି । ନାଗା ଆଦିବାସୀ ସଂଗଠନ 'ନାଗା ହୋହୋ' ଓ ନାଗାଲ୍ୟାଣ୍ଡ ନ୍ୟାସନାଲ୍ ପଲିଟିକାଲ୍ ଗ୍ରୁପ୍ (ଏନ୍ଏମ୍ପିଜି) ନିର୍ବାଚନ ବର୍ଜନ ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି ।ସେମାନେ ଦର୍ଶାଇଛନ୍ତି ଯେ ଏବେ ନାଗାଲାଣ୍ଡରେ ଶାନ୍ତିସ୍ଥାପନା ପାଇଁ ପ୍ରକ୍ରିୟା ଚାଲିଛି । ନାଗା ସମସ୍ୟାର ସମାଧାନ ପାଇଁ ଏକ ଗ୍ରହଣଯୋଗ୍ୟ ଓ ମର୍ଯ୍ୟାଦାଜନକ ସମାଧାନର ରାସ୍ତା ବାହାରିବା ଦରକାର । କିନ୍ତୁ ଏହି ସମୟରେ ନିର୍ବାଚନ ହେଲେ ତାହା ଶାନ୍ତି ଆଲୋଚନା ପ୍ରକ୍ରିୟାକୁ ପ୍ରଭାବିତ କରିବ ବୋଲି ସେମାନେ ଦର୍ଶାଇଛନ୍ତି ।

## କାସଗଞ୍ଜ ଗୋଷ୍ଠୀ ସଂଘର୍ଷର ମୁଖ୍ୟ ଅଭିଯୁକ୍ତ ସକୀଲ ଗିରଫ

କାସଗଞ୍ଜ, ୩୧/୧ (ଏଜେନ୍ସି) : କାସଗଞ୍ଜ ଗୋଷ୍ଠୀ ସଂଘର୍ଷର ମୁଖ୍ୟ ଅଭିଯୁକ୍ତ ସକୀଲ୍ ଓରଫ ସଲିମ୍କୁ ଗିରଫ କରାଯାଇଛି । ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ, ସେ ହିଁ ଚନ୍ଦନଗୁପ୍ତାକୁ ମାରିଥିଲା । ତ୍ରିରଙ୍ଗା ଯାତ୍ରା ସମୟରେ ଚନ୍ଦନଙ୍କ ଉପରେ ଆକ୍ରମଣ ହୋଇଥିଲା । ଏହାପରେ ପ୍ରାୟ ୫ ଦିନ ହେବ ସେଠାରେ ଜଳାପୋଡ଼ା ଓ ହିଂସାକାଣ୍ଡ ଲାଗି ରହିଛି । ଉକ୍ତ ଘଟଣାରେ ଏପର୍ଯ୍ୟନ୍ତ ପ୍ରାୟ ୧୧୮ ଜଣଙ୍କୁ ଗିରଫ କରାଯାଇସାରିଲାଣି । ରାଜ୍ୟ ସରକାର ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ଏହାକୁ ଦେବାକୁ ପ୍ରସ୍ତୁତ ହେଉଛନ୍ତି ।

ସହରରେ ହିଂସାଥମି ଆସିଥିବାବେଳେ ସେଠାରେ ପୋଲିସ ମୁତୟନ ରହିଛି । ଏହି ପ୍ରସଙ୍ଗରେ ବିଶ୍ୱ ହିନ୍ଦୁ ପରିଷଦର ଉପସଭାପତି ସୁନିଲ ପରାଶର କହିଛନ୍ତି ଯେ, ଆମେ ଆଗକୁ ଆଗ୍ରା ଓ ଅଲ୍ଲୀଗଡ଼ ସମେତ ୟୁପିର ପ୍ରାୟ ୨୦ଟି ଜିଲ୍ଲାରେ ଏଭଳି ତ୍ରିରଙ୍ଗା ର୍ୟାଲି କରିବୁ ।

## ପାକ୍ ପ୍ରଧାନମନ୍ତ୍ରୀଙ୍କ ଫୋନ୍ ଉଠାଇଲେ ନାହିଁ ଆଫଗାନ ରାଷ୍ଟ୍ରପତି

କାବୁଲ୍, ୩୧/୧ (ଏଜେନ୍ସି) : କାବୁଲ୍ରେ ଗତ ୩ ଦିନ ତଳେ ଚିକେନ ଷ୍ଟ୍ରିଟ୍ରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣା ପରେ ପାକ୍ ପ୍ରଧାନମନ୍ତ୍ରୀ ସାହିଦ୍ କଖନଅବ୍ବାସୀ ଆଫଗାନିସ୍ତାନର ରାଷ୍ଟ୍ରପତି ଅସରଫ ଘନିଙ୍କୁ ଟେଲିଫୋନ୍ କରି ଶୋକବାର୍ତ୍ତା ଦେବାକୁ ଚାହୁଁଥିଲେ । କିନ୍ତୁ ଆଫଗାନ୍ ରାଷ୍ଟ୍ରପତି ଏହି ଟେଲିଫୋନ୍କୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଆଫଗାନ ସରକାରଙ୍କ ମୁତାବକ, ପାକିସ୍ତାନ ହିଁ ସେଠାରେ ଆତଙ୍କବାଦୀଙ୍କ ଜରିଆରେ ଏଭଳି ବିସ୍ଫୋରଣ କରାଉଛି । ଅଥଚ ପରେ ଭଲେଇ ହୋଇ ଶୋକବ୍ୟକ୍ତ କରୁଛି । ତେଣୁ ଆଫଗାନ ରଷ୍ଟ୍ରପତି ପାକ୍ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ୍ ଗ୍ରହଣ ନକରି ପାକିସ୍ତାନକୁ କେବଳ ଲଜ୍ଜିତ କରିନାହାନ୍ତି ବରଂ ପାକିସ୍ତାନ କିଭଳି ଆତଙ୍କବାଦୀଙ୍କୁ ପ୍ରଶୟ ଦେଉଛି ଓ ଆତଙ୍କବାଦୀଙ୍କ ଜରିଆରେ ଛଦ୍ମଯୁଦ୍ଧ ଚଳାଇଛି ତାହା ଜଣାଇ ଦେବାକୁ ଚାହିଁଛନ୍ତି । ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ଘନି ପାକ୍ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିନଥିବାବେଳେ ଓଲଟା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ଆତଙ୍କବାଦୀ ହମ୍ଲାରେ ୯୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ଭାରତୀୟ ଦୂତାବାସ ଠାରୁ ଅନତି ଦୂରରେ ଭିଭଆଇପି ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା ।

## ଆଫଗାନିସ୍ତାନ, ପାକିସ୍ତାନ ଓ ଉତ୍ତର ଭାରତରେ ଭୂମିକମ୍ପ




ନୂଆଦିଲ୍ଲୀ, ୩୧/୧ (ଏଜେନ୍ସି) : ବୁଧବାର ଆଫଗାନିସ୍ତାନ, ପାକିସ୍ତାନ, ତାଜିକିସ୍ତାନ ଏବଂ ଉତ୍ତର ଭାରତରେ ଭୂମିକମ୍ପ ଅନୁଭୂତ ହୋଇଛି । ଆଫଗାନିସ୍ତାନ ଓ ତାଜିକିସ୍ତାନ ସୀମାରେ କେନ୍ଦ୍ରୀଭୂତ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୨ ଥିଲା । ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟା ୪୨ ମିନିଟ୍ରେ ଭୂମିକମ୍ପର ଅନୁଭବ କରାଯାଇଥିଲା । ଉତ୍ତର ଭାରତର ପଞ୍ଜାବ, ହରିଆଣା, ହିମାଚଳପ୍ରଦେଶ ଓ ଜମ୍ମୁକାଶ୍ମୀରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଭୂମିକମ୍ପ ଯୋଗୁଁ ପାକିସ୍ତାନରେ ଜଣଙ୍କ ମୃତ୍ୟୁ ଘଟିଛି ।

ଆମେରିକାର ଭୂତତ୍ତ୍ୱ ସର୍ଭେର ଆକଳନ ମୁତାବକ ଏହି ଭୂମିକମ୍ପର ତୀବ୍ରତା ୬.୧ ଥିଲା ଓ ଏହା ଆଫଗାନିସ୍ତାନର ହିନ୍ଦୁକୁଶ ପର୍ବତମାଳାର ୧୭୮ କି.ମି. ଭୂଗର୍ଭ ମଧ୍ୟରେ କେନ୍ଦ୍ରୀଭୂତ ହୋଇଥିଲା । ଏହି ଅଞ୍ଚଳ ଆଫଗାନିସ୍ତାନର ବଡ଼କସାନ ରାଜ୍ୟରେ ଅବସ୍ଥିତ । ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ପ୍ରାୟ ୨୭ କୋଟି ଲୋକ ଥିବା କୁହାଯାଇଛି । ପାକିସ୍ତାନର ଜିଓ ଟିଭି ମୁତାବକ ଘଟଣାରେ ଜଣେ ନାବାଳିକାର ମୃତ୍ୟୁ ଘଟିଥିବାବେଳେ ଲାସ୍ବେଗା ଅଞ୍ଚଳର ବେଲା ଟାଉନ୍ରେ ୯ ଜଣ ଗୁରୁତର ଆହତ ହୋଇଛନ୍ତି । ଏଥିସହ ଗୋଟିଏ କୋଠା ଭୁଶୁଡ଼ି ପଡ଼ିଛି । ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଗୋଟିଏ ସ୍କୁଲ୍ ଘର ମଧ୍ୟ ଭୁଶୁଡ଼ି ପଡ଼ିଛି । ବେଲୁଚିସ୍ତାନ ସମେତ ଖାଇବର ପଖତନଖ୍ୱା, ଇସଲାମାବାଦ ଓ ଆଫଗାନିସ୍ତାନର ପାକ୍ ସୀମାକୁ ଲାଗି ରହିଥିବା ଅଞ୍ଚଳଗୁଡ଼ିକରେ ଭୂମିକମ୍ପର ପ୍ରଭାବ ଦେଖିବାକୁ ମିଳିଛି । ପାକିସ୍ତାନର ସୁପ୍ରିମ୍କୋର୍ଟ, ସଂସଦ ଓ ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକରେ ଭୂମିକମ୍ପ ଯୋଗୁଁ ସତର୍କଘଣ୍ଟି ବାଜିଉଠିଥିଲା ଓ ଲୋକେ କାର୍ଯ୍ୟାଳୟ ବାହାରକୁ ଚାଲିଆସିଥିଲେ ।

## ୧୦୦ ବର୍ଷ ତଳେ ଭାରତରେ ରୁଜୁ ମାମଲା ଉପରେ ପାକିସ୍ତାନରେ ଶୁଣାଣି

ଇସଲାମାବାଦ, ୩୧/୧ (ଏଜେନ୍ସି) : ୧୦୦ ବର୍ଷ ତଳେ ଅବିଭକ୍ତ ଭାରତରେ ରୁଜୁ ହୋଇଥିବା ଏକ ମାମଲା ଉପରେ ପାକିସ୍ତାନର ସୁପ୍ରିମ୍କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି । ପୈତୃକ ସମ୍ପତ୍ତି ବିବାଦକୁ ନେଇ ୧୯୧୮ରେ ରାଜସ୍ଥାନର ଏକ ଅଦାଲତରେ ମାମଲା ଦାୟର ହୋଇଥିଲା । ଭାଓ୍ୱଲପୁରରେ ୭ଶହ ଏକର ଜମି ଉପରେ ଅଧିକାରର ବିବାଦକୁ ନେଇ ଏହି ମାମଲା ରୁଜୁ ହୋଇଥିଲା । ଭାଓ୍ୱଲପୁର ଅଞ୍ଚଳ ବିଭାଜନ ପୂର୍ବରୁ ରାଜପୁତାନା ରାଜ୍ୟ ଅଧୀନରେ ଥିଲା । ବିଭାଜନ ପରେ ଏହି ମାମଲା ଭାଓ୍ୱଲପୁର ଟ୍ରାଏଲ୍କୋର୍ଟରେ ସ୍ଥାନାନ୍ତିରତ ହୋଇଥିଲା ଯାହା ଏବେ ପାକିସ୍ତାନର ପଞ୍ଜାବପ୍ରଦେଶରେ ଅଛି । ୨୦୦୫ରେ ଏହି ମାମଲା ପାକ୍ ସୁପ୍ରିମ୍କୋର୍ଟକୁ ସ୍ଥାନାନ୍ତରିତ ହୋଇଥିଲା । ଶୁଣାଣି ପାଇଁ ପହଞ୍ଚିବା ପରେ ଆବେଦନକାରୀମାନେ ଦାବି କରିଛନ୍ତି ଯେ, ସେମାନେ ବଡ଼ ଶାହାବୁଦ୍ଦିନ ଓ ଶେର୍ ଖାନ୍ଙ୍କ ବଂଶଜ ତଥା ଜମିର ପ୍ରକୃତ ମାଲିକ । ୧୯୧୮ରେ ଶାହାବୁଦ୍ଦିନଙ୍କ ଦେହାନ୍ତ ପରେ ଜମି ବିବାଦ ସୃଷ୍ଟି ହୋଇଥିଲା । ପାକ୍ ସୁପ୍ରିମ୍କୋର୍ଟର ପ୍ରଧାନ ବିଚାରପତି ମିଆଁ ସକିବ ନିଶାଦଙ୍କ ନେତୃତ୍ୱରେ ଗଠିତ ଏକ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ଇସଲାମ୍ର ଆଇନ୍ ଅନୁସାରେ ପୁରା ଜମିକୁ ସମସ୍ତ ଉତ୍ତରାଧିକାରୀ ତଥା ଦାବିଦାରଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶାହରୁଖ ବି ଠୁଳ କରିଛନ୍ତି କଳାଧନ ବେନାମୀ ଫାର୍ମହାଉସ୍ ବାଜ୍ୟାପ୍ତ

ମୁମ୍ବାଇ, ୩୧/୧ (ଏଜେନ୍ସି) : ଏବେ ଆୟକର ବିଭାଗ କେବଳ ବ୍ୟାଙ୍କ୍ ଆକାଉଣ୍ଟକୁ ତନ୍ଖି କରୁନାହିଁ । ଜମିଜମା ରେକର୍ଡ ମଧ୍ୟ ଯାଞ୍ଚ କରୁଛି । କାହା ନାମରେ କେଉଁ ସମ୍ପତ୍ତି ଅଛି, ଯଦି ଜଣଙ୍କ ନାମରେ ସମ୍ପତ୍ତି ଅଛି ତେବେ ତାହା ପୈତୃକ ନା ସେ ନିଜେ କିଣିଛନ୍ତି ତାହା ମଧ୍ୟ ଯାଞ୍ଚ କରାଯାଉଛି । ଆଉ ଯଦି ସମ୍ପତ୍ତି କ୍ରୟ କରିଥିବା ବ୍ୟକ୍ତି ଆୟର ସ୍ରୋତ ଦେଖାଇ ନପାରନ୍ତି ତେବେ ତାହାକୁ ଆୟକର ବିଭାଗ ବେନାମୀ ସମ୍ପତ୍ତି ବୋଲି ଘୋଷଣା କରୁଛି । ଏହି କ୍ରମରେ ବଲିଉଡ୍ ଅଭିନେତା କିଙ୍ଗ୍ଖାନଙ୍କ ମହାରାଷ୍ଟ୍ରରେ ବେଳାଭୂମିରେ ଥିବା ଏକ ବିଶାଳ ଫାର୍ମହାଉସ୍ 'ଆଲିବାଗ୍' ବେନାମୀ ଘୋଷିତ ହେବା ସହ ବ୍ୟାଜାପ୍ତି କରାଯାଇଛି । ଗତ ଡିସେମ୍ବରରେ ଏନେଇ ଶାହାରୁଖଙ୍କୁ ନୋଟିସ୍ ପଠାଯାଇଥିଲା । ନୋଟିସ୍ ପଠାଯିବାର ୯୦ ଦିନ ମଧ୍ୟରେ ସମ୍ପତ୍ତି ବାଜ୍ୟାପ୍ତି କରିବାର ପ୍ରାବଧାନ ରହିଛି । ଉକ୍ତ ଫାର୍ମହାଉସ୍ର କ୍ଷେତ୍ରଫଳ ପ୍ରାୟ ୬୬ ହଜାର ବର୍ଗଫୁଟ୍ ଅର୍ଥାତ୍ ଦେଢ଼ ଏକର । ମହାରାଷ୍ଟ୍ରର ବେଳାଭୂମିରେ ଏଭଳି ଏକ ଏକର ଜମିର ମୂଲ୍ୟ ପ୍ରାୟ ୫ଶହ କୋଟି ଟଙ୍କା । ବଲିଉଡ୍ ଅଭିନେତା ଓ କ୍ରିକେଟ୍ ତାରକାମାନେ ଦୁବାଇ ଭଳି ସହରରେ ମଧ୍ୟ ପ୍ରଚୁର ଅର୍ଥ ନିବେଶ କରିଥିବା କୁହାଯାଉଛି । ସେସବୁର ଯାଞ୍ଚ ଏଯାବତ୍ ଆରମ୍ଭ ହୋଇନାହିଁ ।

ସୂଚନାଯୋଗ୍ୟ ଯେ, ଗତ ବର୍ଷ ମଇ ମାସରୁ ଆୟକର ବିଭାଗ ସମ୍ପତ୍ତି ଖୋଳତାଡ଼ ପାଇଁ ୨୪ଟି ବେନାମୀ ନିରାକରଣ ୟୁନିଟ୍ ଗଠନ କରିଛି । ଏହି ୟୁନିଟ୍ ଏପର୍ଯ୍ୟନ୍ତ ପ୍ରାୟ ୩୫ଶହ କୋଟି ଟଙ୍କାର ବେନାମୀ ସମ୍ପତ୍ତି ଠାବ କରିସାରିଛି । ସେଗୁଡ଼ିକ ମଧ୍ୟରେ ୨୯ଶହ କୋଟି ଟଙ୍କାର ସମ୍ପତ୍ତି ଜମିଜମା ଓ ଘରବାଡ଼ି ବୋଲି ଜଣାପଡ଼ିଛି ।

## ରୋହିଙ୍ଗ୍ୟା ପ୍ରସଙ୍ଗରେ କେନ୍ଦ୍ରସରକାରଙ୍କୁ ସୁପ୍ରିମ୍କୋର୍ଟଙ୍କ ଜବାବ ତଲବ



ନୂଆଦିଲ୍ଲୀ, ୩୧/୧ (ଏଜେନ୍ସି) : ବୁଧବାର ମାନ୍ୟବର ସୁପ୍ରିମ୍କୋର୍ଟ ରୋହିଙ୍ଗ୍ୟା ଶରଣାର୍ଥୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ତଲବ କରିଛନ୍ତି । ଜଷ୍ଟିସ ଏ.ଏମ୍.ଖାନୱିଲକର ଓ ଡି.ୱାଇ.ଚନ୍ଦ୍ରଚୁଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନୋଟିସ ଜାରି କରିଛନ୍ତି । ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏନେଇ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ଯେଉଁଥିରେ ଉଲ୍ଲେଖ ଥିଲା ଯେ, ରୋହିଙ୍ଗ୍ୟା ଶରଣାର୍ଥୀମାନେ ଭାରତକୁ ଆସିବାକୁ ଚାହୁଁଥିବାବେଳେ ସରକାର ସେମାନଙ୍କୁ ପୁରାଇ ଦେଉନାହାନ୍ତି । ସୀମାରେ ଜଗିଥିବା ବିଏସ୍ଏଫ୍ ଜବାନମାନେ ସେମାନଙ୍କୁ ରୋକୁଛନ୍ତି । ଏହି ରୋହିଙ୍ଗ୍ୟାମାନଙ୍କୁ ବିଏସ୍ଏଫ୍ କାହିଁକି ଅଟକାଉଛି ବୋଲି ଆବେଦନକାରୀ ପ୍ରଶ୍ନ କରିବା ସହ ଏହ ମାନବାଧିକାରର ଉଲ୍ଲଂଘନ କରୁଛି ବୋଲି ଦର୍ଶାଇଛନ୍ତି । ଏପରିକି ବିଏସ୍ଏଫ୍ ସେମାନଙ୍କ ଉପରେ ଲଙ୍କାଗୁଣ୍ଡ ଫିଙ୍ଗି ଘଉଡ଼ାଇ ଦେଇଥିବା ଆବେଦନକାରୀ ଶ୍ରୀ ଭୂଷଣ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଅଦାଲତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ନକରନ୍ତୁ । କାରଣ ଏହା ରାଷ୍ଟ୍ରହିତ ସହିତ ଜଡ଼ିତ ଏକ କୂଟନୈତିକ ଘଟଣାକ୍ରମ । ଏହି ମାମଲାରେ ରାଷ୍ଟ୍ରୀୟ ମାନବାଧିକାର କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନ୍ଜୀବୀ ଗୋପାଳ ସୁବ୍ରମଣ୍ୟମ୍ କହିଥିଲେ ଯେ, ଅତିରିକ୍ତ ସଲିସିଟର ଜେନେରାଲଙ୍କ କଥାରେ ଆମେ ସହମତ; କିନ୍ତୁ ଯେଉଁମାନେ ଭାରତରେ ପଶିଆସିଛନ୍ତି ଓ ଏଠାରେ ରହୁଛନ୍ତି ସେମାନଙ୍କୁ ନେଇ ଆମେ ଚିନ୍ତିତ । ପ୍ରକାଶଥାଉ କି, ମିଆଁମାରର ରାଖିନ ଅଞ୍ଚଳରେ ଏହି ରୋହିଙ୍ଗ୍ୟାମାନେ ହିନ୍ଦୁମାନଙ୍କୁ ମାରି ସେମାନଙ୍କ ମାଂସ ଖାଉଥିବାର ଅଭିଯୋଗ ଆସିବା ପରେ ସମଗ୍ର ଦେଶରେ ଏମାନଙ୍କ ପ୍ରତି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଶଶୀକଳାଙ୍କୁ ଜେରା କରିବ ଆୟକର ବିଭାଗ

ଚେନ୍ନାଇ, ୩୧/୧ (ଏଜେନ୍ସି) : ଏବେ ଜେଲ୍ରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜୟଲଳିତାଙ୍କ ବାନ୍ଧବୀ ଭି.କେ.ଶଶୀକଳାଙ୍କୁ ବାଙ୍ଗାଲୋର୍ର ପରପନ୍ନା ଆଗ୍ରାହରା କେନ୍ଦ୍ରୀୟ ଜେଲ୍ରେ ଆୟକର ଅଧିକାରୀମାନେ ଜେରା କରିବେ । ଗତ ନଭେମ୍ବର ମାସରେ ଜୟଲଳିତାଙ୍କ ବାସଭବନ ପୋସଗାର୍ଡେନ୍ରେ ଥିବା ଶଶୀକଳାଙ୍କ ବ୍ୟକ୍ତିଗତ କକ୍ଷ ବେଦନିଳୟମ୍ରେ ତଲାସୀ ସମୟରେ ମିଳିଥିବା ଆୟ ବହିର୍ଭୂତ ସମ୍ପତ୍ତି ପ୍ରସଙ୍ଗରେ ତାଙ୍କୁ ଜେରା କରାଯିବ । ଏହି ଚଢ଼ାଉ ସମୟରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ନେଇ ବହୁ ପ୍ରମାଣ ଓ ଦଲିଲ ଆୟକର ବିଭାଗର ହସ୍ତଗତ ହୋଇଥିଲା ।

## ଦକ୍ଷିଣ ଚୀନସାଗର ମାନଚିତ୍ରକୁ ନେଇ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଚୀନ୍ର ଧମକ

ବେଜିଂ, ୩୧/୧ (ଏଜେନ୍ସି) :ଦକ୍ଷିଣ ଚୀନ ସାଗରରେ ଚୀନ୍ ନିଜର ଏକଚାଟିଆ ଅଧିକାର ସାବ୍ୟସ୍ତ କରୁଛି । ତାଇୱାନ ଓ ଅନ୍ୟ ଦେଶଗୁଡ଼ିକ ଯେଉଁ ଦ୍ୱୀପଗୁଡ଼ିକୁ ନିଜର ବୋଲି ଦାବି କରନ୍ତି, ତାହାକୁ ଚୀନ ସମ୍ପୂର୍ଣ୍ଣ ନିଜର ବୋଲି ଦର୍ଶାଉଛି । ତେବେ ଆମେରିକାର ହୋଟେଲ୍ ଗ୍ରୁପ୍ 'ମାରିଅଟ୍, ଡେଲ୍ଟା ଏୟାର ଲାଇନ୍ସ ଓ ଅନ୍ତରାଷ୍ଟ୍ରୀୟ ପୋଷାକ ବ୍ରାଣ୍ଡ କମ୍ପାନୀ ଜାରା ସେମାନଙ୍କ ମାନଚିତ୍ରରେ ଉକ୍ତ ଦ୍ୱୀପଗୁଡ଼ିକୁ ବିବାଦୀୟ ଅଞ୍ଚଳ ରୂପେ ଦର୍ଶାଉଥିବାରୁ ଚୀନ୍ ସେମାନଙ୍କୁ ଧମକ ଦେଇଛି । ଚୀନ୍ର ରାଷ୍ଟ୍ରୀୟ ସର୍ଭେ ପ୍ରଶାସନ ଯେଉଁ ମ୍ୟାପ୍ ଜାରି କରିଥାଏ ସେଥିରେ ଅନ୍ୟ ଦେଶର ଅଞ୍ଚଳକୁ ମଧ୍ୟ ଚୀନ୍ ନିଜର ବୋଲି ଦର୍ଶାଇଥାଏ । ଏପରିକି ଭାରତର ଅରୁଣାଚଳପ୍ରଦେଶକୁ ଚୀନ୍ ଏହି ମ୍ୟାପ୍ରେ ନିଜର ବୋଲି ଦର୍ଶାଇ ଆସୁଛି ।

## ଚା' ବିକାଳୀରୁ କୋଟିପତି, ଆୟକର ବିଭାଗ ତାଜୁବ




ଜୟପୁର, ୩୧/୧ (ଏଜେନ୍ସି) : ଗୁରୁବାର ମୋଦି ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିବେ । ବେଶିକରି ଡିଜିଟାଲ୍ ଇଣ୍ଡିଆକୁ ଲକ୍ଷ୍ୟ ରଖି ସରକାର ବଜେଟ୍ରେ କିଛି ଖାସ୍ ପଦକ୍ଷେପ ଗ୍ରହଣ କରିବ ବୋଲି କୁହାଯାଉଛି । ବ୍ୟାଙ୍କିଂ ବ୍ୟବସ୍ଥାକୁ ମଧ୍ୟ ସରକାର ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେବେ କେତେକ କ୍ଷେତ୍ରରେ ବୈଷୟିକ କିମ୍ବା ବ୍ୟାଙ୍କ୍ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଡିଜିଟାଇଜେସନ୍ ନେଇ ଆଶଙ୍କା ଦେଖାଯାଉଛି । ଏହାର ଏକ ସଦ୍ୟତମ ଘଟଣା ଜୟପୁରରେ ଘଟିଛି । ବ୍ୟାଙ୍କର ତ୍ରୁଟି ଯୋଗୁଁ ଚା' ଦୋକାନରେ କାମ କରୁଥିବା ଜଣେ ଯୁବକଙ୍କୁ ହଟହଟା ହେବାକୁ ପଡ଼ିଛି । ୨୦୧୬ ନଭେମ୍ବର ୧୮ରେ ଚା' ଦୋକାନରେ କାମ କରୁଥିବା ରାଜକୁମାର ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଥିବା ତାଙ୍କ ଜମାଖାତାରେ ୪୮ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ । ମାତ୍ର ବ୍ୟାଙ୍କ୍ କର୍ମଚାରୀ ଭୁଲ୍ବଶତଃ ଏହାକୁ ୪ କୋଟି ୮୦ ଲକ୍ଷ ଟଙ୍କା ଦର୍ଶାଇଥିଲେ । ଏହି ତ୍ରୁଟି ପରେ ଜାଣିପାରିବା ପରେ ବ୍ୟାଙ୍କ୍ ରାଜକୁମାରଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିଲେ । ଏହି ଘଟଣାର ୧୪ ମାସ ପରେ ରାଜକୁମାରଙ୍କ ନିକଟକୁ ଆୟକର ବିଭାଗର ନୋଟିସ୍ ଆସିଥିଲା । ତାଙ୍କୁ ଆୟକର ବିଭାଗ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଥିଲା । ଆୟକର ବିଭାଗ ୩ ଦିନ ଧରି ତାଙ୍କୁ ଜେରା କରିଛି । ଗୁଡ଼େଇ ତୁଡ଼େଇ ନାନା ପ୍ରଶ୍ନ ପଚରାଯାଇଥିଲା । ଏବେ ଆୟକର ବିଭାଗ ତାଙ୍କୁ ଟିକସ୍ ଦେବାକୁ ବାଧ କରୁଥିବା ସେ କହିଛନ୍ତି ।

## ଅଗଷ୍ଟା ହେଲିକପ୍ଟର ଦୁର୍ନୀତି ମାମଲାର ଶୁଣାଣି ଶେଷ, ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୩୧/୧ (ଏଜେନ୍ସି) : ବହୁ ଚର୍ଚ୍ଚିତ ଅଗଷ୍ଟା ହେଲିକପ୍ଟର ଦୁର୍ନୀତି ମାମଲାରେ ମାନବ୍ୟର ସୁପ୍ରମ୍କୋର୍ଟ ଏହାର ଶୁଣାଣି ଶେଷ କରି ରାୟକୁ ସଂରକ୍ଷିତ ରଖିଛନ୍ତି । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହଙ୍କ ପୁଅର ଏହି ଦୁର୍ନୀତି ସହ କଥିତ ଲିଙ୍କ୍କୁ ନେଇ ତଦନ୍ତ କରିବା ପାଇଁ ଆବେଦନ ହୋଇଥିଲା । ଜଷ୍ଟିସ୍ ଏ.କେ.ଗୋଏଲ ଓ ୟୁ.ୟୁ.ଲଳିତ ମାମଲାର ଶୁଣାଣି କରିଛନ୍ତି । ଏନ୍ଜିଓ ସ୍ୱରାଜ ଅଭିଯାନ ଓ ଛତିଶଗଡ଼ ବିରୋଧୀ ଦଳ ନେତା ଟି.ଏସ୍.ସିଂହଦେଓ ଏହି ମାମଲା ରୁଜୁ କରିଥିଲେ । ରାଜ୍ୟ ମୁଖ୍ୟ ଶାସନସଚିବଙ୍କ ବାରଣସତ୍ତ୍ୱେ ଛତିଶଗଡ଼ ସରକାର ଗ୍ଲୋବାଲ୍ ଟେଣ୍ଡର ନକରାଇ ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କ୍ରୟ କରିଥିଲେ । ଏହି ମାମଲାରେ ଗତ ୨୦୧୭ ନଭେମ୍ବର ୨୩ ତାରିଖରେ ହେଲିକପ୍ଟର କ୍ରୟ ସଂକ୍ରାନ୍ତୀୟ କାଗଜପତ୍ର ଅଦାଲତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ସୁନ୍ଦରଗଡ ଜିଲ୍ଲା ସମାଚାର

### ବେଦବ୍ୟାସ ଅଞ୍ଚଳରୁ ମହିଳା ଅପହୃତା ମାମଲା

## ଗୁଜରାଟର ଜାମନଗରଠାରେ ଅନ୍ୟ ଏକ ପୁରୁଷ ସହିତ ଠାବ କଲା ପୋଲିସ

ବେଦବ୍ୟାସ, ୩୧।୧ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧୀନରେ ଥିବା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରୁ ହଂସରାଜ ପାଣ୍ଡେ ନାମକ ଜୈନିକ ବ୍ୟକ୍ତିଙ୍କ ପତ୍ନୀଙ୍କୁ ଦିଲଚାନ୍ଦ ସାହୁ ନାମକ ଜଣେ ବ୍ୟକ୍ତି ଏଠାରୁ ଅପହରଣ କରିନେଇଥିବା ସମ୍ବନ୍ଧରେ ଥାନାରେ ହୋଇଥିବା ଏକ ଅଭିଯୋଗକୁ ଆଧାର କରି ପୋଲିସ ଅପହରଣ ହୋଇଥିବା ମହିଳାଙ୍କ ସ୍ୱାମୀ ହଂସରାଜଙ୍କ ଦ୍ୱାରା ଦିଆଯାଇଥିବା ଏକ ଫୋନ କଲକୁ ଟ୍ରାକ୍ କରି ଗୁଜରାଟର ଜାମନଗରରୁ ଏକ ଘରେ ଉକ୍ତ ମହିଳା ଓ ଦିଲ ଚାନ୍ଦକୁ ଉଦ୍ଧାର କରିଥିଲ ତେବେ ମହିଳା ଜଣକ ନିଜ ଇଚ୍ଛାରେ ଦିଲଚାନ୍ଦଙ୍କ ସହିତ ଆସିଥିବା କହୁଥିବାବେଳେ ମହିଳାଙ୍କ ସ୍ୱାମୀ ହଂସରାଜ ତାଙ୍କ ପତ୍ନୀଙ୍କୁ ଅପହରଣ କରାଯାଇଥିବା ନେଇ କହୁଥିବା କାରଣରୁ ବର୍ତ୍ତମାନ ପୋଲିସ ହରଣ ଘଣାରେ ପଡିଯାଇଛି । ଗୁଜରାଟରୁ ନାଁ ମହିଳାଙ୍କୁ ଆଣିପାରୁଛି ନା ଏଠାକୁ ହଂସରାଜ ଗୁଜରାତ ଯାଇ ସେଠି କରିଥିବା ଓଡ଼ିଶା ପୋଲିସକୁ ସହଯୋଗ କରିବା ପାଇଁ ରାଜି ହେଉଛି । -ଶ୍ରୀ

- ସ୍ୱାମୀ କହୁଛି ଅପହରଣ
- ସ୍ତ୍ରୀ କହୁଛନ୍ତି ମୋ ନିଜ ଇଚ୍ଛାରେ ଆସିଛି

## ହାତୀ ଆକ୍ରମଣରେ ଜଣେ ମୃତ



ହାତିବାରୀ, ୩୧।୧ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା ହାତିବାରୀ ଥାନା ଅଞ୍ଚଳର ଲଲେଇଖମନ ଗ୍ରାମକୁ ଗତକାଲି ରାତ୍ରରେ କେତୋଟି ହାତୀ ପଶି ଆସି ଶୌଚ ପାଇଁ ଯାଇଥିବା ଗ୍ରାମର ଛତ୍ରିଆ କୁନୁର ନାମକ ଜଣେ ବ୍ୟକ୍ତିକୁ ପାଦରେ ଦଳି ମାରିଦେଇଥିଲେ । ଏସମ୍ବନ୍ଧରେ ଖବର ପାଇ ବନ ବିଭାଗ କର୍ମଚାରୀ ଏବଂ ପୋଲିସ ପହଞ୍ଚି ମୃତ ଛତ୍ରିଆ କୁନୁରଙ୍କ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।

### ବକେୟା ପାଉଣା ନପାଇ ଠିକାଦାରଙ୍କ ଆତ୍ମହତ୍ୟା ଉଦ୍ୟମ

ରାଉରକେଲା, ୩୧।୧ (ଶ୍ରୁ.ମି) : ଲାରସନ ଏଣ୍ଡ ଟୁବ୍ରୋ ନାମକ ଏକ କମ୍ପାନୀଠାରୁ ଠିକାଦାର ନେଇଥିବା ତଥା ବାସନ୍ତି କଲୋନୀରେ ରହୁଥିବା ଅରୁଣ ମିଶ୍ର (୩୫) ନାମକ ଜଣେ ଠିକାଦାର ନିଜର ବକେୟା ପାଉଣା ପାଇବା ପାଇଁ ରଘୁନାଥପଲ୍ଲୀ ଥାନା ଅଞ୍ଚଳରେ ଥିବା ଲାରସନ ଏଣ୍ଡ ଟୁବ୍ରୋ କମ୍ପାନୀର ଅଫିସକୁ ଦୌଡି ଦୌଡି ନୟାନ୍ତ ହୋଇପଡିବା ପରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇ ଏଲ୍ ଏକ୍ସ ସ୍ଥାନୀୟ ସମ୍ମୁଖରେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ତେବେ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଅରୁଣଙ୍କୁ ଆଇଜିଏଚରେ ଭର୍ତ୍ତି କରାଯାଇଥିବା ଜଣାପଡିଛି ।

## ନିଆଁରେ ପୋଡି ହୋଇ ପତି-ପତ୍ନୀ ଗୁରୁତର

ରାଉରକେଲ, ୩୧।୧ (ଶ୍ରୁ.ମି) : ଉଦିତନଗର ଥାନା ଅଞ୍ଚଳରେ ଥିବା ମାଲଗୋଦାମ ଘର ୱାର୍ଡ ନଂ-୯ରେ ରହୁଥିବା ମନୋଜ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପତ୍ନି ଦୂନୀ ସାହୁ ପାରିବାରିକ କଳହକୁ ନେଇ ନିଜ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ । ପତ୍ନିକୁ ବଞ୍ଚାଇବାକୁ ଯାଇ ମନୋଜ ଗୁରୁତର ଭାବେ ଆହତ ହୋଇଯାଇଥିଲେ । ଏ ସମ୍ବନ୍ଧରେ ଖବର ପାଇ ପଡୋଶୀ ଉଭୟଙ୍କୁ ନେଇ ଚିକିତ୍ସା ପାଇଁ ଆଇଜିଏଚରେ ଭର୍ତ୍ତି କରାଯାଇଥିବା ଜଣାପଡିଛି ।

## ଜଙ୍ଗଲରୁ ଯୁବତୀର ଶବ ଉଦ୍ଧାର

ଗୁରୁଣ୍ଡିଆ, ୩୧।୧ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧୀନରେ ଥିବା ଗୁରୁଣ୍ଡିଆ ଥାନା ଅଞ୍ଚଳର କଞ୍ଚୁର ଜଙ୍ଗଲ ମଧ୍ୟରୁ ପୋଲିସ ଏକ ଯୁବତୀର ଶବକୁ ଉଦ୍ଧାର କରିଛଇ । ଯୁବତୀର ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ କେହି ଯୁବତୀକୁ ହତ୍ୟା କରି ପକାଇ ଦେଇଥିବା ନେଇ ପୋଲିସ ସନ୍ଦେହ କରୁଛି । ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ମୃତ ଯୁବତୀର ପରିଚୟ ମିଳିପାରିନାହିଁ

## ନାବାଳିକାକୁ କମେଣ୍ଟ ମାରି ଦୁଇ ଗିରଫ

ବୀରମିତ୍ରପୁର, ୩୧।୧ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା ବୀରମିତ୍ରପୁର ଥାନା ଅଞ୍ଚଳର ବିକାଶ ଜୟସ୍ୱାଲ ନାମକ ଜଣେ ଯୁବକ ସେହି ଅଞ୍ଚଳର ଜଣେ ଯୁବତୀକୁ ରାସ୍ତାରେ ଅଟକାଇ କମେଣ୍ଟ ମାରୁଥିବାନେଇ ଅଭିଯୋଗ ହେବା ପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତ ବିକାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ଦୀର୍ଘଦିନ ହେଲା ଆରଓ ପ୍ଲାଣ୍ଟ ଅଚଳ

ବଣେଇଗଡ, ୩୧।୧ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ବଣେଇଗଡ ଉପଖଣ୍ଡ ଅଞ୍ଚଳରେ କଷଡା- ଟେଣ୍ଡରା ଗ୍ରାମ ମଝିରେ ଥିବା ବଜାର ଛକଠାରେ ପ୍ରଶାସନ ପକ୍ଷରୁ ଗ୍ରାମବାସୀମାନଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବା ପାଇଁ ଏବଂ ଆରଓ ପ୍ଲାଣ୍ଟ ବସାଇଥିଲେ । ତେବେ ୩ ଫେଜ୍ ମୋଟର ଆବଶ୍ୟକଥିବା ବେଳେ ସିଙ୍ଗିଲ ଫେଜ୍ ମୋଟର ବସାଯାଇଥିଲା । ମାତ୍ର କିଛି ଦିନ ପାଣି ଆସିବା ପରେ ଏହା ଖରାପ ହୋଇଯାଇଥିଲା । ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହି ପ୍ଲାଣ୍ଟଟି ବନ୍ଦ ଥିବାରୁ ଅଞ୍ଚଳବାସୀମାନେ ସ୍ୱଚ୍ଛ ପାନୀୟ ଜଳ ପାଇପାରୁନଥିବା ଜଣାପଡିଛି ।

## ଓସିଏଲ ଇଣ୍ଡିଆ ଲିମିଟେଡରେ ଶ୍ରମିକ ସଂଘ ନିର୍ବାଚନ ସମାପ୍ତ

*ରାଜଗାଙ୍ଗପୁର, ୩୧।୧ (ଶ୍ରୁ.ମି) : ରାଜଗାଙ୍ଗପୁର ଠାରେ ଓସିଏଲ ଇଣ୍ଡିଆ ଲିମିଟେଡର ସିମେଣ୍ଟ ବିଭାଗରେ ଅନୁଷ୍ଠିତ ହୋଇଥିବା ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନରେ ଭାରତୀୟ ମଜଦୁର ସଂଘ ବିଜୟୀ ହୋଇଥିବାବେଳେ ରିଫ୍ରାକ୍ଟ୍ରି ବିଭାଗରେ ସିଆଇଟିୟୁ ସମର୍ଥିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ (ସିଟୁ) ବିପୁଳ ଭୋଟରେ ବିଜୟୀ ହୋଇଥିବା ଜଣାପଡିଛି ।*

## ପତ୍ନୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର

କିଞ୍ଜିରିକେଲା, ୩୧।୧ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା କିଞ୍ଜିରିକେଲା ଥାନାର ନେତଭୂଜପୁର ଗ୍ରାମରେ ରହୁଥିବା ସସ୍ମିତା ମାଝୀ ନାମକ ଜଣେ ମହିଳାଙ୍କୁ ପାରିବାରିକ କଳହକୁ ନେଇ ତାଙ୍କ ସ୍ୱାମୀ ଜଗଦିଶ ମାଝୀ ପଳାଇ ଯାଇଥିଲେ । ଏ ସମ୍ବନ୍ଧରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ସସ୍ମିତା ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ପାଳିତ

ରାଉରକେଲା, ୩୧।୧ (ଶ୍ରୁ.ମି) : ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଗୁରୁମା ଚାରୁଲତା ଦେବୀଙ୍କ ସଭାପତିତ୍ୱରେ ଶିକ୍ଷାଶ୍ରମ ପରିସରରେ ପାଳିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଲାଠିକଟା ବ୍ଲକର ଶିକ୍ଷା ଅଧିକାରୀ ସୁଶ୍ରୀ ଶାନ୍ତିମୁନି ସୁରେଖା ହୋରୋ ଯୋଗ ଦେଇଥିଲେ । ସଭାକାର୍ଯ୍ୟର ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଫଟୋଚିତ୍ରରେ ଧୂପ, ଦୀପ, ଚନ୍ଦନ ଅର୍ପଣ କରି ସର୍ବଧର୍ମ ସମନ୍ୱୟ ପ୍ରାର୍ଥନା କରାଯାଇଥିଲା । ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ସ୍ୱାଗତ ଭାଷଣ ଦେଇଥିଲେ । ଓଡିଆରେ ପ୍ରଥମ ଶ୍ରେଣୀର ଛାତ୍ରୀ କୁମାରୀ ଦୀପା, ଇଂରାଜୀରେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଶ୍ରୀମାନ ଓଁସ୍ୱରୂପ ଏବଂ ହିନ୍ଦୀରେ ପ୍ରଥମ ଶ୍ରେଣୀର ଛାତ୍ରୀ କୁମାରୀ ରେଣୁକା ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷାଶ୍ରମର ଆବାସିକ ଡାକ୍ତର ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଡା. କଳ୍ପଲତା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ପୂଜ୍ୟ ଶ୍ରୀ ଭାଇଙ୍କ ଲିଖିତ ଦେଶାତ୍ମବୋଧ. ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟରକ୍ଷାର ନିୟମ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ, ଯୋଗାସନ, ବ୍ୟାୟାମ, ପିରାମିଡ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଇଥିଲେ ।

### ବିଞ୍ଜବାହାଲ ପଞ୍ଚାୟତ ମୁଖ୍ୟାଳୟରେ ସ୍ୱଜଳଧାରା ଯୋଜନା ବିଫଳ

## ଝରଣା ପାଣି ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ



ତେଲକୋଇ, ୩୧।୧ (ଶ୍ରୁ.ମି) : କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଧିନର ବିଭିନ୍ନ ପଂଚାୟତ ମୁଖ୍ୟାଳୟରେ ସରକାରଙ୍କ ସ୍ୱଜଳଧାରା ରେ ପାନୀୟଜଳ ଯୋଗାଣ କରାଯାଉଛି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଏଥିରେ ବିଫଳ ହୋଇଥିବା ଯୋଗୁଁ ଝରଣା ପାଣି ଓ ପୋଖରୀ ଉପରେ ନିର୍ଭର କରିବାକୁ ବାଧ ହୋଇଛନ୍ତି ବିଭିନ୍ନ ଗ୍ରାମବାସୀ । ଏପରି ପରିସ୍ଥିତି ବିଂଜବାହାଲ ପଂଚାୟତ ମୁଖ୍ୟାଳୟ ରେ ସୃଷ୍ଟି ହୋଇଥିବା ଅଭିଯୋଗ ଜିଲ୍ଲାପାଳ ଙ୍କ ଠାରେ କରିଛନ୍ତି । ସ୍ଥାନୀୟ ଗ୍ରାମବାସି ଓ ସରପଂଚ ୱାର୍ଡମେମ୍ବର ବିଂଜବାହାଲ ପଂଚାୟତ ମୁଖ୍ୟାଳୟ ଠାରେ ଜଳ ଯୋଗାଣ ପାଇଁ ୨୦୧୦ ମସିହାରେ ସ୍ୱଜଳ ଧାରା ଯୋଜନା ହୋଇଥିଲା ।ତେବ ଦିର୍ଘ ୭ବର୍ଷ ବିତି ଯାଇଥିଲେ ହେଁ ଗ୍ରାମବାସୀ ପାନୀୟଜଳ ଯୋଗାଣରୁ ବଂଚିତ ହୋଇଛନ୍ତି । ଏଥିପାଇଁ ନିକଟସ୍ଥ ଝରଣା ଉପରେ ନିର୍ଭର କରିବାକୁ ବାଧ ହୋଇଛନ୍ତି । ପଂଚାୟତ ମୁଖ୍ୟାଳୟରେ ଥିବା ନଳକୂପର ଗୋଳିଆ ପାଣି କୁ ବ୍ୟବହାର କରିବାକୁ ଚାହୁଁନଥିବା ଗ୍ରାମର ମୁଖିଆ ବୁଧଦେବ ସାହୁ ପ୍ରକାଶ କରିଛନ୍ତି । ସ୍ଥାନୀୟ ସରପଂଚ ମଂଜୁଲତା ନାଏକ ୱାର୍ଡମେମ୍ବର ସନ୍ତୋଷ ବଡଚାଟ ,ଗଜାନନ ସାହୁ,ଶିବନାରାୟଣ ସାହୁ,ଚିତରଂଜନ ସାହୁ ସମେତ ଗ୍ରାମବାସୀ ମାନେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପାନୀୟଜଳ ଯୋଗାଣର ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି । ତେବେ ଜିଲ୍ଲା ଜଳ ଯୋଗାଣ ଅଧିକରୀ ଦୟାନିଧି ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ ସରକାରଙ୍କ ଯୋଜନା ଅନୁଯାଇ ଜଳ ଯୋଗାଣ ଯୋଜନାର ଅର୍ଥ ଦିଆଯାଇଛି । ପଂଚାୟତ ଅଧିନରେ ଥିବା ସ୍ୱଜଳ ଧାରା ଓ ସ୍ୱଚ୍ଛ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବ ।

### ୫୫ତମ ପଞ୍ଚାୟତସ୍ତରୀୟ ଶିଶୁ ମେଳା

ମାର୍ଶାଘାଇ, ୩୧।୧ (ଶ୍ରୁମି) : ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତର ୫୫ତମ ପଞ୍ଚାୟତ ସ୍ତରୀୟ ଶିଶୁ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି । ଜାତୀର ପିତା ମହାତ୍ମା ଗାନ୍ଧୀଙ୍କ ପୂଣ୍ୟତିଥି ଅବସରରେ ପ୍ରତିବର୍ଷ କୁହୁଡି ଗ୍ରାମ ପଞ୍ଚାୟତ ତରଫରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ପ୍ରାଥମିକ,ଉଚ୍ଚ ପ୍ରାଥମିକ ,ଶିଶୁମନ୍ଦିର ଏବଂ ସଂଗୀତ,ନୃତ୍ୟ ବିଦ୍ୟାଳୟର ଦୁଇ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।ଶିକ୍ଷକ ଅରବିନ୍ଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଭଜକୃଷ୍ଣ ରାଉତ,ସମ୍ମାନୀତ ଅତିଥି ଭାବେ ସରପଞ୍ଚ ସୁଶ୍ରୀ ସଂଗୀତା ସ୍ୱାଇଁ,ସମିତି ସଭ୍ୟ ଅମର ବିକ୍ରମ ପରିଡା,ପୂର୍ବତନ ସରପଞ୍ଚ ଧ୍ରୁବ ଚରଣ ସେଠୀ, ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ବେଉରା,ପୂର୍ବତନ ସିଆରସିସି ଦେବେନ୍ଦ୍ର କୁମାର ଦାସ,ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ପଣ୍ଡା,ସମାଜସେବୀ ଉମାକାନ୍ତ ଦାସ,ପ୍ରଭଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ସୁବାସ ପାଣି ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ।ବକ୍ତୃତା,ସଂଗୀତ,ନୃତ୍ୟଏବଂ କୃଷ୍ଣ ବଳରାମ,ଯଶୋଦା,ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା ।ଓାର୍ଡ ସଭ୍ୟ ବିଶ୍ୱପ୍ରକାଶ ଦାସ,ସବିତା ପଲେଇ,ଯୁବନେତା ସମୀର ଦାସ,ଜ୍ଞାନରଂଜନ ଦାସ,ମଣ୍ଟୁ ନାୟକ ଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ସ୍ଥାନୀୟ ବୁଦ୍ଧିଜୀବି, ପଞ୍ଚାୟତର ସମସ୍ତ ଓାର୍ଡସଭ୍ୟ ଉପସ୍ଥିତ ଥିଲେ ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ



ତେଲକୋଇ, ୩୧/୧ (ଶ୍ରୁ.ମି) : ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗୀ ପଂଚାୟତ ମୁଖ୍ୟାଳୟର କ୍ଷେତ୍ରାମୁଣ୍ଡା ସାହିର ନାବାଳକ ଏକ ଟ୍ରାକ୍ଟର ଧକ୍କାରେ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ସଂପୃକ୍ତ ନାବାଳକ ପବିତ୍ର ମୁଣ୍ଡା (୧୪)ବର୍ଷ ନିଜ ଅସହାୟ ପରିବାରକୁ ବଂଚିବା ପାଇଁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସଂପୃକ୍ତ ନାବାଳକ ନିଜର ରୋଗଣା ବାପା ମା ର ସେବା କରିବା ପାଇଁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ତେବେ ଟ୍ରାକ୍ଟର ରେ ଯିବା ସମୟରେ ଟ୍ରାକ୍ଟରରୁ ଖସିପଡି ପଛଚକାରେ ଚାପି ହୋଇଯାଇଥିଲେ । ଟ୍ରାକ୍ଟର ନଂ ଓଡି ୦୯ଜେ୩୬୧୪ର କାଗଜ ପତ୍ର ଜବତ କରିଥିଲେ ହେଁ ଟ୍ରାକ୍ଟର ଫେରାର ରହିଥିବା ଜଣାପଡିଛି । ପୋଲିସ ଖବର ପାଇଁ ଘଟଣା ସ୍ଥଳରେ ପହଂଚି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଛେଦ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ର କେସ ନଂ ୧୪/୧୮ରେ ରୁଜୁ ହୋଇଛି । ଏହି ଘଟଣାକୁ ନେଇ କରଦାଙ୍ଗୀ ପଂଚାୟତରେ ଉତେଜନା ସୃଷ୍ଟି ହୋଇଛି ।

## ଦୁର୍ଘଟଣାରେ ଯୁବକ ମୃତ

କେନ୍ଦ୍ରାପଡା,୩୧।୧ (ଶ୍ରୁ.ମି) : ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲୀ ରାଜ୍ୟରାଜପଥର ଅନାମଦାଶ ଛକ ନିକଟରେ ଗତକାଲି ସଂଧ୍ୟାରେ ଘଟିଥିବା ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଦୀପକ କୁମାର ପ୍ରଧାନ (୩୨) ଓ ଯଅଁରାବାରୀମୂଳ ପଂଚାୟତ ଅର୍ତାମୂଳ ଗ୍ରାମର ପ୍ରକଶ ପ୍ରଧାନଙ୍କ ପୁଅ ବୋଲି ଜଣାଯାଇଛି । ଦୀପକ ଗତକାଲି ସନ୍ଧ୍ୟାରେ କୌଣସି କାମରେ ନିଜ ବାଇକ ଯୋଗେ ଅସୁରେଶ୍ୱର ଅଭିମୂଖେ ଯାଉଥିବା



ବେଳେ ଅନାମଦାଶ ଛକ ନିକଟରେ କୌଣସି ଏକ ଗାଡି ତାଙ୍କୁ ଖୁବଜୋରରେ ଧକ୍କା ଲଗାଇ ଘଟଣାସ୍ଥଳରୁ ପଳାଇଯାଇଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକବଡଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଡେରାବିଶ ପଂଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ବଡଭାଇ ସାମ୍ବାଦିକ ପ୍ରମୋଦ ପ୍ରଧାନ ମୁଖାଗ୍ନି ଦେଇଥିଲେ ।

## କୋରପଦାରେ ଭୟାବହ ଅଗ୍ନିକାଣ୍ଡ
## ୧୭ ବଖରା ଭସ୍ମୀଭୂତ, ୧୦ ପରିବାର ସର୍ବସ୍ୱାନ୍ତ



କେନ୍ଦ୍ରାପଡା,୩୧।୧ (ଶ୍ରୁ.ମି) : ଡେରାବିଶ ବ୍ଲକ ଖମୋଳ ପଂଚାୟତ କୋରପଦା ଗ୍ରାମରେ ଆଜି ମଧାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୭ବଖରା ଛପରଘର ପୋଡି ଭସ୍ମୀଭୁତ ହୋଇଯାଇଥିଲା ବେଳେ ୧୦ଗୋଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ଘଟଣାରୁ ପ୍ରକାଶ ଯେ ଆଜି ମଧାହ୍ନ ପ୍ରାୟ ୧ଘଟିକା ସମୟରେ ଅକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା । ଚାହୁଁଚାହୁଁ ଗୋଟିଏ ପରେ ଗୋଟିଏ ଘର ଭସ୍ମୀଭୂତ ହୋଇଚାଲିଥିଲା । ପ୍ରାଥମିକ ଅବସ୍ଥାରେ ଗ୍ରାମବାସୀମାନେ ନିଆଁ ରୋକିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ପରେ ଖବର ପାଇ ଡେରାବିଶ ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଗ୍ରାମର ସୁଲେଖ ରାଉତ, ନରହରି ରାଉତ, କୃଷ୍ଣଚନ୍ଦ୍ର ରାଉତ, କ୍ଷେତ୍ରବାସୀ ରାଉତ, ଖଲି ରାଉତ, ଗୋଲଖ ରାଉତ, ହରିଶ୍ଚନ୍ଦ୍ର ରାଉତ, ନିରଂଜନ ରାଉତ, ସତ୍ୟଭାମା ରାଉତ ଓ ରାଜକିଶୋର ରାଉତଙ୍କ ୧୭ବଖରା ଛପର ଘର ପୋଡି ଭସ୍ମୀଭୂତ ହୋଇଯାଇଛି । ନିଆଁର ଭୟାବହ ଏତେ ଥିଲା ଯେ ଘରୁ କୌଣସି ଆସବାବପତ୍ର ଉଦ୍ଧାର କରିବା ସମ୍ଭବପର ହୋଇନଥିଲା । ଫଳରେ ଘରେଥିବା ସମସ୍ତ ଆସବାବପତ୍ର, ବର୍ଷକର ଆହାର ପାଇଁ ସଂଚିତଥିବା ଧାନ ଚାଉଳ ସମେତ ସମସ୍ତ ସମ୍ପତି ପୋଡି ଭସ୍ମୀଭୂତ ହୋଇଯାଇଥିଲା । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିଲେ ହେଁ ରୋଷେଇ ଚୁଲିରୁ ଏହା ଘଟିଥିବା ଅନୁମାନ କରାଯାଇଛି । ପରେ ବିପନ୍ନଙ୍କ ନିକଟରେ ସରପଂଚ ଲିଲିମା ପରିଡା, ସମିତିସଭ୍ୟା ରଶ୍ମିତା ନାୟକ ଓ ସମାଜସେବୀ ଗୌତମ ପରିଡା ପ୍ରମୁଖ ପହଂଚି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ଚାଉଳ ଓ ପାଲ ବ୍ୟବସ୍ଥା କରିଛନ୍ତି । ତେବେ ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗୌତମ ପରିଡା ଦାବି କରିଛନ୍ତି ।

## ବାସୁଦେବ ଯୁବକ ସଂଘର ବାର୍ଷିକ ଉତ୍ସବ

ନିମାପଡ଼ା, ୩୧।୧ (ଶ୍ରୁ.ମି) : ସ୍ଥାନୀୟା ବ୍ଲକ ସଲଙ୍ଗ ଗ୍ରାମପଞ୍ଚାୟତର ବାସୁଦେବ ଯୁବକ ସଂଘ ଇଣ୍ଟୋଳର ବାର୍ଷିକ ଉତ୍ସବ ସଭାପତି ପ୍ରଶାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବରେ ସଲଙ୍ଗ, ବାମନାଳ ୨ଟି ଗ୍ରାମ ପଞ୍ଚାୟତର ପ୍ରାଥମିକ ଠାରୁ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସ୍ୱୀୟ ପ୍ରତିଭା ବିକାଶ ପାଇଁ ବକ୍ତୃତା, ଚିତ୍ରାଙ୍କନ ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା । ଅନୁଷ୍ଠାନ କୁନି କୁନି ତାରା ତରଫରୁ ନିମାପଡା ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ସ୍ଥାନୀୟ ଡାକ୍ତର ଖାନାର ଫାର୍ମାଶିଷ୍ଟ ଇତ୍ରିନାଥ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନରେ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସମୀର ରନ ଦାସ, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପଟ୍ଟନାୟକ, ବିଇଓ ଅନୀଲ କୁମାର ବିଶ୍ୱାଳ, ସରପଞ୍ଚ ଶ୍ରୀମତୀ ଶୀଲା ସାହୁ, ନାୟବ ସରପଞ୍ଚ ସୁକାନ୍ତ କୁମାର ରାଉତ, ୱାର୍ଡ ସଭ୍ୟ ବିଷ୍ଣୁପ୍ରିୟା ଜେନା ଓ ଆଡଭୋକେଟ୍ ରଜିତ୍ ସାହୁ ଯୋଗଦାନ କରିଥିଲେ ।

## ମାଧୁରୀଙ୍କ ପରଲୋକ

ଆସିକା, ୩୧।୧ (ଶ୍ରୁ.ମି) : ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପ ନଗରପାଳିକା ତଥା କାର୍ଯ୍ୟନିର୍ବାହୀ ଅଧକ୍ଷା ମାଧୁରୀ ସ୍ୱାଇଁଙ୍କ



ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି । ଶ୍ରୀମତୀ ସ୍ୱାଇଁ ବର୍ତ୍ତମାନ ବି ଏନଏସିର ଜଣେ ବରିଷ୍ଠ କାଉନସିଲର ଭାବେ କାର୍ଯ୍ୟରତ ଥିଲେ । ବିଜୁ ଜନତା ଦଳର ଜଣେ ବରିଷ୍ଠ ମହିଳା ନେତ୍ରୀ ତଥା ପରୋପକାରୀ ମହିଳା ଭାବେ ସୁପରିଚିତ ଥିଲେ । ଗତ କିଛି ଦିନ ଧରି ସେ ଅସୁସ୍ଥ ରହିଥିବାବେଳେ ବ୍ରହ୍ମପୁରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସ୍ୱର୍ଗିତା ସ୍ୱାଇଁଙ୍କ କନିଷ୍ଠ ପୁତ୍ର ତଥା ବିଜେଡି ନେତା ସତ୍ୟନାରାୟଣ ସ୍ୱାଇଁଙ୍କ ବାସଭବନରେ ମରଶରୀର ପହଞ୍ଚିଲା ପରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଆସିକାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ବାଲେଶ୍ୱର, ୩୧।୧ (ଶ୍ରୁ.ମି) : ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ଉଦଘାଟନ କରିଛନ୍ତି । ଦିନ ଗୋଟାଏ ବେଳେ ଶ୍ରୀ ପଟ୍ଟନାୟକ ହେଲିକେପ୍ଟର ଯୋଗେ ବାଲେଶ୍ୱର ପୋଲିସ ଲାଇନ ପଡ଼ିଆରେ ଅବତରଣ କରିବା ପରେ ଓ.ଟି. ରୋଡ଼ର ଡିଆଇସି ଛକ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ଏଥିସହିତ ପୂର୍ତ୍ତ ବିଭାଗ ପକ୍ଷରୁ ତିନୋଟି ପ୍ରକଳ୍ପ ଯଥା, ଶୋଭାରାମପୁର ଏଲସି ୭୯ ଠାରେ ୫୧ କୋଟି ୬୨ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ହାଇଲେଭେଲ୍ ରେଲୱେ ଓଭର ବ୍ରିଜର ଭିତ୍ତିପ୍ରସ୍ତରକୁ ଉଦଘାଟନ କରିବା ସହ ରେଲୱେ ଷ୍ଟେସନ ଠାରୁ ଚର୍ଚ୍ଚ ଛକ ପର୍ଯ୍ୟନ୍ତ ୩ କୋଟି ୬୭ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାକୁ ଉଦଘାଟନ କରିଥିଲେ । ଏହାଛଡା ଭୀମପୁରା ଠାରେ ୧ କୋଟି ୪୨ ଲକ୍ଷ ୪୪ ହଜାର ଟଙ୍କା ବିନିଯୋଗରେ ନିର୍ମିତ ହେବାକୁ ଥିବା ୫୦ ଶଯ୍ୟା ବିଶିଷ୍ଟ ଖେଳ ଛାତ୍ରାବାସର ଭିତ୍ତିପ୍ରସ୍ତର ଉଦଘାଟନ କରିଥିଲେ । ସେହିପରି ବାଲେଶ୍ୱର ପୌର ପରିଷଦ ପକ୍ଷରୁ ୩୧ ଲକ୍ଷ ୮୭ ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ସିଡ଼ିପିଓ ଅଫିସ, କଲ୍ୟାଣନଗର ଠାରେ ୩୪ ଲକ୍ଷ ୫ ହଜାର ଟଙ୍କା, ଗୁଡ଼ିପଦା ଠାରେ ୩୮ ଲକ୍ଷ ୫୯ ହଜାର ଓ ଚାନ୍ଦମାରିପଡ଼ିଆ ଠାରେ ୩୩ଲକ୍ଷ ୫୫ ହଜାର ବିନିଯୋଗରେ ନିର୍ମିତ ହେବାକୁ ଥିବା ୩ଟି ପାର୍କ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଅନ୍ୟପକ୍ଷରେ ଗ୍ରାମ୍ୟନିର୍ମାଣ ବିଭାଗ ପକ୍ଷରୁ ପଳପଳା ଠାରେ ୧ କୋଟି ୯୦ ଲକ୍ଷ ଟଙ୍କା ବିନିଯୋଗରେ ଏକ ପୋଲ ଓ ଲୁଣକୁଣ୍ଡି ଠାରେ ୪



କୋଟି ଟଙ୍କା ବ୍ୟୟରେ ନିର୍ମିତ ପୋଲର ଶିଳାନ୍ୟାସ କରିବା ସହ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ପକ୍ଷରୁ ଛଚିନା ଠାରେ ଏକ ନୂତନ ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହିସବୁ କାର୍ଯ୍ୟକ୍ରମ ବେଳେ ବାଲେଶ୍ୱର ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ବାଲେଶ୍ୱର ସାଂସଦ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ବିଧାୟକ ଜୀବନ ପ୍ରଦୀପ ଦାଶ, ପୌରପାଳ ଆଲୋକ କୁମାର ସାହୁ, ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ବରଦାକୃଷ୍ଣ ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ସଭାପତି ସିମନ ଦାସମହାପାତ୍ର, ସତ୍ୟରଂଜନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ ପ୍ରମୁଖ ଉପସ୍ଥିତ ରହିଥିବା ଦେଖାଯାଇଥିଲା । ଶ୍ରୀ ପଟ୍ଟନାୟକ ଏହା ପୂର୍ବରୁ ଖଇରା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ଉଦଘାଟନ କରିଥିଲେ । ବାଲେଶ୍ୱର ଠାରୁ ଶ୍ରୀ ପଟ୍ଟନାୟକ ପୁଣି ହେଲିକେପ୍ଟର ଯୋଗେ ଭୋଗରାଇ ବ୍ଲକ ତାଳସାରୀ ଅଭିମୁଖେ ଗସ୍ତ କରିଥିଲେ । ସେଠାରେ ଭୋଗରାଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାର ଖବରରୁ ପ୍ରକାଶ । ସେଠାରେ ତାଳସାରୀ ମହୋତ୍ସବକୁ ଉଦଘାଟନ କରିଛନ୍ତି ।

## ହାତିନା ଉଚ୍ଚବିଦ୍ୟାଳୟରେ ଜନସେବା ସମ୍ପର୍କିତ ଆଲୋଚନାଚକ୍ର

ରାଜନଗର,୩୧।୧ ; ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ଉଚ୍ଚବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଜନସେବା ସମ୍ପର୍କିତ ଏହି ଆଲୋଚନା ଚକ୍ରରେ ୧୯୮୧ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ମାଟ୍ରିକ୍ ପାସ କରିଥିବା ଅନେକ ପୁରାତନ ଛାତ୍ରଛାତ୍ରୀମାନେ ଅଂସ ଗ୍ରହଣ କରିଥିଲେ । ପୁରାତନ ଛାତ୍ର ଅକ୍ଷୟକୁମାର ସାମଲ ଆଜିର ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅଭୟକୁମାର ଜେନା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବାକୁ ଯାଇ ବୃକ୍ଷ ରୋପଣ, ରକ୍ତଦାନ, ଗରୀବ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ, ସମାଜରେ ନିମ୍ନଶ୍ରେଣୀର ଲୋକଙ୍କୁ ସହାୟତା, ବୈଷୟିକ ଶିକ୍ଷାର ପ୍ରୋତ୍ସାହନ ଓ ପରିବେଶ ସଚେତନତା ସହ ପ୍ରତି ୩ବର୍ଷରେ ଥରେ ବନ୍ଧୁମିଳନ ଉତ୍ସବ ସାଙ୍ଗଠନିକ ଭାବରେ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ 'ଲକ୍ଷ୍ମୀବରାହ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ସୋସାଇଟି୍ ଗଠନ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ସୋସାଇଟ୍ର ଆଭିମୁଖ୍ୟ, କାର୍ଯ୍ୟକ୍ରମ ଓ ସଦସ୍ୟମାନଙ୍କ ଭାବ ପ୍ରକାଶ ନିମନ୍ତେ ୩ବର୍ଷରେ ଥରେ ଏକ ପତ୍ରିକା ପ୍ରକାଶ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ନାୟକ ପୁରାତନ ଛାତ୍ରଛାତ୍ରୀମାନଙ୍କର ଏଭଳି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହ ସମାଜସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ ।

୧ ଫେବୃଆରୀ ୨୦୧୮

# ରାଜେନ୍ଦ୍ର ମହାବିଦ୍ୟାଳୟରେ ଅଶାନ୍ତ ପରିବେଶ

ବଲାଙ୍ଗିର, ୩୧।୧ (ଶ୍ରୁ.ମି) : ଏନଏନଏସ- ଓଡିଶାର ପୂରାତନ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ହେଉଛି ଅନ୍ୟତମ । ଦେଶ ପରାଧିନତାର ବଳୟ ମଧରେ ଥିବା ବେଳେ ୧୯୪୪ ମସିହାରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ୧୯୪୪ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନବରତ ଭାବେ ଏହି ମହାବିଦ୍ୟାଳୟ କେବଳ ମଣିଷ ତିଆରି କରିଚାଲିଛି । ବର୍ଷବର୍ଷ ଧରି ଜ୍ଞାନର ଆଲୋକ ପ୍ରଦାନ କରି ଆସୁଥିବା ଏହି ମହାବିଦ୍ୟାଳୟର ମହାକାଶରେ ବର୍ତ୍ତମାନ କଳା ବାଦଲ ଛାଇ ହୋଇଯାଇଛି । ଅଣଛାତ୍ରଙ୍କ ପ୍ରବଶେ ଯୋଗୁଁ କଲେଜ କ୍ୟାମ୍ପସ ଅଶାନ୍ତ ହୋଇପଡିଛି । ଦୀର୍ଘଦିନ ଧରି ଅବାଧରେ କଲେଜ ପରିସରରେ ପ୍ରବେଶ କରି ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରୁଥିଲେ ମଧ ଜିଲ୍ଲା ପ୍ରଶାସନ ଓ ପୋଲିସ ଏ ଦିଗରେ ନୀରବ ହୋଇରହିଛି । ଅଣଛାତ୍ରମାନେ କଲେଜରେ ପ୍ରବେଶ କରି ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଛାତ୍ରମାନଙ୍କୁ ଆକ୍ରମଣ କରିବାର ନଜିର ରହିଛି । ବିଶେଷ କରି କିଛି ଦିନ ତଳେ ଏକ ଅଣଛାତ୍ର ଗୋଷ୍ଠି କଲେଜକୁ ପ୍ରବେଶ କରି କେତେକ ଛାତ୍ରୀଙ୍କୁ କମେଣ୍ଟ ମାରୁଥିଲେ । ଏହାକୁ ଦେଖି କଲେଜର ପ୍ରଧାପକ ରବିଶଙ୍କର ପାଣ୍ଡିଆ ସେହି ଛାତ୍ରମାନଙ୍କୁ ପ୍ରତିହତ କରିବା ସଙ୍ଗେ କଲେଜରୁ ବାହାରି ଯିବା ପାଇଁ କହିଥିଲେ । ପରେ ଶ୍ରୀ ପାଣ୍ଡିଆ କଲେଜରୁ ଫେରୁଥିବା ସମୟରେ ଏହି ଅଣଛାତ୍ରମାନେ ତାଙ୍କୁ ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସଙ୍ଗେ ତାଙ୍କ କାରକୁ ମଧ ଭଙ୍ଗାରୁଜା କରିଥିଲେ । ଏହି ଘଟଣାକୁ ନେଇ ବଲାଙ୍ଗିରର ବୁଦ୍ଧଜୀବୀ ମହଲ ତଥା ସଚେତନ ନାଗରିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା । ଏହି ଘଟଣା ପରେ କଲେଜର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଧାପକ ଓ ଅଧାପିକାଙ୍କ ମନରେ ଏକ ପ୍ରକାର ଭୟର ବାତାବରଣ ଦେଖାଦେଇଛି । କଲେଜ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଛାତ୍ରଛାତ୍ରୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏହା ସହିତ କଲେଜ ପରିସରରେ ଏକ ପୋଲିସ ଫାଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି । ଘଟଣା ପରେ ବିରୋଧି ଦଳ ନେତା ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କଲେଜରେ ପହଞ୍ଚି ଅଧକ୍ଷ ଓ ଷ୍ଟାଫଙ୍କ ସହିତ ଆଲୋଚନା କରିଥିଲେ । ଏହା ସହିତ ଗୃହ ବିଭାଗ ସଚିବ ଓ ଶିକ୍ଷା ବିଭାଗ ସଚିବଙ୍କ ସହିତ ମଧ ଆଲୋଚନା କରିଥିଲେ । କଲେଜରେ ଏକ ସୁସ୍ଥ ବାତାବରଣ ଫେରାଇ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହା ସହିତ ବିନା ପରିଚୟ ପତ୍ରରେ କାହାରିକୁ ମଧ କଲେଜକୁ ନ ଛାଡିବା ପାଇଁ ସେ ଅଧକ୍ଷଙ୍କୁ ପରାମର୍ଷ ଦେଇଥିଲେ । ପରେ ପରେ ବଲାଙ୍ଗିରର ସଚେତନ ନାଗରିକମାନେ ମଧ ଜିଲ୍ଲା ପ୍ରଶାସନକୁ ସାକ୍ଷାତ କରି କଲେଜର ପୂର୍ବ ଗୌରବ ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଲେଜରେ ଅଣଛାତ୍ରଙ୍କ ପ୍ରବେଶ ନେଇ ବିଗତ ମାର୍ଚ୍ଚ ମାସରୁ ଅଧକ୍ଷ ପୋଲିସକୁ ଜଣାଇଥିଲେ ମଧ ପୋଲିସ ସମ୍ପୁର୍ଣ୍ଣ ନୀରବ ରହିଥିଲା । ରାଜେନ୍ଦ୍ର ମହାବିଦ୍ୟାଳୟ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଷକୁ ତୁରନ୍ତ ହଟାଇ ଶାନ୍ତ ପରିବେଷ ଫେରାଇ ଆଣିବା ଦିଗରେ ଜିଲ୍ଲା ପ୍ରଶାସନ ଓ ପୋଲିସ ଉଦ୍ୟମ କରୁ ବୋଲି ସହରର ସଚେତନ ନାଗରିକମାନେ ଦାବି କରିଛନ୍ତି ।

## ଖୋର୍ଦ୍ଧା ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

*ଖୋର୍ଦ୍ଧା, ୩୧/୧ (ଶ୍ରୁ.ମି) : ଖୋର୍ଦ୍ଧା ସାହିତ୍ୟ ସଂସଦର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ବାଟମଙ୍ଗଳା ଠାରେ ଶ୍ରୀ ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ଦେଢ଼ ବର୍ଷ ଧରି ସାହିତ୍ୟ ସଂସଦର ସଭାପତି ଓ ସମ୍ପାଦକ ଅନୁପସ୍ଥିତ ରହିବା ସହିତ ସଂସଦର କୌଣସି କାର୍ଯ୍ୟକ୍ରମ କରାଯାଇନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କର ଜୟନ୍ତୀ ଆସନ୍ତା ଫେବୃୟାରୀ ଆଠ ତାରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଖୋର୍ଦ୍ଧାର ଗୀତା ଭବନରେ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଗଲା । ଉକ୍ତ ସାରସ୍ୱତ ସମାରୋହରେ ଆଲୋଚନା ଚକ୍ର କବିତା ପାଠ ଓ କୁନ୍ତଳା କୁମାରୀ ସମ୍ମାନ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପାଇଁ ସ୍ଥିର ହେଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟମାନେ ନିର୍ଦ୍ଧାରିତ ସମୟରେ ଯୋଗଦେବା ପାଇଁ ସଂସଦ ପକ୍ଷରୁ ନିବେଦନ କରାଯାଇଛି ।*

## କୃଷକ ସମ୍ପର୍କ ମେଳା ଅନୁଷ୍ଠିତ

# ଠିକ୍ ସମୟରେ ଚାଷୀଙ୍କୁ ସୂଚନା ଓ ଅନୁଦାନ ପହଞ୍ଚିବା ଉଚିତ୍ : ବିରୋଧି ଦଳର ନେତା

ବଲାଙ୍ଗିର, ୩୧।୧ (ଶ୍ରୁ.ମି) : ଆଜି ଦିବା ୧୦ଟାରେ ବଲାଙ୍ଗିର ସଦର ବ୍ଲକର ହର୍ଡାଟାଲ ଠାରେ ବ୍ଲକ ସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ଚାଷୀ ତଥା ଜନ ପ୍ରତିନିଧିଙ୍କ ସହିତ ଜିଲ୍ଲାସ୍ତର ର ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିରୋଧି ଦଳ ନେତା ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୂଖ୍ୟ ଅତିଥି ଭାବେ ଉପସ୍ଥିତ ରହି କୃଷକ ସମ୍ପର୍କ ମେଳାକୁ ଉଦ୍ଘାଟନ କରି ସଭା କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ୍ କୁମାର ରଥ ତତ୍ତ୍ୱବଧାନରେ ସଭାକାର୍ଯ୍ୟ ହୋଇଥିଲା । ମୂଖ୍ୟ ଅତିଥି ଭାବରେ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ କୃଷକ ମାନଙ୍କ ଭିତରେ ଜାଗରଣ ନାହିଁ । ସେମାନେ ଏକଜୁଟ୍ ହେଲେ ନ୍ୟାୟ ପାଇପାରିବେ । ତାଙ୍କର ଅବହେଳିତ ଅବସ୍ଥା ସୁଧୁରୀ ଯିବ । ସରକାରଙ୍କ ଯୋଜନା,ସବ୍‌ସିଡି ଅନୁଦାନ ଆଦି ଯାହା ଲାଗୁ ହେଉଛି ତାହା ତାଙ୍କ ପାଖକୁ ପହଞ୍ଚିପାରୁ ନାହିଁ । ଠିକ୍ ସମୟରେ ପହଞ୍ଚି ପାରିଲେ ଚାଷି ଉପକୃତ ହୁଅନ୍ତେ । ଜିଲ୍ଲା ମାନଙ୍କରେ ଥିବା କୃଷୀ ପରାମର୍ଶ କେନ୍ଦ୍ର ଅଛି ବୋଲି ଚାଷୀ ଜାଣିପାରୁ ନାହିଁ । ସମ୍ମାନୀତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ଗୁଲାପ୍ ବାଗ ନିମ୍ନ ବର୍ଗର ଚାଷୀଙ୍କୁ ସରକାର ପ୍ରାଧାନ୍ୟ ଦେବା କଥା ବୋଲି କହିଥିଲେ । ଜିଲ୍ଲା ପରିଷଦ ସଭ୍ୟ ସମ୍ମାନୀତ ଅତିଥି ଭାବରେ ସରକାରଙ୍କର ଯୋଜନା ବହୁତ ଗୁଡିଏ ଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି କହିଥିଲେ । ସମ୍ମାନୀତ ଅତିଥି ସରପଞ୍ଚ ବାଳକୃଷ୍ଣ ବେହେରା ନିଜ ବକ୍ତବ୍ୟ ରେ କହିଲେ ଯେ ଲୋକେ ଚାଷକାର୍ଯ୍ୟ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି । ତାର ଉତ୍ପାଦିତ ଦ୍ରବ୍ୟ ଠିକ୍ ଭାବରେ ସରକାର ଦେଉନାହାନ୍ତି । ବରିଷ୍ଠ ଚାଷୀ ଗଅଁତିଆ ଭରତ ଭୋଇ ମଧ ମଞ୍ଚାସିନ ଥିଲେ । ଏ ବୈଠକରେ ଏଆର୍ ସିଏସ୍ ବଜେନ୍ଦ୍ର ପଣ୍ଡା ଜିଲ୍ଲା ମୃତ୍ତିକା ସଂଗ୍ରହ ଅଧିକାରୀ ସୋମନାଥ ସାହୁ ଜିଲ୍ଲା ଉପ ଉଦ୍ୟାନ କୃଷୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସ୍ୱାଇଁ ,ଜିଲ୍ଲା ବିଜ୍ଞାନ କେନ୍ଦ୍ର ମୂଖ୍ୟ ଆଶିଷ କୁମାର ଦାଶ ଉପସ୍ଥିତ ଥିଲେ । ଏଥିରେ ଚାଷୀ ମାନଙ୍କର ଉନ୍ନତି ପାଇଁ କୃଷୀ ଉଦ୍ୟାନ ମିଶନ,ଡ୍ରିପ୍ ସ୍ପିନ୍‌କିଲ୍,ଏମ୍‌ଜି ଏନାରଜିଏ ଛତୁ ଚାଷ,ମହୁ ଚାଷ ପାଣିକୁ କମ୍ ଖର୍ଚ୍ଚ କରି ଚାଷ ,ପୂର୍ବପଟ ସବୁଜବିପ୍ଳବ ତଥା ବୀମା ବିଷୟରେ ଚାଷିଙ୍କୁ ଅଧିକାରୀ ମାନେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡା, ଭିଟିଏମ୍ ସୂର୍ଯ୍ୟ କୁମାର ଦାଶ ବ୍ଲକ ପ୍ରାଣ ଚିକିତ୍ସା ଅଧିକାରୀ ସୁଭାଶିଷ ମହାନ୍ତି , ପୁର୍ଣ୍ଣିମା ମିଶ୍ର , ମଧୁସ୍ମିତା କିଶାନ ସହୋଯୋଗ କରିଥିଲେ ।

# ଶିକ୍ଷକ ଗୌରବ ବନମାଳି ବ୍ରହ୍ମଚାରୀ ପ୍ରତିଭା ବିକାଶ

ପଟ୍ଟାମୁଣ୍ଡାଇ ତା୩୧।୧- ପଟ୍ଟାମୁଣ୍ଡାଇ ବ୍ଲକ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ୨୨ତମ ଶିକ୍ଷକ ଗୌରବ ବନମାଳି ବ୍ରହ୍ମଚାରୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଚନ୍ଦନନଗର ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଉତ୍କଳ ଶିକ୍ଷକ ସଂଘର ପୂର୍ବତନ ସଭାପତି ଗୋଲକ ବିହାରୀ ସାହୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ସୁନାମଣି ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବ୍ଲକ ଶିକ୍ଷାଧିକାରୀ ତ୍ରୈଲୋକ୍ୟ ନାଥ ନାୟକ ମୁଖ୍ୟଅତିଥି, ସଂଘର ପୂର୍ବତନ ରାଜ୍ୟ ସଭାପତି ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ଉପସଭାପତି ଜନାର୍ଦ୍ଦନ ଦାସ, କୋଷାଧକ୍ଷ ଜୟପ୍ରକାଶ ପଣ୍ଡା, ଯୁଗ୍ମସଂପାଦକ ଧନେଶ୍ୱର ପାତ୍ର, ସୁଶାନ୍ତ କୁମାର ପ୍ରଧାନ, ଚନ୍ଦନନଗର ପି.ଏଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଭୟ କୁମାର ଜୀବନଦାଶ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ଯୁଜିଯୁପି ଶିକ୍ଷକସଂଘ ସଭାପତି ଶୁଭ୍ରାଂଶୁ କୁମାର ଦାସ, ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶ, ସାଧାରଣ ସଂପାଦକ ପ୍ରେମାନନ୍ଦ ଜୀବନଦାଶ, ରାଜ୍ୟ ଶିକ୍ଷାସହାୟକ ସଂଘ ସଭାପତି ମଳୟ କୁମାର ଜେନା, ରାଜ୍ୟ ପୁରସ୍କୃତ ପ୍ରଧାନଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଂପାଦକ କରୁଣାକର ଭୋଳ ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଫୁଲ୍ଲ କୁମାର ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଇ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକନେତା ରଞ୍ଜିତ ସାମଲ, ବସନ୍ତ ଓଝା, ରବିନାରାୟଣ ମହାପାତ୍ର, ବୀରକିଶୋର ସାହୁ, ଶ୍ରୀମନ୍ତ ନାରାୟଣ ସାନମ୍ତରାୟ, ସୁରେଶ ରାୟ ପ୍ରମୁଖ ପରିଚାଳନା କରିଥିଲେ ।

## ମା ହିଙ୍ଗୁଳା ପାଠାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

*ତାଳଚେର,୩୧/୧(ଶ୍ରୁ.ମି): ତାଳଚେର ବ୍ଲକ କଳମଛୁଇଁସ୍ଥିତ ମା ହିଙ୍ଗୁଳା ପାଠାଗାର ପରିସରରେ ୬୯ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ହୋଇଯାଇଛି । କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ଉପସ୍ଥିତିରେ ବରିଷ୍ଠ ଶିକ୍ଷାବିତ୍ ଦିବାକର ବାରିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ପାଠାଗାରର ସଭାପତି ହାଡ଼ିବନ୍ଧୁ ପ୍ରଧାନ,ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ,କୋଷାଧ୍ୟକ୍ଷ ଦୟାନିଧି ସାହୁ,ଶିକ୍ଷାବିତ୍ ଦଣ୍ଡଧର ପ୍ରଧାନ,ପ୍ରଭାକର ପ୍ରଧାନ, ନିରାକର ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।*

# ହାଇକୋର୍ଟ ବେଞ୍ଚ ଦାବିରେ ଓକିଲଙ୍କ କାର୍ଯ୍ୟବନ୍ଦ

ବଲାଙ୍ଗିର, ୩୧।୧ (ଶ୍ରୁ.ମି) : .ଏନଏନଏସ- ବଲାଙ୍ଗିରରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ଦାବି ନେଇ ଜିଲ୍ଲା ଓକିଲ ସଂଘ ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ବୁଧବାର ଓକିଲମାନେ କାର୍ଯ୍ୟବନ୍ଦ କରି କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ । ଫଳରେ ଜିଲ୍ଲା ଜଜ୍ କୋର୍ଟ ସମେତ ସମସ୍ତ ବିଚାର ବିଭାଗୀୟ କୋର୍ଟରେ କାର୍ଯ୍ୟ ବନ୍ଦ ରହିଥିଲା । ଓକିଲ ସଂଘର ଯୁକ୍ତି ହେଲା ଯେ , ଅତୀତରେ ବଲାଙ୍ଗିର ଏକ ଗଡଜାତ ଅଞ୍ଚଳ ଥିଲା । ଏହା ପାଟଣା ଷ୍ଟେଟ ନାମରେ ନାମିତ ଥିଲା । ସେହି ସମୟରେ ପାଟଣା ଷ୍ଟେଟରେ ଏକ ହାଇକୋର୍ଟ ବେଞ୍ଚ ଥିଲା । ବର୍ତ୍ତମାନ ମଧ ବଲାଙ୍ଗିର ସିଭିଲ କୋର୍ଟର ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ହାଇକୋର୍ଟ ଏକ୍ସ ଅଫିସିଓ ରେଜିଷ୍ଟ୍ରାର ଭାବେ ମାନ୍ୟତା ଦେଇଛନ୍ତି । ଓଡିଶାର ଅନ୍ୟ କୌଣସି ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ଏଭଳି ମାନ୍ୟତା ଦିଆଯାଇ ନାହିଁ । ତେଣୁ ପଶ୍ଚିମ ଓଡିଶାର ବଲାଙ୍ଗିରରେ ହିଁ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯିବା ଉଚିତ ବୋଲି ବଲାଙ୍ଗିର ଓକିଲ ସଂଘ ଦାବି କରିଛି । ଏହା ସହିତ ଅତୀତ ସରକାର ବସାଇଥିବା ଜସବନ୍ତ ସିଂ କମିଟ ମଧ ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି , ସେଥିରେ ବଲାଙ୍ଗିରରେ ଉପଯୁକ୍ତ ସ୍ଥାନ ବୋଲି କୁହାଯାଇଛି । ବିଗତ ଦିନରେ ସରକାର ପାଲ କମିଶନ ଗଠନ କରିଥିଲେ । ପାଲ କମିଶନ ମଧ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛନ୍ତି । କିନ୍ତୁ ସରକାର ବେଞ୍ଚ ସ୍ଥାପନ କରିବା ପାଇଁ କୌଣସି ପ୍ରକାର ଉଦ୍ୟମ କରୁନାହାନ୍ତି ବୋଲି ଓକିଲ ସଂଘ ଅଭିଯୋଗ କରିଛି । ଦୀର୍ଘ ବର୍ଷ ହେଲା ବଲାଙ୍ଗିର ଓକିଲ ସଂଘ ଓ ଜନସାଧାରଣ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ବାଦି କରି ଆସୁଛନ୍ତି । ତେଣୁ ତୁରନ୍ତ ବଲାଙ୍ଗିରରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯାଉ ବୋଲି ସଂଘ ଦାବି କରିଛି । ଏହି ଆନ୍ଦୋଳନକୁ ସମର୍ଥନ କରି ବଲାଙ୍ଗିର ନାଗରିକ କମିଟି , ବଲାଙ୍ଗିର କ୍ରୀୟାନୁଷ୍ଠାନ କମିଟି ଓ ଜିଲ୍ଲା ରେଳ ଉପୋଭୋକ୍ତା ସଂଘର କର୍ମକର୍ତ୍ତା ମଧ ଧାରଣାରେ ବସିଥିଲେ ।

## ପଟ୍ଟାମୁଣ୍ଡାଇରେ ନୂତନ ବିଡିଓ, ସିଡିପିଓ ଓ ନିର୍ବାହୀ ଅଧିକାରୀ

ପଟ୍ଟାମୁଣ୍ଡା. ୩୧।୧ (ଶ୍ରୁ.ମି) : ପଟ୍ଟାମୁଣ୍ଡାଇ ବ୍ଲକର କାର୍ଯ୍ୟରତ ବିଡିଓ ସୁଧିର କୁମାର ସିଂହଙ୍କ ବଦଳି ହୋଇଯାଇଛି । ନୂତନ ବିଡିଓ ଭାବରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପବିତ୍ର ମୋହନ କାନୁନଗୋ ଦାୟିତ୍ୱ ଗ୍ରହଣ କରିଛନ୍ତି । ପାରଳାଖେମୁଣ୍ଡି ବ୍ଲକର ବିଡିଓ ଭାବରେ ଦକ୍ଷତାର ସହ କାର୍ଯ୍ୟ କରିଥିବା ଶ୍ରୀକାନୁନଗୋ ପଟ୍ଟାମୁଣ୍ଡାଇ ବ୍ଲକ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ଜନସାଧାରଣଙ୍କୁ ନ୍ୟାୟ ଦେବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ବିଡିଓ ଭାବରେ ଶ୍ରୀକାନୁନଗୋଙ୍କୁ ସାଧାରଣରେ ସ୍ୱାଗତ କରାଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକରେ ଦୀର୍ଘଦିନ ଧରି ଖାଲିପଡିଥିବା ସିଡିପିଓ ପଦବୀରେ ରାଜ୍ୟ ସରକାର ନୂତନ ନିଯୁକ୍ତି ଦେଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ସିଡିପିଓ ଭାବରେ କେନ୍ଦ୍ରାପଡାର ସିଡିପିଓ ମୁକ୍ତାରି ବେଗମ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାଛଡା ପଟ୍ଟାମୁଣ୍ଡାଇ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜିବ ମହାପାତ୍ରଙ୍କର ବଦଳି ହୋଇଥିବାରୁ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ସଂପଦ କୁମାର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକରେ ନୂତନ ବିଡିଓ, ସିଡିପିଓ ଓ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ ଯୋଗୁଁ ସରକାରୀ ଯୋଜନା ତ୍ୱରାନ୍ୱିତ ହୋଇପାରିବ ବୋଲି ସାଧାରଣରେ ଆଶା ପ୍ରକଟ ହୋଇଛି ।

# ଡେପୁଟି କଲେକ୍ଟରଙ୍କ ପିତୃ ବିୟୋଗ

କେନ୍ଦ୍ରପଡା, : କେନ୍ଦ୍ରପଡା ଡେପୁଟି କଲେକ୍ଟର ତଥା ସାହିତ୍ୟିକ ଡଃ. ବିରଜା ରାଉତରାୟଙ୍କ ପିତା ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ଶ୍ରୀଧର ରାଉରାୟ (୮୦) ବୟସରେ ଗତ ବୁଧବାର ଅପରାହ୍ନ ୪ଟାରେ ମାଧପୁର ବାସଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ଶର୍ଯ୍ୟାସାୟୀ ଥିଲେ । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ସହ ଧର୍ମଣୀ , ୨ ପୁତ୍ର, ୨ ଝିଅ-ଜ୍ୱାଇଁ ଓ ପରିବାରର ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ ପରିବାର ପ୍ରତି ସମବେଦନା ଜଣାଇଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି । ତାଙ୍କ ଜ୍ୟେଷ୍ଠ ପୁତ୍ର ଅର୍ଥ ସେବା ଅଧିକାରୀ ଅରବିନ୍ଦ ରାଉତରାୟ ମୁଖାଗ୍ନି ଦେଇଥିଲେ । ସେ ଜଣେ ନ୍ୟାୟ ସ୍ୱଭାବର ଲୋକ ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# କମାଗୁରୁ ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ



ଖୋର୍ଦ୍ଧା, ୩୧/୧ (ଶ୍ରୁ.ମି) : ଟାଙ୍ଗୀ ବ୍ଲକ କମାଗୁରୁସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ପଂଚଦଶ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ରାଜ୍ୟ ବ୍ରିଗେଡ ବୋର୍ଡ଼ର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ଶରତଚନ୍ଦ୍ର ମହାପାତ୍ର, ଅଧାପକ ଡ. ଚନ୍ଦ୍ରଶେଖର ଦାଶ, ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣିଶ୍ରୀ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଭାଗିରଥି ରାଉତରାୟ, ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ଦଣ୍ଡପାଣି ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମଙ୍ଗରାଜ ଓ କ୍ଷୀରୋଦ ଚନ୍ଦ୍ର ପାଇକରାୟ ଯଥାକ୍ରମେ ବାର୍ଷିକ ବିବରଣୀ ଓ ଅତିଥି ପରିଚୟ ଦେଇଥିଲେ । ବୃତ୍ତିଲାଭ କରିଥିବା କୃତି ଛାତ୍ରୀ ଲିପିନା ମହାନ୍ତିଙ୍କ ସମେତ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଲେଭେଲ୍ କ୍ରସିଂ ଦାବିରେ ଗ୍ରାମବାସୀଙ୍କ ଆମରଣ ଅନଶନ



ଢେଙ୍କାନାଳ,୩୧।୧ (ଶ୍ରୁ.ମି) : ଲେଭେଲ କ୍ରସିଂ ବା ମାଟିତଳ ରାସ୍ତା ନିର୍ମାଣ ଦାବିରେ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ କୁସୁପଙ୍ଗା, ଅସନବଣି, ଇଟାପ ଆଦିର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି । ୨୦୧୪ମସିହା ଫେବୃୟାରୀ ମାସ ୧୯ତାରିଖ ଦିନ ଲେଭେଲ କ୍ରସିଂ ନିର୍ମାଣ ପାଇଁ ଏହି ଗ୍ରାମବାସୀମାନେ ରେଳରୋକ ଆନ୍ଦୋଳନ କରିଥିଲେ । ଖୋର୍ଦ୍ଧା ଡିଭିଜନର ଡିସିଏମ୍ ତ୍ରିବିକ୍ରମ ମିଶ୍ର ଆନ୍ଦୋଳନକାରୀମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଗ୍ରାମବାସୀ ଓ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏହି ଆଲୋଚନା କାଳରେ ଢେଙ୍କାନାଳ ଉପଜିଲ୍ଲାପାଳ ମଧ୍ୟସ୍ଥତା କରିଥିଲେ । ଆନ୍ଦୋଳନ ପ୍ରତ୍ୟାହୃତ ହେବାପରେ ରେଳ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଫଳରେ ଗ୍ରାମବାସୀମାନେ ଖୋର୍ଦ୍ଧାରୋଡର ଡିଆର୍‌ଏମ୍, ଡିସିଏମ୍, ଡିଏନ୍ (ସେଂଟ୍ରାଲ୍)ଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା । ଢେଙ୍କାନାଳ ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀମାନେ ଅନୁରୋଧ କରିବା ଫଳରେ ସେ ଗତବର୍ଷ ଡିସେମ୍ବର ୨୬ତାରିଖ ଦିନ ରେଳକର୍ତ୍ତୃପକ୍ଷଙ୍କୁ ଡାକି ସେମାନଙ୍କର ଦାବି ସଂପର୍କରେ ବିଚାର କରିବେ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ପ୍ରତିଶୃତି ଅନୁସାରେ କୌଣସି ପ୍ରକାର ସୁଫଳ ଗ୍ରାମବାସୀମାନେ ଅଦ୍ୟାବଧି ପାଇପାରିଲେ ନାହିଁ । ବର୍ତ୍ତମାନ ଛାତ୍ର, ଚାଷୀ, କାରଖାନା ଶ୍ରମିକ, ଦୁଇଚକିଆ ଯାନ ଚାଳ, ଗାଈ, ଛେଳି, ମେଣ୍ଢା, ମଇଁଷି ଆସି ରେଳଧାରଣାକୁ ଡେଇଁ ଯିବା ଆସିବା କରିବା ବିପଦପୂର୍ଣ୍ଣ ହୋଇଗଲାଣି । ଏହିସବୁ କଥାକୁ ପତ୍ରଦ୍ୱାରା ଉଲ୍ଲେଖ କରିଛନ୍ତି ଗ୍ରାମବାସୀମାନେ ଢେଙ୍କାନାଳ ଜିଲ୍ଲାପାଳଙ୍କ ପାଖରେ ।

# ରୟାଲ ଲାୟନ୍ସ କ୍ଲବ ତରଫରୁ ମହିଳାଙ୍କ ନିମନ୍ତେ କ୍ରୀଡ଼ା ପ୍ରତିଯୋଗିତା



ତାଳଚେର,୩୦/୧(ଶ୍ରୁ.ମି): ତାଳଚେର ସନ୍ଥପଡ଼ାସ୍ଥିତ ରୟାଲ ଲାୟନ୍ସ କ୍ଲବ ତରଫରୁ ମହିଳାମାନଙ୍କ ସଶକ୍ତିକରଣ ଉଦ୍ଦେଶ୍ୟ ନେଇ ବିଭିନ୍ନ କ୍ରୀଡ଼ାଭିତିକ ପ୍ରତିଯୋଗିତା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକ ହଳଧର ଦାସ୍,ଗୋଲଖ ବିହାରୀ ଭୁକ୍ତା, ସମାଜସେବୀ ତଥା 'ଦ ନ୍ୟୁ ହରାଇଜନ'ର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ରଥ ପ୍ରମୁଖ ଯୋଗ ଦେଇ ମହିଳାମାନଙ୍କ ନିମେନ୍ତ ଉଦ୍ଦିଷ୍ଟ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏହି ଅବସରରେ ବେସ ବଲ,ମ୍ୟୁଜିକାଲ ଚେୟାର,ପୁଚି,ରଶି ଟଣା,ଛୁଂଚି ସୂତା ଆଦି ଅନେକ ପାରମ୍ପରିକ ଖେଳର ଆୟୋଜନ କରାଯାଇଥିଲା । ଏହି ଖେଳଗୁଡ଼ିକରେ ଶତାଧିକ ମହିଳା ଉତ୍ସାହର ସହ ଅଂଶଗ୍ରହଣ କରି ଚିତାକର୍ଷକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ସିଲ କପ୍ ଦେଇ ପୁରସ୍କୃତ କରିଥିଲେ । ସ୍ଥାନୀୟ ମହିଳାମାନଙ୍କୁ ସଶକ୍ତିକରଣ କରିବା କ୍ଷେତ୍ରରେ ରୟାଲ ଲାୟନ୍ସ କ୍ଲବକୁ ପ୍ରୋତ୍ସାହିତ ଏବଂ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ କ୍ଲବ ପକ୍ଷରୁ ସମାଜସେବୀ ଶ୍ରୀ ରଥଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# ରାଜ୍ୟପାଳଙ୍କ ଦ୍ୱାରା ଖନନ ହୋଇଥିବା ପୋଖରୀ ଏବେ ଜମି ମାଫିଆଙ୍କ କବ୍ଜାରେ

ଢେଙ୍କାନାଳ,୩୧।୧ (ଶ୍ରୁ.ମି) : ସହର ଉପକଣ୍ଠ ସିମିଳିଆ ଗ୍ରାମ ପାର୍ଶ୍ୱର କାଙ୍କଡ଼ପାଳ ମୌଜାରେ ରାଜ୍ୟପାଳଙ୍କ ଦ୍ୱାରା ଖନନ ହୋଇଥିବା ପୋଖରୀକୁ ଏବେ ଜମି ମାଫିଆମାନେ କବ୍ଜା କରିବାକୁ ଉଦ୍ୟମ କରିଛନ୍ତି । ଢେଙ୍କାନାଳର ବରପୁତ୍ର ତଥା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗତିକୃଷ୍ଣ ମିଶ୍ରଙ୍କ ଉଦ୍ୟମକ୍ରମେ କାଙ୍କଡ଼ପାଳ ଗ୍ରାମପଂଚାୟତ ତଥା ସିମିଳିଆ ଗ୍ରାମ ପାର୍ଶ୍ୱରେ ଦୀର୍ଘ ୪୦ ବର୍ଷ ତଳେ, ୧୯୭୨ ମସିହାରେ ଜମିକୁ ଜଳସେଚନ ଓ ଲୋକଙ୍କ ସ୍ନାନଶୌଚାଦି ପାଇଁ ଏକ ପୋଖରୀ ଖନନ କରାଯାଇଥିଲା । ଏହି ପୋଖରୀଟି ସିମିଳିଆ ଅଂଚଳବାସୀ ଓ କାଙ୍କଡ଼ପାଳ ଗ୍ରାମବାସୀ ତଥା ଶହ ଶହ ବାଟୋଇଙ୍କ ପାଇଁ ବିଭିନ୍ନ କାର୍ଯ୍ୟରେ ଲାଗି ଆସୁଥିଲା । ଏହି ପୋଖରୀକୁ କାଙ୍କଡ଼ପାଳ ଗ୍ରାମପଂଚାୟତ ପକ୍ଷରୁ ମାଛଚାଷ ନିମନ୍ତେ ମଧ୍ୟ ନିଲାମ ଦିଆ ହୋଇ ଆସୁଥିଲା । କିଛିଦିନ ପୂର୍ବେ ସିମିଳିଆ ଅଂଚଳର କିଛି ଖଳ ପ୍ରକୃତିର ଲୋକ ଜମିମାଫିଆମାନଙ୍କ ପ୍ରରୋଚନାରେ ଉକ୍ତ ପୋଖରୀର ହୁଡ଼ାକୁ ନଷ୍ଟକରିଦେବା ସହ ପୋଖରୀକୁ ପୋତିଦେଇ ନିଜ ଦଖଲକୁ ନେବାପାଇଁ ଉଦ୍ୟମ କରିଚନ୍ତି । ନୂଆବନ୍ଧ ନାମରେ ନାମିତ ଏହି ପୋଖରୀ ଏବେ ଜମି ମାଫିଆଙ୍କ କବ୍ଜାରେ ଅଛି । ଫଳରେ ସିମିଳିଆ ଅଂଚଳବାସୀ ଓ କାଙ୍କଡ଼ପାଳ ଗ୍ରାମର ଲୋକମାନେ ସ୍ନାନଶୌଚାଦି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ଯଥାଶୀଘ୍ର ଏହି ପୋଖରୀକୁ ଜମି ମାଫିଆମାନଙ୍କ କବଳରୁ ମୁକ୍ତ କରିବା ପାଇଁ ସିମିଳିଆ ନୂଆସାହି ଗ୍ରାମ କମିଟିର ସଭାପତି ମୋତିଲାଲ ସାହୁ, ତୁରୁଣସେନ ବେହେରା, ଦିଲ୍ଲିପ କୁମାର ସାହୁଙ୍କ ସମେତ ଶତାଧିକ ଲୋକ ଆସି ଜିଲ୍ଲାପାଳଙ୍କଠାରେ ଏକ ଲିଖିତ ଅଭିଯୋଗ କରିବା ସହ ପୋଖରୀକୁ ଜମିମାଫିଆଙ୍କ କବଳରୁ ମୁକ୍ତ କରିବା ପାଇଁ ଦୃଢ଼ ଦାବି କରିଛନ୍ତି ।

# ଏମ୍‌ସିଏଲ କ୍ୱାର୍ଟର ଏବଂ ଜମି ଜବରଦଖଲକାରୀଙ୍କୁ ହଟାଇବା ଦାବିରେ ଯୁବ କଂଗ୍ରେସର ସ୍ମାରକପତ୍ର

ତାଳଚେର,୩୦/୧(ଶ୍ରୁ.ମି): ଏମ୍.ସି.ଏଲ.ର କର୍ମଚାରୀଙ୍କ ନିମନ୍ତେ ନିର୍ମିତ ହୋଇଥିବା କ୍ୱାର୍ଟରଗୁଡ଼ିକରେ ଜବରଦଖଲ କରି ବାହାର ରାଜ୍ୟ ତଥା ବାହାର ଜିଲ୍ଲାରୁ ବହୁ ଲୋକେ ବାସ କରୁଥିବାର ଅଭିଯୋଗ କରାଯାଇ ତାଳଚେର ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ତାଳଚେର ବ୍ଲକର ମୋଟ ୨୧ଟି ପଂଚାୟତରୁ ପ୍ରାୟ ୧୫/୧୬ଟି ପଂଚାୟତରେ ଏମ୍.ସି.ଏଲ ପକ୍ଷରୁ ବହୁ ଅଂଚଳ ଅଧିଗ୍ରହଣ କରାଯାଇ କୋଇଲା ଖନନ କରାଯାଉ ଥିବାବେଳେ କେତେକ କୋଇଲାଖଣିରୁ କୋଇଲା ଉତୋଳନ ସରିଯାଇଛି । ତେବେ କୋଇଲାଖଣି ଗୁଡ଼ିକ କାର୍ଯ୍ୟକ୍ଷମ ସମୟରେ ଏମ୍.ସି.ଏଲ ଦ୍ୱାରା ନିର୍ମିତ କ୍ୱାର୍ଟରରେ ଗୁଡ଼ିକରେ ଏବେ କିଛି ଜବରଦଖଲକାରୀ ମାଡ଼ି ବସିଛନ୍ତି । ତାଳଚେରରେ ବୃଦ୍ଧି ପାଉଥିବା ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବାର ସାଧାରଣ ଜନତା ସନ୍ଦେହ ପ୍ରକଟ କରିବାସହ ସେମାନଙ୍କୁ ସେଠାରୁ ବାହାର କରିବାପାଇଁ ବାରମ୍ବାର ଦାବୀ ହୋଇଆସୁଛି । ଏ ସମ୍ବନ୍ଧରେ ତାଳଚେର ଯୁବ କଂଗ୍ରେସ ପକ୍ଷରୁ ଗତ ତା୧୯/୦୭/୨୦୧୭ରିଖରେ ଏକ ସ୍ମାରକପତ୍ର ଏମ୍.ସି.ଏଲ. ସିଏମ୍.ଡି ଏବଂ ଜିଲ୍ଲା ଏସପିଙ୍କୁ ପ୍ରଦାନ କରାଯାଇଥିଲା । ତେବେ ଅଦ୍ୟାବଧି ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନି । ଅପରପକ୍ଷରେ ଏମ୍.ସି.ଏଲ.ର ଏପରି ଉଦାସୀନତା ଯୋଗୁଁ ତାଳଚେରର ଯୁବ ପିଢ଼ୀ ହଇରାଣର ସମ୍ମୁଖୀନ ହେଉଛନ୍ତି । ଏମ୍.ସି.ଏଲ.କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଅଧିଗ୍ରହଣ ପ୍ରକ୍ରିୟା ପ୍ରତି ଧ୍ୟାନ ଦେଇ ଗ୍ରାମ ପରେ ଗ୍ରାମ ଉଚ୍ଛେଦ କରୁଥିବା ବେଳେ ଉତୋଳନ କାର୍ଯ୍ୟ ଶେଷ ହୋଇ ପଡ଼ିଥିବା ଖୋଲାମୁହାଁ ଏବଂ ଭୂତଳ କୋଇଲାଖଣି ଗୁଡ଼ିକର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର ଏବଂ ଖାଲି ପଡ଼ିଥିବା ଜମିଗୁଡ଼ିକ ଉପରେ ଦୃଷ୍ଟି ଦେଉନାହାଁନ୍ତି । ଫଳରେ ଅନ୍ୟ ରାଜ୍ୟ ଅଥବା ଜିଲ୍ଲାରୁ ଲୋକେ କର୍ମ ଅନେଷ୍ୱଣରେ ଏଠାକୁ ଆସି ତାଳଚେରର ଭରତପୁର,ବଲଣ୍ଡା,ସେଂଟ୍ରାଲ କଲୋନୀ, ଡେରା, ଦେଉଳବେଢ଼ା, ଲିଙ୍ଗରାଜ,ଏମ୍.ସି.ଏଲ.ର କ୍ୱାର୍ଟର ଏବଂ ଖୋଲା ଯାଗାରେ ନୂତନ ବସତି



ସ୍ଥାପନ କରୁଛନ୍ତି । ଏହି ବସତିରେ ରହୁଥିବା ଲୋକେ ଜଳ,ବିଦ୍ୟୁତ ଆଦିର ନିରବଚ୍ଛିନ୍ନ ସେବା ପାଉଛନ୍ତି । କିନ୍ତୁ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଏମ୍.ସି.ଏଲ ତରଫରୁ ପ୍ରଦତ କଲୋନୀଗୁଡ଼ିକରେ ଠିକ୍ ଭାବେ ପାନୀୟ ଜଳ,ବିଦ୍ୟୁତ ଯୋଗାଣ ପରି ମୌଳିକ ସୁବିଧାଗୁଡ଼ିକୁ ଯୋଗାଇ ଦିଆଯାଉନାହିଁ । ଜବରଦଖଲକାରୀମାନେ ପଂଚାୟତରେ ପ୍ରଥମେ ନିଜର ନାମ ପଞ୍ଜିକୃତ କରାଇ ଭୋଟର କାର୍ଡ଼,ଆଧାରକାର୍ଡ଼ ବନାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ସୁବିଧାସୁଯୋଗ ହାସଲ କରୁଛନ୍ତି । ଏମ୍.ସି.ଏଲ.ରେ ନିୟୋଜିତ ଘରୋଇ ସୁରକ୍ଷା କର୍ମଚାରୀମାନେ ହାତଗୁଞ୍ଜା ନେଇ ଖାଲି କ୍ୱାର୍ଟର ଏବଂ ଖୋଲା ଜମି ଯୋଗାଉଥିବାର ଅଭିଯୋଗ ହେଉଛି । ରାଜ୍ୟ ସରକାରଙ୍କର ଭୂମିହୀନଙ୍କୁ ଭୂମି ପ୍ରଦାନ ନୀତିରେ ଅଧିକରୁ ଅଧିକ ଦରଖାସ୍ତ ତାଳଚେର ତହସିଲରେ ରହିଥିବାର ଜଣାପଡ଼ିଛି । ଏମ୍.ସି.ଏଲ.ର ଉଦାସୀନତା ଯୋଗୁଁ ତାଳଚେରର ଲୋକସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏବଂ ଫଳସ୍ୱରୂପ ଏଠାକାର ଶିକ୍ଷିତ,କୁଶଳୀ,ଅର୍ଦ୍ଧକୁଶଳୀ ତଥା ବେକାର ଯୁବତୀ,ଯୁବତୀମାନେ କାମଧନ୍ଦାରୁ ବଂଚିତ ହୋଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ଏମ୍.ସି.ଏଲ ଯଦି ଏପରି କାର୍ଯ୍ୟକୁ ବନ୍ଦ କରିବାକୁ ଅସମର୍ଥ ତେବେ ଅଧିଗ୍ରହଣ ପୂର୍ବରୁ ପ୍ଲଟ,ଜମି ଆଦି ଉପରେ ରହିଥିବା ମାଲିକାନାର ଉତରାଧିକାରୀଙ୍କୁ ସେହି ସ୍ଥାନଗୁଡ଼ିକ ଫେରାଯାଉ ଏବଂ ତାଳଚେର କୋଇଲାଖଣିରେ ନିୟୋଜିତ କମ୍ପାନୀଗୁଡ଼ିକରେ ଭିଟାମାଟି ହରାଇଥିବା ଲୋକ ତଥା ତାଳଚେରବାସୀଙ୍କୁ ୯୦ପ୍ରତିଶତ ନିଯୁକ୍ତି ଦିଆଯାଉ ବୋଲି ଯୁବ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ପୂର୍ବରୁ ଏମ୍.ସି.ଏଲ ସି,ମଡି ଓ ଅନୁଗୋଳ ଏସପିଙ୍କୁ ଏ ବାବଦରେ ସ୍ମାରକପତ୍ର ପ୍ରଦାନ କରାଯିବାପରେ ମଧ କୌଣସି ସୁଫଳ ମିଳିନାହିଁ । ଏହି ପରିପ୍ରେକ୍ଷୀରେ ତାଳଚେର ଯୁବ କଂଗ୍ରେସ ସଭାପତି ଜିନେସ ସାହୁଙ୍କ ସମେତ ଭୁପେନ ଥମ୍ବ,ଡାକ୍ତର ମହାନ୍ତି,ତପନ ସିଂ,ବିକାଶ ସେଠୀ,କୁମର ଚନ୍ଦ୍ର ବେହେରା ପ୍ରମୁଖ ତାଳଚେର ଉପଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ

# ରାଉରକେଲା ଇସ୍ପାତ କାରଖାନାର ୧୮ ଜଣ ଅଧିକାରୀ ମର୍ଯ୍ୟାଦାଜନକ ଜବାହାର ପୁରସ୍କାରରେ ସମ୍ମାନିତ



ରାଉରକେଲା, ୩୧/୧(ଶ୍ରୁ.ମି.) : ଚଳିତ ବର୍ଷ ରାଉରକେଲା ଇସ୍ପାତ କାରଖାନାର ୧୮ ଜଣ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟାଞ୍ଚଳରେ ବିଶେଷ କାର୍ଯ୍ୟ ସମ୍ପାଦନ, ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସେବା, ଗୁଣବତ୍ତା, ବ୍ୟୟ ହ୍ରାସ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନର ସ୍ୱୀକୃତି ସ୍ୱରୂପ ମର୍ଯ୍ୟାଦାଜନକ ଜବାହାର ପୁରସ୍କାରରେ ସମ୍ମାନିତ କରାଯାଇଛି । ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର, ସିଭିକ୍ ସେଣ୍ଟର ଠାରେ ଜାନୁଆରୀ ୨୭ ତାରିଖରେ ଆୟୋଜିତ ଏକ ପୁରସ୍କାର ଉତ୍ସବରେ ଉକ୍ତ ପୁରସ୍କାର ବିତରଣ କରିଥିଲେ । ଏଥିନିମନ୍ତେ ପ୍ରତ୍ୟେକ ଅଧିକାରୀଙ୍କୁ ନଗଦ ୮୦୦୦ ଟଙ୍କା ଓ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ମର୍ଯ୍ୟାଦାଜନକ ପୁରସ୍କାରପ୍ରାପ୍ତ ଅଧିକାରୀମାନେ ହେଲେ କୋକ ଓଭନ ମେକାନିକାଲ ବିଭାଗର ଡିଜିଏମ୍ ସର୍ବଶ୍ରୀ କୃଷ୍ଣଚନ୍ଦ୍ର ବେହେରା, ଏସ୍‌ପି-୩ ଅପରେସନ ବିଭାଗର ଏଜିଏମ୍ ସୁଭାଷ ପାଟୋଡିଆ, ଓବିବିପି ମେକାନିକାଲ ବିଭାଗର ଡିଜିଏମ୍ ମାଧୋ ବାନ୍‌ରା, ବ୍ଲାଷ୍ଟ ଫର୍ଣ୍ଣେସ ଇଲେକ୍ଟ୍ରିକାଲ ବିଭାଗର ଡିଜିଏମ୍ ଏସ.ରାଜା, ଏସଏମଏସ-୨ ମେକାନିକାଲ ବିଭାଗର ଡିଜିଏମ୍ ଏସ. ମାନଝୀ, ହଟ ଷ୍ଟ୍ରିପ୍ ମିଲ୍ ଅପରେସନ ବିଭାଗର ଏଜିଏମ୍ ମାଥିଆସ ତିର୍କୀ, ନୂତନ ପ୍ଲେଟ ମିଲ ଅପରେସନ ବିଭାଗର ଡିଜିଏମ୍ ମନୋଜ କୁମାର ଷଡଙ୍ଗୀ, ହେଭି ମେଣ୍ଟେନାନ୍ସ ଇଲେକ୍ଟ୍ରିକାଲ ବିଭାଗର ଏଜିଏମ୍ ପ୍ରଶାନ୍ତ କୁମାର ବେହେରା, ପିସିସି ବିଭାଗର ଡିଜିଏମ୍ ସଞ୍ଜୟ ମହାନ୍ତି, ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗର ଡିଜିଏମ୍ ଅରୁଣ କୁମାର ବେହେରା, ଏନର୍ଜି ମ୍ୟାନେଜମେଣ୍ଟ ବିଭାଗର ଡିଜିଏମ୍ ଇନ୍‌ଚାର୍ଜ ପ୍ରଦୀପ କୁମାର ବୈଶାଖିଆ, ଟାଉନ ଇଞ୍ଜିନିୟରିଂ ଜଳଯୋଗାଣ ବିଭାଗର ଡିଜିଏମ୍ ମଙ୍ଗଲ ଓରାମ, ସି ଏଣ୍ଡ ଆଇ ଟି ବିଭାଗର ଏଜିଏମ୍ ସମରେନ୍ଦ୍ର ବେହେରା, ଅର୍ଥ ବିଭାଗର ଏଜିଏମ୍ ଏନ.କାମେଶ୍ୱର ରାଓ, ମାର୍କେଟିଂ ବିଭାଗର ଏଜିଏମ୍ ସି.ଭି. ଆପ୍ପାରାଓ, ଏମ୍‌ଏମ୍ ପ୍ରୋଜେକ୍ଟ ବିଭାଗର ଏଜିଏମ୍ ଆଲୋକ କୁମାର ବେହେରା ଏବଂ ମେଡିକାଲ ବିଭାଗର ସିନିୟର ଡେପୁଟି ଡାଇରେକ୍ଟର ଡକ୍ଟର ରାଜ୍ୟବର୍ଦ୍ଧନ ପଟ୍ଟନାୟକ ।

# ଏନ୍.ଟି.ପି.ସି କଣିହାଁ ତନଭି ସଙ୍ଗମ ପକ୍ଷରୁ ସାଇକେଲ ଓ ସ୍କୁଲ ଉପକରଣ ପ୍ରଦାନ



ତାଳଚେର,୩୧/୧(ଶ୍ରୁ.ମି): ଏନ୍.ଟି.ପି.ସି ତାଳଚେର କଣିହାଁର ତନଭି ସଙ୍ଗମ,ଲେଡିଜ୍ କ୍ଲବ ପକ୍ଷରୁ ୬୯ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସାଇକେଲ ବଣ୍ଟନ କରାଯାଇଛି । ପ୍ରକଳ୍ପର ସାମାଜିକ ଦାୟିତ୍ୱବୋଧ ଯୋଜନାରେ କଣିହାଁ ବ୍ଲକର ୧୦ଟି ବିଦ୍ୟାଳୟର ସପ୍ତମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ସାଇକେଲ ପ୍ରଦାନ କରାଯାଇଥିଲା । ସେହିପରି ଟେବୁଲ, ଚେୟାର, ଫାଇବର ଚେୟାର ଆଦି ସ୍କୁଲ ଉପକରଣ, ୱାଟର ଫିଲଟର, ଚାର୍ଜର ସହିତ ଏଲ୍.ଇ.ଡି ଟର୍ଚ୍ଚ ଲାଇଟ୍ ଆଦି ଗଣ୍ଡବେରେଣା ଉଚ୍ଚ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଏନ୍.ଟି.ପି.ସି ତାଳଚେର କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ କୁବେରଙ୍କ ଉପସ୍ଥିତିରେ ଲେଡିଜ୍ କ୍ଲବ ତନଭି ସଙ୍ଗମର ଅଧକ୍ଷା ଦିପ୍ତି କୁବେର ଏହାକୁ ବଂଟନ କରିଥିଲେ । ଏହି ଅବସରରେ ପ୍ରକଳ୍ପର ବରିଷ୍ଠ ପଦାଧିକାରୀ ଏବଂ କ୍ଲବର ସଦସ୍ୟାମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି,ତନଭି ସଙ୍ଗମ ପକ୍ଷରୁ ସ୍ଥାପିତ ଶିକ୍ଷା କେନ୍ଦ୍ର ଦ୍ୱାରା ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯିବା ସହ ବିଭିନ୍ନ ସିଏସଆର ଯୋଜନାରେ ମେଡ଼ିକାଲ ଚିକିତ୍ସା ଏବଂ ମହିଳା ସଶକ୍ତିକରଣ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।

# ପ୍ରସିଦ୍ଧ ଜୋରନ୍ଦା ମାଘ ମେଳାରେ ଇଣ୍ଡିଆନ ଅଏଲ ପକ୍ଷରୁ ବ୍ୟାପକ ନାଗରିକ ସୁବିଧା



ଭୁବନେଶ୍ୱର, ୩୧/୧(ଶ୍ରୁ.ମି.) : ଢେଙ୍କାନାଳରେ ଜୋରନ୍ଦାରେ ହେଉଥିବା ମାଘ ମେଳା ପାଇଁ ଇଣ୍ଡିଆନ ଅଏଲ ପରିମଳ, ପାନୀୟ ଜଳ, ବିଶ୍ରାମାଗାର, ମେଡିକାଲ ସୁବିଧା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଆଗେଇ ଆସିଛି । କର୍ପୋରେଟ ସାମାଜିକ ଉତରଦାୟିତ୍ୱ ଅନୁସାରେ ଏହି ପଦକ୍ଷେପ ନିଆ ଯାଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ଦିଆ ଯାଇଛି। ପ୍ରଥମ ଥର ପାଇଁ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନକୁ ସୁନିଶ୍ଚିତ କରିବାକୁ ଅନେକ ପଦକ୍ଷେପ ନେଇଛି । ମାଘ ମେଳା ପାଇଁ ଇଣ୍ଡିଆନ ଅଏଲ ପକ୍ଷରୁ ୨୦ ହଜାର ବର୍ଗ ଫୁଟର ଏକ ଅସ୍ଥାୟୀ ଆଶ୍ରୟ ସ୍ଥଳ ନିର୍ମାଣ କରାଯିବା ସହ ଏକ ଶହ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଇଛି । ସେହିପରି ଇଣ୍ଡିଆନ ଅଏଲ ପକ୍ଷରୁ ମେଡିକାଲ ସହାୟତା, ପାନୀୟ ଜଳ ସୁବିଧା, ଜେନେରେଟର, ଲାଇଟ ବ୍ୟବସ୍ଥା ଓ ମାଗଣା ଫାଷ୍ଟ ଏଡ ବ୍ୟବସ୍ଥା ଆଦି କରାଯାଇଛି । ମେଳା ସମୟରେ ଏହି ଅସ୍ଥାୟୀ ଶୌଚାଳୟ ମାନଙ୍କର ରକ୍ଷଣା ବେକ୍ଷଣ ପାଇଁ ସୁରକ୍ଷାକର୍ମୀ ଓ ସଫା ରଖିବା ପାଇଁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରା ଯାଇଛି । ଉଲ୍ଲେଖନୀୟ ଯେ ଢେଙ୍କାନାଳ ଜିଲ୍ଲାର ଜୋରନ୍ଦା ଠାରେ ମାଘ ମେଳା ଖୁବ ବଡ ଆକାରରେ ଆୟୋଜନ କରା ଯାଇଥାଏ । ଏଥିରେ ବିପୁଳ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେବା ସହିତ ହଜାର ହଜାର ସଂଖ୍ୟାରେ ସାଧୁ- ସନ୍ଥ ମାନେ ଯୋଗ ଦେଇଥାନ୍ତି । ପାଂଚ ଦିନ ଧରି ଚାଲୁଥିବା ଏହି ମାଘ ମେଳାରେ ଲକ୍ଷ ଲକ୍ଷ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥାନ୍ତି । ମହିମା ସଂପ୍ରଦାୟର ସବୁଠାରୁ ବଡ କାର୍ଯ୍ୟକ୍ରମ ହୋଇଥିବା କାରଣରୁ ଏହି ମେଳାରେ ଓଡିଶା ସମେତ, ଆସାମ, ଆନ୍ଧ୍ର ପ୍ରଦେଶ, ଛତିଶଗଡ ସମେତ ଦେଶର ଅନ୍ୟାନ୍ୟ ରାଜ୍ୟର ଭକ୍ତ ମାନେ ସାମିଲ ହୋଇଥାନ୍ତି । ଏହି ପବିତ୍ର ମେଳା ଚଳିତ ବର୍ଷ ୩୦ ଜାନୁଆରୀରୁ ଆରମ୍ଭ ହୋଇ ଫେବୃଆରୀ ୩ ଯାଏ ଚାଲିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ କି ବାତରେ ନିଜର ଆଖ ପାଖର ଅଂଚଳକୁ ସ୍ୱଚ୍ଛ ରଖିବା ଦ୍ୱାରା ନିଜକୁ ସୁସ୍ଥ ରଖିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ ପରିପ୍ରେକ୍ଷୀରେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରାଯାଇଛି । ଜୋରନ୍ଦା ମାଘ ମେଳାରେ ସ୍ୱଚ୍ଛ ଭାରତ ଅଭିଯାନର ପ୍ରୋତ୍ସାହନ ଜରିଆରେ ସ୍ୱଚ୍ଛତା ପାଇଁ ଲୋକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ରଖା ଯାଇଛି । ଇଣ୍ଡିଆନ ଅଏଲ ପକ୍ଷରୁ ଏହି ସୁବିଧାକୁ ବାବା ନିତ୍ୟାନନ୍ଦ ଓ ବାବା ରଘୁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଇଣ୍ଡିଆନ ଅଏଲର ଜିଏମ ( ଏଚଆର- ସିଏସଆର) ଦେବୀ ପ୍ରସାଦ ଶତପଥୀ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଆରଏସପି ଶ୍ରମିକ ସଂଘ ନିର୍ବାଚନ

# ବିଏମ୍‌ଏସ ସହବନ୍ଧିତ ଆରଆଇକେକେଏସ ବିପୁଳ ଭୋଟରେ ବିଜୟୀ

ରାଉରକେଲା, ୩୧।୧ (ଶ୍ରୁ.ମି) : ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ) ଦ୍ୱାରା ପରିଚାଳିତ ରାଷ୍ଟ୍ରୀୟ ଇସ୍ପାତ ଉଦ୍ୟୋଗ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନେଇ କାର୍ଯ୍ୟ କରୁଥିବା ଅନେକ ଶ୍ରମିକ ସଂଘର ସ୍ୱୀକୃତି ପାଇଁ ଗତକାଲି ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ଭାରତୀୟ ମଜଦୁର ସଂଘ ସହିତ ସହବନ୍ଧିତ ଶ୍ରମିକ ସଂଗଠନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀଙ୍କ ସଂଘ (ଆରଆଇକେକେଏସ) ବିପୁଳ ଭୋଟରେ ବିଜୟୀ ହୋଇଥିବା ଜଣାପଡିଛି । ଗତକାଲି ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ପ୍ଲାଣ୍ଟ ଭିତରେ ୧୧ଟି, ପ୍ରଶାସନିକ ଭବନ ପରିସରରେ ଗୋଟିଏ ଇସ୍ପାତ ସହରାଞ୍ଚଳର ସେକ୍ଟର -୫ ଏବଂ ଟ୍ରେନିଂ ହଷ୍ଟେଲ ଏବଂ ଆଇଜିଏଚରେ ଗୋଟିଏ ଲେଖାଏଁ ଏପରି ୧୪ଟି ବୁଥରେ ଆରଏସପିର ପ୍ରାୟ ୧୩୦୯୫ ଜଣ ଭୋଟରମାନଙ୍କ ମଧ୍ୟରୁ ୧୨୪୨୪ ଜଣ ଭୋଟର ନିଜ ନିଜ ମତଦାନ ସାବ୍ୟସ୍ତ କରିଥିଲେ । ଗତକାଲି ସକାଳ ୬ଟାରୁ ଭୋଟ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା । ସନ୍ଧ୍ୟା ପ୍ରାୟ ୯.୩୦ରେ ସେକ୍ଟର -୧୮ରେ ଥିବା ଇସ୍ପାତ ବିଦ୍ୟାଳୟ ପରିସରରେ କଡା ସୁରକ୍ଷା ମଧରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ଗୃହିତ ହୋଇଥିବା ସମୁଦାୟ ୧୨୪୨୪ଟି ଭୋଟକୁ ଯାଞ୍ଚ ପରେ ୫୨ଟି ଭୋଟ ନାକଚ ହୋଇ ଯିବା ପରେ ସମୁଦାୟ ୧୨୩୬୨ ଭୋଟ ବୈଧ ଭାବେ ଗ୍ରହଣ କରାଯାଇ ଦଳମାନଙ୍କର ଚିହ୍ନ ଅନୁଯାୟୀ ଅଲଗା କରାଯାଇଥିଲା । ଏହି ନିର୍ବାଚନରେ ସଂପ୍ରତି ଆରଏସପିରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘର ମାନ୍ୟତା ପାଇ ଆସୁଥିବା ଆରଆଇକେକେଏସ କୁ ମୋଟ ୪୮୬୧ଟି ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଆଇଏନଟିୟୁସିର ସମର୍ଥକ ରାଉରକେଲା ଶ୍ରମିକ ସଂଘ (ଆରଏସଏସ)କୁ ୩୭୩୦ଟି ଭୋଟ ମିଳିଥିଲା । ହିନ୍ଦ ମଜଦୁର ସଭାର ସମର୍ଥନରେ ନିର୍ବାଚନ ଲଢୁଥିବା ରାଉରକେଲା ମଜଦୁର ସଭା (ଆରଏମଏସ)କୁ ୯୬୫ ଟି ଭୋଟ ମିଳିଥିଲା । ସେହିପରି ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ଦଳ ଗାଙ୍ଗପୁର ମଜଦୁର ସଂଘକୁ ୨୩୫୩ ଖଣ୍ଡ ଭୋଟ ମିଳିଥିଲା । ଏଏମଏସକୁ -୪୩, ଆରଏସଏମୟୁ କୁ ୪୦, ଆରଡବ୍ଲ୍ୟୁୟୁ କୁ ୭୧, ସିଆଇଟିୟୁ କୁ ୩୦୮ ଖଣ୍ଡ ଭୋଟ ମିଳିଥିଲା । ଏହିପରି ଭାବେ ଆଇଏନଟିୟୁ ପରାଜିତ ଦଳ ଆରଏସଏସ ଠାରୁ ୧୧୩୧ ଖଣ୍ଡ ଅଧିକ ଭୋଟ ପାଇଁ ଜିଏମଏସ ସମର୍ଥିତ ଆରଆଇକେକେଏସ ବିପୁଳ ବିଜୟ ହାସଲ କରିଥିବା ଜଣାପଡିଛି । ସାଧାରଣ ନିର୍ବାଚନର ନିୟମକୁ ଦେଖିଲେ ଆରଏସପିରେ ଅନୁଷ୍ଠିତ ହୋଇଥିବା ଏହି ଶ୍ରମିକ ସଂଘ ନିର୍ବାଚନରେ ଆରଆଇକେକେଏସ, ଆରଏସଏସ ଏବଂ ଜିଏମଏମ କୁ ଛାଡି ଦେଲେ ଅନ୍ୟ କେହି ମଧ ସମୁଦାୟ ଭୋଟ ଦାନର ୧୦ ଭାଗ ଭୋଟ ମଧ ପାଇନାହାନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ଆରଆଇକେକେଏସ, ଆରଏସଏସ ଏବଂ ଜିଏମଏମକୁ ଛାଡି ଦେଲେ ଅନ୍ୟ ସମସ୍ତଙ୍କର ଅମାନତ ଜବତ ହୋଇଯାଇଛି । ଅନ୍ୟ ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଆରଆଇକେକେଏସକୁ ଛାଡି ଦେଲେ ଅନ୍ୟ ଦଳର ନେତାମାନେ ନିଜ ନିଜ ବିଭାଗରୁ ମଧ ଆବଶ୍ୟକ ସଂଖ୍ୟକ ସମର୍ଥକ ଯୋଗାଢ କରିବାରେ ମଧ ବିଫଳ ରହିଛନ୍ତି । ଅପରପକ୍ଷେ ଗତ ୨୦୧୪ରେ ଏଥିପାଇଁ ହୋଇଥିବା ନିର୍ବାଚନ ଫଳାଫଳକୁ ଯଦି ତଦନ୍ତ କରାଯାଏ ତେବେ ୨୦୧୪ରେ ଆରଆଇକେକେଏସ ମୋଟ ୭୨୩୦ ଭୋଟ ପାଇଥିବାବେଳେ ବର୍ତ୍ତମାନ ପ୍ରାୟ ୨୪୬୯ଟି ଭୋଟ କମ୍ ପାଇଥିବାବେଳେ ଆରଏସଏସ କୁ ୨୦୧୪ରେ ମାତ୍ର ୯୪୪ ଟି ଭୋଟ ମିଳିଥିବାବେଳେ ବର୍ତ୍ତମାନ ୩୭୩୦ଟି ଭୋଟ ଅର୍ଥାତ ୨୭୮୬ଟି ଭୋଟ ଅଧିକା ମିଳିଛି । ଏଠାରେ ସୂଚନାଯୋଗ୍ୟ କି ଆରଏସଏସ ଦୁଇ ଗୋଷ୍ଠିରେ ବିଭାଜିତ ହୋଇ ନିର୍ବାଚନ ଚିହ୍ନକୁ ନେଇ ବିବାଦ ହେବାରୁ ଗତ ୨୦୧୪ ନିର୍ବାଚନରେ ସେତେବେଳେ ଏମଡିଏନ ପାଣିକରଙ୍କ ଗୋଷ୍ଠୀ ବିନା ସର୍ତ୍ତରେ ବିଏମଏସର ଅର୍ଥାତ୍ ଆରଆଇକେକେଏସକୁ ସମର୍ଥନ କରିଥିବାବେଳେ ଆରଏସଏସର ପ୍ରଶାନ୍ତ ବେହେରା ନିର୍ବାଚନ ଫଳାଫଳକୁ ତର୍ଜମା କଲେ ଜଣା ପଡେ କି ଆରଏସଏସକୁ ନିଜ ଭୋଟ ନ ମିଳିଥିବାବେଳେ ଆରଆଇକେକେଏସ ସମୟାନୁକ୍ରମେ ନିଜ ଭୋଟକୁ ବୃଦ୍ଧି କରିପାରିଛି । ସବୁଠାରୁ ବଡ ଆଶ୍ଚର୍ଯ୍ୟର ବିଷୟ କି ଯେ ଗତଥର ମୋଟ ୨୬୬୬ ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ବିଧାୟକ ଜର୍ଜ ତିର୍କୀଙ୍କ ଦଳ ଜିଏମଏସ ବର୍ତ୍ତମାନ ୩୧୩ ଖଣ୍ଡ କମ ଭୋଟ ପାଇ ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି । ଆରଏସପି ସ୍ଥାପନାଠାରୁ ପ୍ରାୟ ଦୀର୍ଘ ୪୦ ବର୍ଷ ଧରି ଏକଛତ୍ରବାଦୀ ଶାସନ ଭାବେ ଆରଏସପି ସ୍ୱକୃତୀପ୍ରାପ୍ତ ଶ୍ରମିକ ସଂଗଠନମାନେ ଦାୟିତ୍ୱରେ ଥିବା ଏଚଏମଏସ ସମର୍ଥନ ଦଳ ଆରଏମଏସ ଗତ ୨୦୧୪ ନିର୍ବାଚନରେ ୧୮୮୫ଟି ଭୋଟ ପାଇଥିବା ବେଳେ ବର୍ତ୍ତମାନ ୨୦୧୮ରେ ୯୨୦ଟି ଭୋଟ କମ ପାଇଛନ୍ତି । ଅନ୍ୟ ଦଳ ମାନଙ୍କ କଥା ନ କହିବା ଭଲ । ଏହି ନିର୍ବାଚନ ପରେ ସେମାନେ ନିଜର ସ୍ଥିତିକୁ ନେଇ ଆତ୍ମସମୀକ୍ଷା କରିବା ପାଇଁ ବାଧ ହୋଇଛନ୍ତି ।

## ଏହା ଇସ୍ପାତ ଶ୍ରମିକମାନଙ୍କ ବିଜୟ : ହିମାଂଶୁ



ଆରଏସପିର ଶ୍ରମିକମାନଙ୍କ ସଂଘ ପାଇଁ ହୋଇଥିବା ସ୍ୱୀକୃତି ନିର୍ବାଚନରେ ବିଜୟୀ ହୋଇଥିବା ଆରଆଇକେକେଏସର ସାଧାରଣ ସଂପାଦକ ହିମାଂଶୁ ବଳ 'ଶ୍ରୁତି'କୁ ଦେଇଥିବା ସାକ୍ଷାତକାରେ ଏହି ବିଜୟ ଇସ୍ପାତ ଶ୍ରମିକଙ୍କ ବିଜୟ ସହିତ ସତ୍ୟ, ନ୍ୟାୟ ଓ ଧର୍ମର ବିଜୟ ବୋଲି କହିବା ସହିତ ଅନୈତିକ ଉପାୟ ଅବଲମ୍ବନ କରି ବିଜୟ ହାସଲ କରିବା ପାଇଁ ଚେଷ୍ଟା କରିଥିବା ଦଳମାନଙ୍କୁ ସଚେତନ ଭୋଟରମାନଙ୍କ କଡା ଜବାବ ବୋଲି କହିଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଆସନ୍ତା ୪ତାରିଖରେ 'ସକ୍ଷମ ସାଇକ୍ଲୋଥନ'ର ଶୁଭ ଉଦ୍‌ଘାଟନ

ଭୁବନେଶ୍ୱର, ୩୧/୧(ଶ୍ରୁ.ମି.) : କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ସକ୍ଷମ ସାଇକ୍ଲୋଥନ, ଭୁବନେଶ୍ୱର ବ୍ୟାନରରେ ଅଭିନବ ସାଇକ୍ଲୋଥନ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୪ ତାରିଖ ୨୦୧୮ରେ ପ୍ରାତଃ ୫ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଆଜି ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ତୈଳ କଂପାନୀଗୁଡ଼ିକର ରାଜ୍ୟ ସଂଯୋଜକ ଶ୍ରୀ ପ୍ରୀତିଶ ଭରତ, ପିସିଆରଏର ସହ ନିର୍ଦ୍ଦେଶକ ଶ୍ରୀ ଦେବାଶୀଷ ରଣସିଂହ, ଗେଲର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଏସ କେ ପାଠକ, ବିପିସିଏଲର ଷ୍ଟେଟ ହେଡ (ଆର) ଶ୍ରୀ ଦେବାଶୀଷ ପାଲିତ, ଏଚପିସିଏଲ ର ସିଆରଏମ(ଆର) ଶ୍ରୀ ଅଭୟଙ୍କର ଦାସ, ଆଇଓସିଏଲ ର ଡିଜିଏମ (ଟିସ) ଶ୍ରୀ ମନୋଜ ସିହ୍ନା, ଓଆଇଏଲ ର ପ୍ରବନ୍ଧକ ଶ୍ରୀ ଅନୁପ ମହାନ୍ତି ଙ୍କ ଉପସ୍ଥିତିରେ ଏହି ସନ୍ଦେଶ ଦେଇଥିଲେ ଯେ, ଏହି 'ସକ୍ଷମ ସାଇକ୍ଲୋଥନ' ଭୁବନେଶ୍ୱର କାର୍ଯ୍ୟକ୍ରମ ୩ ଟି ବିଭାଗ ଅନୁଯାୟୀ ଆୟୋଜନ କରାଯିବ- ୩୩ କିମି ପେଷାଦାର ରେସ (ପୁରୁଷ ବର୍ଗ), ୨୨ କିମି ପେଷାଦାର ରେସ୍ (ମହିଳା ବର୍ଗ) ଏବଂ ୧୧ କିମି ସାଧାରଣ ରେସ୍ । ସମସ୍ତ ବର୍ଗଙ୍କ ପାଇଁ ଏଠାରେ ନିଶୁଳ୍କ ପ୍ରବେଶର ସୁବିଧା ଉପଲବ୍ଧ କରାଯାଇଛି । ସମସ୍ତ ପ୍ରତିଯୋଗୀ ସେମାନଙ୍କର ନିଜସ୍ୱ ସାଇକେଲ ଆଣିବା ପାଇଁ ଅନୁରୋଧ କରାଯାଇଛି । ସମସ୍ତ ପ୍ରତିଯୋଗୀଙ୍କୁ ମାଗଣା କିଟ୍ ପ୍ରଦାନ କରାଯିବ ଯେଉଁଥିରେ ଟି-ସାର୍ଟ, ହେଲମେଟ୍, ରିଷ୍ଟବ୍ୟାଣ୍ଡ ଏବଂ ବ୍ୟାଗ୍‌ପ୍ୟାକ୍ ଆଦି ଉପଲବ୍ଧ କରାଯାଇଛି । ସାଇକ୍ଲୋଥନ କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମ ରୁ ଆରମ୍ଭ ହେବ । ସାଇକେଲ ଚଳାଇବା ପାଇଁ ରୁଟ୍-ହେଉଛି, କଳିଙ୍ଗ ଷ୍ଟାଡିୟମ-ରାମ ମନ୍ଦିର-ଶିଶୁଭବନ ଛକ- କଳିଙ୍ଗ ଷ୍ଟାଡିୟମ । ଲକି ଡ୍ର ମାଧ୍ୟମରେ ପ୍ରଥମ ୫୦ ଭାଗ୍ୟଶାଳୀ ବିଜୟୀ ପ୍ରତିଯୋଗୀଙ୍କୁ ସାଇକେଲ ପୁରସ୍କାର ଦିଆଯିବ । ୩୩ କିମି ପେଷାଦାର ରେସ (ପୁରୁଷ ବର୍ଗ)ରେ ୧,୨୫,୦୦୦/- , ୭୫,୦୦୦/- ଏବଂ ୫୦,୦୦୦ ନଗଦ ରାଶି ପୁରସ୍କାର ଯଥାକ୍ରମେ ୧ମ, ୨ୟ ଏବଂ ୩ୟ ଭାଗ୍ୟଶାଳୀ ବିଜୟୀ ପ୍ରତିଯୋଗୀଙ୍କୁ ଦିଆଯିବ । ସେହିପରି ୨୨ କିମି ପେଷାଦାର ରେସ୍ (ମହିଳା ବର୍ଗ) ରେ ପ୍ରଥମ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ୧,୦୦,୦୦୦/- ଟଙ୍କା ରାଶି, ୨ୟ ସ୍ଥାନ ହାସଲ କରିବା ପ୍ରତିଯୋଗୀଙ୍କୁ ୫୦,୦୦୦ ଟଙ୍କା ରାଶି ଏବଂ ୩ୟ ସ୍ଥାନ ହାସଲ କରିବା ପ୍ରତିଯୋଗୀଙ୍କୁ ୪୦ ହଜାର ଟଙ୍କା ରାଶି ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି । ଏହି ସାଇକ୍ଲୋଥନରେ ଭାଗ ନେବା ପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ବୁକ ମାଇ ସୋ ମାଧ୍ୟମରେ ଅନଲାଇନରେ ପଞ୍ଜୀକରଣ କରିପାରିବେ ଏବଂ ଅଫଲାଇନରେ ଭୁବନେଶ୍ୱରର ୯ଟି ପେଟ୍ରୋଲ ପଂପ୍‌ରେ ଯେପରିକି, ୧- ଚନ୍ଦ୍ରଶେଖରପୁରର କୋକୋ ବିପିସିଏଲ, ୨- ବିପିସିଏଲର ମାର୍କେଟ ବିଲ୍ଡିଂ ସ୍ଥିତ ରାଜଧାନୀ ସର୍ଭିସ ଷ୍ଟେସନ, ୩- ଆଇଓସିଏଲ କୋକୋ ରାଜଭବନ, ୪- ଜୟ ଅଟୋ, ବିପିସିଏଲ, କଳ୍ପନା ଛକ, ୫- ତୃପ୍ତି ସର୍ଭିସ ଷ୍ଟେସନ, ଆଇଓସିଏଲ, ବାଣୀବିହାର, ୬-କଳସୀ ସର୍ଭିସ ଷ୍ଟେସନ, ଏଚପିସିଏଲ, ରାମ ମନ୍ଦିର, ୭- ହାଇୱେ ସର୍ଭିସ ସେଂଟର, ଏଚପିସିଏଲ, ବରମୁଣ୍ଡା, ୮- ଲିଙ୍ଗରାଜ ଆଇଓସି, ନୂଆଗାଁ, ଏବଂ ୯- ତ୍ରିଷ୍ଣା, ଏଚପିସିଏଲ, ପଟିଆ, ବିଗବଜାର ସମ୍ମୁଖ । ସକ୍ଷମ ହେଉଛ ପେଟ୍ରୋଲିୟମ କଂଜର୍ଭେସନ ରିସର୍ଚ ଆସୋସିଏସନ (ପିସିଆରଏ) ଓ ତୈଳ ଶିଳ୍ପ ଗୁଡ଼ିକ ଦ୍ୱାରା ମିଳିତ ଭାବେ ଆୟୋଜନ କରା ଯାଉଥିବା ବାର୍ଷିକ କାର୍ଯ୍ୟକ୍ରମ । ଏହାର ମୁଖ୍ୟ ଉଦ୍ଦେଶ୍ୟ ତୈଳ ଓ ଗ୍ୟାସର ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରିବା । ଏହି ଅବଧିରେ ପରିବହନ, ଶିଳ୍ପ, କୃଷି ଓ ପରିବାର ମାନଙ୍କରେ ଇନ୍ଧନ ସଂରକ୍ଷଣର ବାର୍ତ୍ତା ଦେବାକୁ ବିଭିନ୍ନ କାର୍ଯ୍ୟକ୍ରମ କରା ଯାଇ ଥାଏ । ୧୬ ଜାନୁଆରୀରେ ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ଏସସି ଜମୀର ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ପାରମ୍ପାରିକ ଜୀବାଶ୍ମ ଆଧାରିତ ଇନ୍ଧନ ଉପରେ ନିର୍ଭରତାକୁ କମ କରିବାକୁ ସମଗ୍ର ବିଶ୍ୱରେ ପ୍ରୟାସ ଚାଲିଛି । ଭାରତରେ ମଧ୍ୟ ଏହାର ବିକଳ୍ପ ନେଇ ସନ୍ଧାନ ଚାଲିଛି । ସାଇକେଲ ଚାଳନାକୁ ଏଭଳି ଏକ ବିକଳ୍ପ ଭାବେ ଦେଖା ଯାଉଛି ଯାହା ଆର୍ଥିକ ଦୃଷ୍ଟିରୁ ସବୁଠାରୁ ଭଲ ବିକଳ୍ପ । ଏହା ଦ୍ୱାରା ଯେ କେବଳ ଯେ ଆମର କାର୍ବନ ଫୁଟ ପ୍ରିଂଟକୁ କମ କରିବାରେ ସହାୟକ ହେବ ତା ନୁହେଁ ଏହା ଦ୍ୱାରା ସୁସ୍ଥ ଜୀବନଶୈଳୀ ଆଡକୁ ଆମକୁ ନେଇ ପାରିବ । 'ସକ୍ଷମ ମହୋତ୍ସବ'ର ଗୁରୁତ୍ୱକୁ ବୁଝି ଓ ଏଭଳି ଅଭିଯାନକୁ ଆଗକୁ ନେବା ପାଇଁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ଅଏଲ ଇଣ୍ଡିଆ, ଏନଆରଏଲ, ଗେଲ, ଓଏନଜିସି,ଏମଆରପିଏଲ, ସିପିସିଏଲ ପିସିଆରଏ ଗାଇଡଲାଇନ ଅନୁସାରେ ସ୍ୱାସ୍ଥ୍ୟ, ପରିବେଶ ଓ ପେଟ୍ରୋଲିୟମ ଉତ୍ପାଦର ସଂରକ୍ଷଣ ପାଇଁ ଏକ ଆନ୍ଦୋଳନ ଭାବେ ସାଇକ୍ଲିଂକୁ ନେବାକୁ ସଚେତନତା ସୃଷ୍ଟି କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ମନ କି ବାତ କାର୍ଯ୍ୟକ୍ରମରେ ସପ୍ତାହରେ ଗୋଟିଏ ଦିନ ପେଟ୍ରୋଲ- ଡିଜେଲ ବ୍ୟବହାର ନ କରି ଇନ୍ଧନ ସଂରକ୍ଷଣ କରି ରାଷ୍ଟ୍ର ନିର୍ମାଣରେ ଅବଦାନ କରି ପାରିବେ ବୋଲି କହିଥିଲେ । ଏହି ଆଧାରରେ ସାଇକ୍ଲୋଥନର ଯୋଜନା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାଗରିକ ମାନଙ୍କ ମଧ୍ୟରେ ଇନ୍ଧନ ଆମଦାନୀକୁ କମ କରି ବିଦେଶୀ ମୁଦ୍ରା ସଂଚୟ କରିବାକୁ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି ।




# ସ୍ଥାନୀୟ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ବାଳକ ତାନିସ୍କ ଗଭାଟେଙ୍କ ଅପରାଜିତ ୧୦୪୫ ରନ୍



ମୁମ୍ବାଇ, ୩୧/୧ (ଏଜେନ୍ସି) : ମୁମ୍ବାଇର ୧୪ ବର୍ଷୀୟ ବାଳକ ତନିସ୍କ ଗଭାଟେ ନାଭି ମୁମ୍ବାଇରେ ଏକ ସ୍ଥାନୀୟ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ୧୦୪୫ ରନ୍ କରି ବିରଳ ରେକର୍ଡ କରିଛନ୍ତି । ଯଶଓ୍ୱନ୍ତ ରାଓ ଚୌହ୍ୱାନ ଇଂରାଜୀ ମାଧ୍ୟମ ସ୍କୁଲ୍‌ର ପଡ଼ିଆରେ ଅନୁଷ୍ଠିତ ଏକ ସେମିଫାଇନାଲ୍ ମ୍ୟାଚ୍‌ରେ ସେ ଏଭଳି ବିସ୍ଫୋରକ ବ୍ୟାଟିଂ କରି ବିଶାଳ ସ୍କୋର କରିଛନ୍ତି । ଏଥିମଧ୍ୟରେ ୧୪୯ଟି ଚୌକା ଓ ୬୭ଟି ଛକା ସାମିଲ୍ ରହିଛି ।

ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

ପୌରାଣିକ ଓ ଐତିହ୍ୟର ପୀଠ



"ବ୍ୟାସ ସରୋବର ମହୋତ୍ସବ-୨୦୧୮"
ଉପଲକ୍ଷ୍ୟେ ବ୍ୟାସନଗର ସହରର ସମସ୍ତ
ଜନସାଧାରଣ ଓ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା

ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପୁରାତନ ଐତିହ୍ୟ ପୀଠ ବ୍ୟାସ ସରୋବରର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇ ସହର ଓ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଅଛି । ବ୍ୟାସନଗର ପୌର ପରିଷଦ ତରଫରୁ ଆପଣମାନଙ୍କୁ ମହୋତ୍ସବ (ତା ୨୭/୦୧/୨୦୧୮ ରିଖ ଠାରୁ ତା ୦୬/୦୨/୨୦୧୮ ରିଖ) ଅବସରରେ ସ୍ୱାଗତ କରାଯାଉଅଛି ।

| | | |
|---|---|---|
| ଶ୍ରୀଯୁକ୍ତ ମୋହନ ଚରଣ ଜେନା | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ | ଶ୍ରୀମତୀ ସବିତା ରାଉତ |
| ନିର୍ବାହୀ ଅଧିକାରୀ | ଉପ-ନଗରପାଳ | ନଗରପାଳ |
| ବ୍ୟାସନଗର ପୌର ପରିଷଦ | ବ୍ୟାସନଗର ପୌର ପରିଷଦ | ବ୍ୟାସନଗର ପୌର ପରିଷଦ |

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com

Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର